

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୩ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 OCTOBER 2022

Vol.No. 33 ■ No. 265 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କେରଳରେ ଚାଞ୍ଚଲ୍ୟ : ଦୁଇ ମହିଳାଙ୍କୁ ଗଳାକାଟି ହତ୍ୟା




ନୂଆଦିଲ୍ଲୀ, ୧୨/୧୦ : ଘରେ ଧନ-ସମ୍ପତି ବୃଦ୍ଧି ପାଇଁ ଟପିଗଲେ ସବୁ ସୀମା । ଦେଲେ ଦୁଇ ମହିଳାଙ୍କ ନରବଳି । କେରଳର ପଥନମଥିତ ଜିଲ୍ଲାର ତିରୁଭଲ୍ଲାରୁ ଆସିଛି ଏମିତି ଏକ ଛାତିଥରା ଘଟଣା । ଏଭଳି ଏକ ଚରମ ହତ୍ୟାକାଣ୍ଡ ଭିଆଇଛନ୍ତି ଏକ ଦମ୍ପତି । ହତ୍ୟା ପଛର ମାଷ୍ଟର ମାଇଣ୍ଡ ହେଉଛି ରଶିଦ୍ ଓରଫ ମହମ୍ମଦ ଶଫି । ଶଫି ଜଣେ ସଇତାନ ତାନ୍ତ୍ରିକ । ଆର୍ଥିକ ସଂକଟ ଦେଇ ଗତି କରୁଥିବା ଦମ୍ପତି ଭଗୱଲ ସିଂ ଓ ତା' ପତ୍ନୀ ଲୈଲାଙ୍କ ସଂସ୍ପର୍ଶରେ ଶଫି । ଘରେ କିପରି ଧନ ବଢ଼ିବ, ତାକୁ ନେଇ ଚିନ୍ତିତ ଥିଲେ ଦମ୍ପତି । ଏହି ସମୟରେ ଶଫିର ସଂସ୍ପର୍ଶରେ ଆସିଥିଲେ ଦମ୍ପତି । ଶଫି ତା'ର ଫେକ ଫେସବୁକ୍ ଆକାଉଂଟରେ ଭଗୱଲ ଓ ଲୈଲା ସହ ଯୋଗାଯୋଗ କରିଥିଲା । ଏହି ଦମ୍ପତି 'ନରବଳି'ରେ ଖୁବ୍ ବିଶ୍ୱାସ ରଖନ୍ତି । ଶଫିର କଥାରେ ପଡ଼ି ଦମ୍ପତି ଦୁଇ ମହିଳାଙ୍କୁ ନରବଳି ଦେବାକୁ ନିଷ୍ପତି ନେଲେ । ନରବଳିର ଶିକାର ହୋଇଥିବା ଦୁଇ ମହିଳା ହେଉଛନ୍ତି ପଦ୍ମା ଓ ରୋଜଲି । ଦୁହେଁ ପେସାରେ ଲଟେରୀ ଟିକେଟ୍ ବିକ୍ରେତା । ଦୁଇ ମୃତ ମହିଳାଙ୍କ ବୟସ ପାଖାପାଖି ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଜଣେ ମହିଳା ଚଳିତ ବର୍ଷ ଜୁନ୍ ମାସରେ ନିଖୋଜ ଥିବା ବେଳେ ଅନ୍ୟଜଣେ ମହିଳା ଚଳିତ ବର୍ଷ ସେପଟ୍ମେରରୁ ନିଖୋଜ ଥିଲେ । ଦମ୍ପତି ଦୁଇ ମହିଳାଙ୍କୁ ଅପହରଣ କରି ଘରେ ଥିବା ଖଟରେ ବାନ୍ଧି ପକାଇଥିଲେ । ପ୍ରଥମେ ସେମାନେ ମହିଳାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ । ଆଉ ପରେ ଗଳା କାଟି ଦେଇଥିଲେ । ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡ ଖଣ୍ଡ କରି ତିନୋଟି ଅଲଗା ଅଲଗା ସ୍ଥାନରେ ପୋତି ଦେଇଥିଲେ । ତଦନ୍ତ ପରେ ପୋଲିସ୍ ଖଣ୍ଡବିଖଣ୍ଡିତ ମୃତଦେହକୁ ଉଦ୍ଧାର କରିଥିଲା ଏବଂ ଏହାକୁ ନରବଳିର ଆଖ୍ୟା ଦେଇଥିଲା । ବଡ଼ କଥା ହେଉଛି, ଦମ୍ପତି ନିଜକୁ ଯୌବନ ରଖିବା ପାଇଁ ମଣିଷ ମାଂସ ଖାଉଥିଲେ ବୋଲି ଜଣାପଡ଼ିଛି । ସେପଟେ ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଛି । କାରଣ ମୁଖ୍ୟ ଅଭିଯୁକ୍ତର ଲିଙ୍କ୍ କୁଆଡ଼େ ଶାସକ ଦଳ ଥିବା ଅଭିଯୋଗ ଆସିଛି । ନରବଳି ଦେବା ଅଭିଯୋଗରେ କେରଳ ପୋଲିସ୍ ତିନି ଜଣଙ୍କୁ ଗିରଫ କରି ୧୪ ଦିନିଆ ରିମାଣ୍ଡରେ ନେଇଛି । ସେପଟେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଅପରାଜିତା ଷଡ଼ଙ୍ଗୀ ଆଇପିୟୁ କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚିତ



ଭୁବନେଶ୍ୱର, ୧୨/୧୦(ନି.ପ୍ର): ବିଜେପିର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସମ୍ମାନଜନକ ଇଂଟର ପାର୍ଲାମେଂଟାରୀ ୟୁନିଅନ(ଆଇପିୟୁ) କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ଆଇପିୟୁର ୧୫ଜଣିଆ କାର୍ଯ୍ୟନିର୍ବାହୀ କମିଟିକୁ ଶ୍ରୀମତୀ ଷଡ଼ଙ୍ଗୀ ଭାରତର ପ୍ରତିନିଧିତ୍ୱ କରିବେ । ରାୱାଣ୍ଡାର କିଗାଲିଠାରେ ହୋଇଥିବା ଏହି ନିର୍ବାଚନରେ ଅପରାଜିତାଙ୍କ ସପକ୍ଷରେ ୧୮ରୁ ୧୨ଟି ଭୋଟ୍ ପଡ଼ିଥିଲା । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ନିର୍ବାଚନରେ ବିଜୟୀ ହେବା ନେଇ ଅପରାଜିତାଙ୍କୁ ଆଖିଦୃଶିଆ ବ୍ୟବଧାନରେ ବିଜୟୀ ହୋଇଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ଏହି ପ୍ରତିଷ୍ଠିତ ସଂସ୍ଥାର ସଦସ୍ୟ ଭାବେ ଅପରାଜିତା ସଫଳତାର ସହ କାର୍ଯ୍ୟ କରିବେ ବୋଲି ସେ କାମନା କରିଛନ୍ତି । ସେହିପରି ଏହି ସମ୍ମାନଜନକ ପଦବୀ ନିମନ୍ତେ ତାଙ୍କୁ ମନୋନୀତ କରି ପଠାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ନିର୍ବାଚନରେ ବିଜୟ ହେଉଛି ସମଗ୍ର ଭାରତର ବିଜୟ । ଆଉ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଗର୍ବର କଥା । ସୂଚନାଯୋଗ୍ୟ, ଗତ ୨୦ବର୍ଷ ଧରି ଏହି କମିଟିରେ କୌଣସି ଭାରତୀୟଙ୍କ ପ୍ରତିନିଧିତ୍ୱ ନଥିଲା । କମିଟିରେ ଶେଷ ଭାରତୀୟ ଭାବେ ନଜମା ହେପତୁଲ୍ଲା କାର୍ଯ୍ୟ କରିବେ । ବିଶ୍ୱର ୧୯୦ଟି ସଂସଦ ମଧ୍ୟରୁ ଆଇପିୟୁରେ ୧୭୮ଟି ସଂସଦର ସଦସ୍ୟ ଅଛନ୍ତି । ଏହାର ସ୍ଥାପନା ୧୮୮୭ ମସିହାରେ ହୋଇଥିଲା । ସଂସଦ ଓ ସାଂସଦଙ୍କ ମଧ୍ୟରେ ସମଗ୍ର ବିଶ୍ୱରେ ଶାନ୍ତି, ଗଣତନ୍ତ୍ର ଓ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହାର ଗଠନ ହୋଇଥିଲା ।

## ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨/୧୦(ନି.ପ୍ର): କିମ୍ବଦନ୍ତୀ ଗାୟକ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର କିମ୍ବଦନ୍ତୀ ଗାୟକ, ସଙ୍ଗୀତଜ୍ଞ ତଥା ଶତାଧିକ ଓଡ଼ିଆ ଗଳ୍ପ, କବିତା, ଗୀତ, ଉପନ୍ୟାସର ଅନନ୍ୟ ସ୍ରଷ୍ଟା ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ସମାଜର ସମସାମୟିକ ସ୍ଥିତି ଓ ବାସ୍ତବ ଚରିତ୍ରକୁ ନେଇ ସଂଗୀତ ରଚନା ସହ ପରିବେଷଣ ଶୈଳୀ ଏବଂ ଓଡ଼ିଆ ସାହିତ୍ୟରେ ତାଙ୍କ କାଳଜୟୀ ସୃଜନ ସୃଷ୍ଟି ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।

## ବିଶ୍ୱ ଅର୍ଥନୀତିକୁ ନେଇ ସତର୍କ କଲା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆଇଏମ୍ଏଫ

ନୂଆଦିଲ୍ଲୀ, ୧୨/୧୦ : ମାନ୍ଦାବସ୍ଥା ମୁହାଁ ବିଶ୍ୱ ଅର୍ଥନୀତି ! ବିଶ୍ୱ ଅର୍ଥନୀତିକୁ ନେଇ ସତର୍କ କରିଛି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମ୍ଏଫ୍ । ଆଇଏମ୍ଏଫ୍ କହିଛି, ବିଶ୍ୱ ଅର୍ଥନୀତି ପାଇଁ ଆଗକୁ ଆହୁରି ଖରାପ ସମୟ ଆସୁଛି । ଏପଟେ ଭାରତର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇବ ବୋଲି କହିଛି ଆଇଏମ୍ଏଫ୍ । ଜୁନ ମାସରେ ଭାରତର ଜିଡିପି ଅଭିବୃଦ୍ଧି ୨୦୨୨ ମସିହାରେ ୭.୪ ପ୍ରତିଶତ ଆକଳନ କରାଯାଇଥିଲା । ତେବେ ଏଥିରେ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରିଛି ଆଇଏମଏଫ୍ । ଆନୁଆଲ ୱାର୍ଲ୍ଡ ଇକୋନମିକ୍ ଆଉଟଲୁକ୍ ରିପୋର୍ଟରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୮ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ସେହିପରି ୨୦୨୩ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୬.୧ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରିଛି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି । ତେବେ ବିଶ୍ୱ ବ୍ୟାଙ୍କର ଦକ୍ଷିଣ ଏସିଆ ମୁଖ୍ୟ ଅର୍ଥନୀତିଜ୍ଞ କହିଛନ୍ତି, ଅନ୍ୟ ଦେଶ ତୁଳନାରେ ଭାରତର ସ୍ଥିତି ଭଲ ଅଛି । ସେ କହିଛନ୍ତି, କରୋନା ମହାମାରୀ ବେଳେ ଭାରତ ସରକାର ବଳିଷ୍ଠ ପଦକ୍ଷେପ ନେଇଥିବାରୁ ଏହାର ସୁଫଳ ମିଳିଛି ।

## ଧାମନଗର ଉପନିର୍ବାଚନ : ପ୍ରାର୍ଥୀ ଘୋଷଣା କଲେ ୩ ପ୍ରମୁଖ ଦଳ



ଭୁବନେଶ୍ୱର, ୧୨/୧୦(ନି.ପ୍ର): ଆସନ୍ତା ନଭେମ୍ବର ୩ ତାରିଖରେ ଧାମନଗର ବିଧାନସଭା ପାଇଁ ଉପନିର୍ବାଚନ ହେବ। ଏଥି ପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛନ୍ତି। ଉପନିର୍ବାଚନ ପାଇଁ ଗତ ୯ ତାରିଖ ଦିନ ଭାରତୀୟ ଜନତା ପାର୍ଟି (ବିଜେପି) ନିଜର ପ୍ରାର୍ଥୀ ଘୋଷଣା କରିଥିଲା ବେଳେ ଆଜି କଂଗ୍ରେସ ଓ ଶାସକ ବିଜେଡି ଦଳ ନିଜର ପ୍ରାର୍ଥୀଙ୍କୁ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ କରାଇଛନ୍ତି। ତିନି ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ପରେ ବର୍ତମାନ ରାଜ୍ୟ ରାଜନୀତି ସରଗରମ ହୋଇଛି। ପ୍ରାର୍ଥୀ ସ୍ପଷ୍ଟ ହେବା ପରେ ୩ ଦଳର କର୍ମକର୍ତାଙ୍କ ମଧ୍ୟ ଉତ୍ସାହ ଦେଖାଦେଇଛି। ବିଜେପି ପ୍ରଚାର ଆରମ୍ଭ କରିସାରିଥିବା ବେଳେ ପ୍ରାର୍ଥୀପତ୍ର ଦାଖଲ ପରେ ବିଜେଡି ଓ କଂଗ୍ରେସର ପ୍ରଚାର ଜୋରଦାର ହେବ ବୋଲି ଜଣାପଡିଛି। ଧାମନଗର ଉପନିର୍ବାଚନ ପାଇଁ ବିଜେପି ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରାର୍ଥୀ କରିଛି । ସୂର୍ଯ୍ୟବଂଶୀ ସୂରଜ ନିଜର ନାମାଙ୍କନ ପତ୍ର ଦାଖଲ କରିସାରିଥିଲା ବେଳେ ପ୍ରଚାର ଆରମ୍ଭ କରିଦେଇଛନ୍ତି। ସେହିପରି ଆଜି ବାବା ହରେକୃଷ୍ଣ ସେଠୀଙ୍କୁ କଂଗ୍ରେସର ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେଡିର ପ୍ରାର୍ଥୀ ଭାବେ ଅବନ୍ତୀ ଦାସଙ୍କୁ ମଇଦାନକୁ ଓହ୍ଲାଇଛି ।

▶▶ପୃଷ୍ଠା ୭

## ଆବାସିକ ପ୍ରମାଣପତ୍ର ପାଇଁ ୩୦ ହଜାର ଟଙ୍କା ଲାଂଚ ନେଇ ଧରାପଡିଲେ ଡିଇଓ

ଭୁବନେଶ୍ୱର, ୧୨/୧୦(ନି.ପ୍ର): ଆବାସିକ ପ୍ରମାଣପତ୍ର ପ୍ରଦାନ ପାଇଁ ୩୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡିଛନ୍ତି ଜଣେ ଡିଇଓ। ନୂଆପଡା ଜିଲ୍ଲା ଖଡିଆଳ ତହସିଲ ଅଫିସ୍ ର ଡିଇଓ ଭୋଳା ମହେଶ୍ୱର ଦଣ୍ଡସେନାଙ୍କୁ ଭିଜିଲାନ୍ସ ଗିରଫ କରିଛି। ସୂଚନା ଅନୁଯାୟୀ, ଖଡିଆଳ ଥାନା ରାନିମୁଣ୍ଡା ଗାଁର ୧୫ ଜଣ ଆବାସିକ ପ୍ରମାଣ ପତ୍ର ପାଇଁ ଅନଲାଇନ ଆବେଦନ କରିଥିଲେ। ଯାହାକୁ ତହସିଲ ଅଫିସରେ ଅନୁମୋଦନ କଲା ପରେ ମିଳିଥାଏ। ପ୍ରମାଣପତ୍ର ଦେବା ଲାଗି ଜଣକୁ ୨ ହଜାର ଟଙ୍କା ଲେଖାଏଁ ଦାବି କରିଥିଲେ ଡିଇଓ। ଯାହାକୁ ନେଇ କୋରାପୁଟ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ରାନିମୁଣ୍ଡା ଗାଁର ନିତ୍ୟାନନ୍ଦ ହିଆଲ। ବୁଧବାର ଯୋଜନା ବଦ୍ଧ ଭାବେ ଟଙ୍କା ନେବା ସମୟରେ ୩୦ ହଜାର ଟଙ୍କା ସହ ଧରିଥିଲା ଭିଜିଲାନ୍ସ।

## ଅବକାରୀ ବିଭାଗ ଦ୍ୱାରା ୮୦୦ ଗ୍ରାମ ବ୍ରାଉନ୍ସୁଗର ଜବତ୍ : ୨ ବାଇକ୍ ସହ ୩ ଗିରଫ



ଜଳେଶ୍ୱର, ୧୨/୧୦(ନି.ପ୍ର): ପଶ୍ଚିମବଂଗରୁ ଜଳେଶ୍ୱର ଅଭିମୁଖେ ଆସୁଥିବା ୨ଟି ବାଇକ୍‌ରେ ପ୍ରାୟ ୮୦୦ ଗ୍ରାମର ବ୍ରାଉନ୍ ସୁଗରକୁ ଅବକାରୀ ବିଭାଗ ଆଜି ଜବତ୍ କରିଥିବାର ଜଣାଯାଇଛି । ଏଥିରେ ୨ଟି ବାଇକ୍ ସହିତ ୩ଜଣଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ପଶ୍ଚିମବଗରୁ ଓଡିଶାକୁ ବିଭିନ୍ନ ରାସ୍ତାରେ ବ୍ରାଉନ୍ସୁଗର ଆସୁଥିବା ବେଳେ ଆଜି ଏଥିନେଇ ଅବକାରୀ ବିଭାଗ ପକ୍ଷରୁ କେତେକ ସ୍ଥାନରେ ଜାଲ ବିଛାଯାଇଥିଲା । ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପଥ ହେଟେଲ ନିକଟରେ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ଓ ଅବକାରୀ ବିଭାଗର କର୍ମଚାରୀ ଜଗିଥିବା ବେଳେ ଓଡି୦୧ଏଚ୍-୪୯୫୧ ହିରୋ ବାଇକ୍‌ରେ ଜଣେ ମହିଳା ସହିତ ଅନ୍ୟ ଜଣେ ଯୁବକକୁ ଗିରଫ କରିଛି । ସେମାନଙ୍କ ଠାରୁ ୪୮୦ ଗ୍ରାମର ବ୍ରାଉନ୍ସୁଗର ଜବତ୍ ହୋଇଥିବା ବେଳେ ଯୁବତୀର ନାମ ଅନିତା ବାରିକ (୨୨) ଓ ଯୁବକ ଜଣକ ଶୁଭାରୁଦ୍ଦିନ ଓରଫ ମୁନା (୨୮) ବୋଲି ଜଣା ଯାଇଛି । ସେହିପରି ୫୭ ରାଜ୍ୟ ରାଜପଥର କମର୍ଦ୍ଦା ଥାନା ଅନ୍ତର୍ଗତ ବାରମାଇଲ ନିକଟରୁ ଦିବାକର ନାୟକ (୨୩)ଙ୍କୁ ଏକ ହିରୋ ବାଇକ୍‌ରେ ଗଲାବେଳେ ୩୨୦ ଗ୍ରାମ ବ୍ରାଉନ୍ ସୁଗର ସହିତ ଏକ ବାଇକ୍‌କୁ ଅବକାରୀ ବିଭାଗ ଜବତ୍ କରିଥିବା ଜଣାଯାଇଛି । ଏ ସମ୍ପର୍କରେ ଅବକାରୀ ଇନିସ୍‌ପେକ୍ଟର ଅଭିରାମ ସାହୁ ସମସ୍ତ ସୂଚନା ଦେଇଛନ୍ତି ।

## ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ତୁରନ୍ତ ତଦନ୍ତ ରିପୋର୍ଟ ଦେବାକୁ ଡିସିପିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨/୧୦(ନି.ପ୍ର): ବହୁଚର୍ଚ୍ଚିତ ବିଜେବି କଲେଜ୍ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ତୁରନ୍ତ ତଦନ୍ତ ରିପୋର୍ଟ ଦେବାକୁ ଉଚ୍ଚଶିକ୍ଷା ବିଭାଗ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଉଚ୍ଚଶିକ୍ଷା ବିଭାଗର ମୁଖ୍ୟ ସଚିବ ବିଷ୍ଣୁପଦ ସେଠୀ। ଅକ୍ଟୋବର ୧୨ ତାରିଖ (ଆଜି) ସୁଦ୍ଧା ବର୍ତ୍ତମାନର ଅନୁସନ୍ଧାନ ସ୍ଥିତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତ ଜୁଲାଇ ୨ ତାରିଖରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ରୁଚିକା ମହାନ୍ତି କାରୁବାକୀ ଛାତ୍ରୀନିବାସରେ ଆତ୍ମହତ୍ୟା କରିଥିଲେ। ୩ ସିନିୟର୍ ଛାତ୍ରୀଙ୍କ ମାନସିକ ନିର୍ଯାତନା କାରଣରୁ ସେ ଆତ୍ମହତ୍ୟା କରିଥିବା ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଥିଲେ। ଏହି ମାମଲାରେ ପୋଲିସ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ ରୁଚିକାର ପରିବାର ବର୍ଗ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଛି ।

## ସଫଳ ହେଲା ନାସାର ମିଶନ ଡାର୍ଟ, ବଦଳିଲା ପୃଥିବୀ ଆଡକୁ ମାଡିଆସୁଥିବା ଗ୍ରହାଣୁର ଗତିପଥ




ନୂଆଦିଲ୍ଲୀ, ୧୨/୧୦ : ନାସାର ଐତିହାସିକ ମିଶନ ଡାର୍ଟ ସଫଳ ହୋଇଛି । ପୃଥବୀ ଆଡକୁ ମାଡିଆସୁଥିବା ଏକ ଗ୍ରହାଣୁର ଗତିପଥରକୁ ବଦଳାଇ ଦିଆଯାଇଛି । ନାସା ପକ୍ଷରୁ ଏହି ମିଶନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା । ପ୍ରଥମ ଥର ପାଇଁ ନାସା ପକ୍ଷରୁ ମହାଜାଗତିକ ବସ୍ତୁର ଗତିପଥକୁ ବଦଳାଇ ଦିଆଯାଇଛି । ସାରା ବିଶ୍ୱକୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ । ତେଣୁ ପୃଥୀବୀ ପ୍ରତି ଯେତେବେଳେ ବିପଦ ଦେଖା ଦେଇଛି ସେତେବେଳେ ଏହା ସମାଧାନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ନାସା ପକ୍ଷରୁ କୁହାଯାଇଛି । ମିଶନ ସଫଳ ହେବା ପରେ ନାସା ମୁଖ୍ୟ ବିଲ ନେଲସନ କହିଛନ୍ତି ଏହା ଆମ ଗ୍ରହର ପ୍ରତିରକ୍ଷା କ୍ଷେତ୍ରରେ ଯେତିକ ମହତ୍ୱପୂର୍ଣ୍ଣ ମାନବଜାତି ପାଇଁ ମଧଅ ସେତିକି ଜରୁରୀ । ପୃଥବୀ ଆଡକୁ ଆସୁଥିବା ଉଲକାପିଣ୍ଡର ଦିଗ ବଦଳାଇବା ପାଇଁ ଦୁଇ ସପ୍ତାହ ପୂର୍ବେ ନାସା ତାର ପରୀକ୍ଷଣ ଆରମ୍ଭ କରିଥିଲା । ଆଉ ଏହାକୁ ନାସା ପକ୍ଷରୁ ଡାର୍ଟ ମିଶନ ନାଁ ଦିଆଯାଇଥିଲା । ଡବଲ ଆଷ୍ଟେରଏଡ ରିଡାଇରେକ୍ସନ ଟେଷ୍ଟର ଡାର୍ଟର ମହାକାଶଯାନ ସେପଟ୍ମେର ୨୬ରେ ଡାଇମୋରଫୋସ ନାମକ ଏକ ଉଲକାପିଣ୍ଡକୁ ଧକ୍କା ଦେଇଥିଲା । ୩୩୦ ନିୟୁତ ଡଲାର ବ୍ୟୟରେ ଦୀର୍ଘ ୭ବର୍ଷ ଧରି ନିର୍ମାଣ ହୋଇଥିବା ପ୍ରଫ-ଅଫ-କନସେପ୍ଟ ଡାର୍ଟ ମିଶନର ସଫଳତା ଭବିଷ୍ୟତରେ ପୃଥବୀକୁ ଗ୍ରହାଣୁ ଧକ୍କାର ରକ୍ଷା କରିବ ବୋଲି ବୈଜ୍ଞାନିକ କହିଛନ୍ତି ।

## ପୁରୀରେ ୩ ଦିନ ବିତିଲା ରହିବାକୁ ମିଳିଲାନି ଜାଗା, ବାରଦୁଆର ହେଉଛନ୍ତି ହବିଷ୍ୟାଳି

ଭୁବନେଶ୍ୱର, ୧୨/୧୦(ନି.ପ୍ର): ସୋମବାରଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହେଲାଣି, କିନ୍ତୁ ସରୁନି ହବିଷ୍ୟାଳିଙ୍କ ସମସ୍ୟା । ଗୋଟିଏ ମାସ ପାଇଁ ରହିବା ସେମାନଙ୍କ ଲାଗି ଏବେ ବି କାଠିକରପାଠ ହୋଇଛି । ଆଣିଥିବା ଜିନିଷ ଧରି ଏପଟେ ସେପଟେ ଦହଗଞ୍ଜ ହେଉଛନ୍ତି ହବିଷ୍ୟାଳି । ବାରଦୁଆର ହେଉଛନ୍ତି । ଏ ଅଧିକାରୀ, ସେ ଅଧିକାରୀଙ୍କୁ ଗୁହାରୀ କରୁଛନ୍ତି, କିନ୍ତୁ କେହି କଥା ଶୁଣିବାକୁ ନାରାଜ । ଫଳରେ କିଏ ପାର୍କିଂ ସ୍ଥଳରେ ତ କିଏ ଶିବିର ଦୁଆର ମୁହଁରେ ରାତି କାଟୁଛନ୍ତି । ୩ ଦିନରେ ବାରମ୍ବାର ଏଭଳି ସମସ୍ୟାକୁ ସାମ୍ନା କରୁଥିବାରୁ ଭବିଷ୍ୟତରେ ପୁରୀ ଆସିବାବେଳେ ଚିନ୍ତା କରିବାକୁ ପଡିବ ବୋଲି କିଛି ହବିଷ୍ୟାଳି କୋହଭରା କଣ୍ଠରେ କହିଛନ୍ତି । ସବୁଠାରୁ ବଡ କଥା ହେଲା, କିଛି ହବିଷ୍ୟାଳିଙ୍କ ପଞ୍ଜିକରଣ ହୋଇଥିଲେ୪ ଦିନ ହୋଇଗଲା କିନ୍ତୁ ଘର ମିଳୁନି । କିଛି ହବିଷ୍ୟାଳି ବୃନ୍ଦାବତୀ ନିବାସ ଶିବିରରେ ରହିଥିଲେ ବି ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଫଳରେ ଅସନ୍ତୋଷ ପ୍ରକାଶ କରିଛନ୍ତି କିଛି ହବିଷ୍ୟାଳି । କିଛି ହବିଷ୍ୟାଳି ସୁବିଧା ସୁଯୋଗରୁ ବଞ୍ଚିତ ହୋଇଥିବା ବି ଅଭିଯୋଗ ଆଣିଛନ୍ତି । ମଶାବଣରେ ପଡି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ବିଭିନ୍ନ ସ୍ଥାନରୁ ଆସିଥିବା ହବିଷ୍ୟାଳି । ସେପଟେ ପ୍ରଶାସନର କହିବା କଥା ବ୍ରତଧାରୀମାନେ ଏକାଠି ରହିବାକୁ କହୁଛନ୍ତି । ହେଲେ ପୂର୍ବରୁ ଯେଭଳି ଆଲର୍ଟମେଂଟ ହୋଇଛି ସେହି ଅନୁସାରେ ବ୍ରତଧାରୀଙ୍କୁ ରଖାଯାଉଛି । ଆସନ୍ତା ମାସେ ଯାଏଁ ପୁରୀରେ ହବିଷ୍ୟାଳି କାର୍ତିକ ବ୍ରତ ପାଳିବେ । କିନ୍ତୁ ସରକାର ଆରମ୍ଭ କରିଥିବା କାର୍ତିକ ବ୍ରତ ଯୋଜନାରେ ଅନେକ ବ୍ୟତିକ୍ରମ ଦେଖାଦେଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ୭ ଦିନରେ ଓଡିଶାକୁ ନାହିଁ ବାତ୍ୟା ଭୟ : ଗୁଜବକୁ ବିଶ୍ୱାସ ନକରିବାକୁ ଆଇଏମଡି ଡିଜିଙ୍କ ପରାମର୍ଶ

ଭୁବନେଶ୍ୱର, ୧୨/୧୦(ନି.ପ୍ର): ବାତ୍ୟାର ୭ ଦିନ ପୂର୍ବରୁ ହେଉଥିବା ପୂର୍ବାନୁମାନ ସବୁଠୁ ଅଧିକ ବିଶ୍ୱାସଯୋଗ୍ୟ। ଆସନ୍ତା ୭ ଦିନ ମଧ୍ୟରେ ବଙ୍ଗୋପସାଗରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ନାହିଁ। ଓଡ଼ିଶା ପାଇଁ ବାତ୍ୟାର କୌଣସି ଭୟ ନାହିଁ। ତେଣୁ ବାତ୍ୟାକୁ ନେଇ କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଛନ୍ତି ଭାରତୀୟ ପାଣିପାଗ ସଂସ୍ଥାର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି, ଗୋଟିଏ ମଡେଲକୁ ଆଧାର କରି ବାତ୍ୟାର ପୂର୍ବାନୁମାନ

▶▶ପୃଷ୍ଠା ୭

# ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା




ବାସୁଦେବପୁର ,୧୨/୧୦ (ନି.ପ୍ର): ବାସୁଦେବପୁର ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲି ନଗର ପଡିଆ ଠାରେ ସମସ୍ତେ ଏକତ୍ର ହୋଇଥିଲେ ଏବଂ ଏଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ । କଳିଙ୍ଗ ବୀର ତଥା ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଆଶୀର୍ବାଦ ରୁ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନା ର ସଫଳତା କଥା କୁ ଶ୍ରୀ ରାଉତରାୟ ବର୍ଣ୍ଣନା କରିଥିଲେ । ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ,ପୌରପାଳିକା ଅଧ୍ୟକ୍ଷ ନିବେଦିତା ବେହେରା, ବିଧାୟକ ପ୍ରତିନିଧି ଅସିତ ଦାଶ, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି,ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ବିଜୁ ଯୁବ ଜନତା ଦଳ ସଭାପତି ଦେବ ଦର୍ଶନ ଦାଶ,ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ପୌରପାଳିକା ଉପାଧ୍ୟକ୍ଷ ଉତ୍ତମ ବାରିକ,ଛାତ୍ର ଜନତା ସଭାପତି କାଳନ୍ଦୀ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ନେତା ଭାଗିରଥି ବଳ,ମାନସ ସାହୁ,ଜଗବନ୍ଧୁ ଖିଲାର, ପ୍ରଫୁଲ୍ଲ ବିଶ୍ୱାଳ,ଶ୍ୟାମ ସୁନ୍ଦର ମହାନ୍ତି, ଚିନ୍ମୟ ବାରିକ, ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ରଶ୍ମିତା ନାୟକ,ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠୀ,ସୌଭାଗ୍ୟ ବିଶ୍ୱାଳ,ସସ୍ମିତ ମହାନ୍ତି, ଅଭିଷେକ ଅଭିନନ୍ଦନ ମହାନ୍ତି, ଶରତ ବାରିକ,ଚନ୍ଦନ ପ୍ରମୁଖ ଯୋଗଦେଇ ଥିଲେ । ବିଭିନ୍ନ ପଂଚାୟତ ରୁ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ କାର୍ଯ୍ୟାଦେଶ ବଣ୍ଟନ ଏବଂ ବୈଷୟିକ ଜ୍ଞାନ ଆଦାନ ପ୍ରଦାନ କାର୍ଯ୍ୟକ୍ରମ

ବଲାଙ୍ଗୀର ,୧୨/୧୦ (ନି.ପ୍ର): ବଲାଙ୍ଗିର ସାମ୍ବାଦିକ ଭବନ ଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟାଦେଶ ବଣ୍ଟନ ଏବଂ ବୈଷୟିକ ଜ୍ଞାନ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଜିଲ୍ଲାପାଳ ଚଞ୍ଚଳ ରଣା ଅଭିବାଦନ ପ୍ରଦାନ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସନ୍ତୋଷ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଟି ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଡ. ପଣ୍ଡା ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାରୁ ବିଭିନ୍ନ ପ୍ରାନ୍ତର ପ୍ରାୟ ୭୦ ଜଣ ପ୍ରାଣୀ ପାଳକ ଯୋଗଦାନ କରିଥିଲେ । ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ପ୍ରାଣୀ ସଂପଦ ବିକାଶ ବିଭାଗ ଓଡିଶା ରାଜ୍ୟ ସରକାରଙ୍କ ଅଧିନରେ ଚାଲୁଥିବା ବିଭିନ୍ନ ରିହାତି ଥିବା ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ୫୦ ଜଣ ପ୍ରାଣୀପାଳକମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଜିଲ୍ଲାପାଳ ମହୋଦୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପ୍ରାଣୀପାଳକମାନଙ୍କୁ ଏହି ଯୋଜନା ଗୁଡିକର ଭରପୁର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ ଏବଂ କାର୍ଯ୍ୟାଦେଶ ପାଇଥିବା ଚାଷୀମାନଙ୍କୁ କିଭଳି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜି ପାରିବେ ସେ ବିଷୟରେ ଦିଗ୍ ଦର୍ଶନ ଦେଇଥିଲେ । ମୁଖ୍ୟ ଅତିଥି ଦେବକୀ ସାହୁ ରାଜ୍ୟ ସରକାରଙ୍କର ଏହି ଲୋକାଭିମୁଖୀ ଯୋଜନା ଗୁଡିକରୁ ଆହୁରି ଅଧିକ ଚାଷୀ କିପରି ଲାଭ ଉଠାଇ ପାରିବେ ସେ ବିଷୟରେ ଆଲୋକପାତ କରିଥିଲେ । ବୈଷୟିକ ଜ୍ଞାନ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଡା. ଅଲୋକ କୁମାର ନାଏକ, ଏଡିଭିଓ ଏଲ୍.ପି. ଉପସ୍ଥିତ ପ୍ରାଣୀ ପାଳକମାନଙ୍କୁ ଏହି ଯୋଜନା ଗୁଡିକର ସଫଳ ରୂପାୟନ ବିଷୟରେ ବିଭିନ୍ନ ବୈଷୟିକ ସୂଚନା ଦେଇଥିଲେ । ଡା. ତପନ କୁମାର ପଲାଇ ବୈଜ୍ଞାନିକ କୃଷି ବିକାଶ କେନ୍ଦ୍ର ବଲାଙ୍ଗିର ଗୋ ସଂପଦର ରକ୍ଷଣା ବେକ୍ଷଣ ସହିତ କୁକୁଡା ଚାଷକୁ ଏକ ଲାଭ ଦାୟକ ବ୍ୟବସାୟ ରୂପେ ଗ୍ରହଣ କରିବା ପାଇଁ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ବିଷୟରେ ଆଲୋକପାତ କରିଥିଲେ । ଡିଭଓ ପ୍ରଫୁଲ୍ଲ କୁମାର ପଣ୍ଡା ଚାଷୀମାନଙ୍କୁ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟର ପ୍ରସ୍ତୁତି ପ୍ରଣାଳି ଓ ଏହାର ସଫଳ ବ୍ୟବଷାୟ ଉପରେ ଆଲୋଚନା କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡା. ଶୁଭାଶିଷ ସାମନ୍ତ, ଡା. ଦେବସ୍ମିତା ଦେବତା, ଡା. ଚିନ୍ମୟୀ ମିଶ୍ର, ଡା. ସଂଜୟ ମହାକୁର, ଡା. ଅଭିନାଶ ପଟେଲ ଓ ଡା. ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ

ବଲାଙ୍ଗିର ,୧୨/୧୦ (ନି.ପ୍ର): ତୁରେକେଲା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷା ବଲାଙ୍ଗୀରଙ୍କ ପତ୍ର ଅନୁସାରେ ତୁରେକେଲା କ୍ଲଷ୍ଟରର ସଂଯୋଜକ ବିରଂଚ ନାରାୟଣ ଦାଶଙ୍କ ତତ୍ୱାବଧାନରେ ତୁରେକେଲା ସେବାଶ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମକାନ୍ତୀ ରାଏଙ୍କ ସଭାପତିତ୍ୱରେ ଶିକ୍ଷକ ଗୋପାଳ ଧରୁଆ, ସିଆରସିସି ପ୍ରେମରାଜ ପାଣିଗ୍ରାହୀ, ଶୁଭଦୀପ୍ତା ଦାଶ, ବିନୋଦିନୀ ତାଣ୍ଡି ଯୋଗ ଦେଇଥିଲେ। ଶ୍ରୀ ଦାଶ ସମାଜରେ ପୁଅ ଓ ଝିଅ ମାନଙ୍କ ମଧ୍ୟରେ ଥିବା ତାରତମ୍ୟତା ଉପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କହିବା ସହିତ ଶିକ୍ଷାହିଁ ଏହାକୁ ସୁଧାରି ପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଠିକ ସେହିପରି ପଖନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜୁନିଅର ରେଡକ୍ରସ ପରାମର୍ଶଦାତା ଶ୍ରୀ ବିରଂଚି ନାରାୟଣ ଦାଶଙ୍କ ସଭାପତିତ୍ୱରେ ସଭାରେ ବୃନ୍ଦଦେବ ବନଛୋର, ଅଲେଖ ବନଗୋଲା, ନରେଶ ତାଣ୍ଡି ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ଶ୍ରୀ ଦାଶ ଆନ୍ତର୍ଜାତୀୟ କନ୍ୟା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ଘରୋଇ ହସ୍ପିଟାଲର ୬୦% ଶଯ୍ୟା ସବୁବେଳେ ବିଜୁ ସ୍ୱାସ୍ଥ୍ୟ କାର୍ଡଧାରୀଙ୍କ ଦ୍ୱାରା ପୂରଣ ହେଉଛି: ନବ ଦାସ




ଭୁବନେଶ୍ୱର ,୧୨/୧୦ (ନି.ପ୍ର): ଝାରସୁଗୁଡ଼ା ଠାରେ ନିର୍ମିତ କାର୍ଡ଼ିଆକ କେୟାର ହସ୍ପିଟାଲକୁ ସରକାରୀ ଓ ଘରୋଇ ସହଭାଗିତାରେ ପରିଚାଳନା କରିବା ପାଇଁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦେଶର ପ୍ରତିଷ୍ଠିତ କର୍ପୋରେଟ ହସ୍ପିଟାଲ ଗୁଡିକ ସହିତ ଏକ ବୈଠକଅନୁଷ୍ଠିତ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ଶାସନ ସଚିବ ଶାଳିନୀ ପଣ୍ଡିତ, ଜାତୀୟ ସ୍ୱାସ୍ଥ୍ୟ ମିସନର ନିର୍ଦ୍ଦେଶକ ଡା. ଡି ବୃନ୍ଦା, ଏମ୍ଏସ, ଦରଭଙ୍ଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା ମାଧବାନନ୍ଦ କର, କ୍ୟାପିଟାଲ ହସ୍ପଟାଲର କାର୍ଡିଓଲୋଜି ନିର୍ଦ୍ଦେଶକ ଡା ପ୍ରଭାତ କୁମାର ଦାଶ, ଝାରସୁଗୁଡା ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ, ଏଥିରେ ଦିଲ୍ଲୀର ମେଦାନ୍ତ ଗ୍ରୁପ, ପାରସ ହସ୍ପିଟାଲ, ହାଇଦ୍ରାବାଦର ଓମେଗା ହସ୍ପିଟାଲ, ଏଆଇଜି ହସ୍ପିଟାଲ, ଆଷ୍ଟର ଗ୍ରୁପ୍, କେରଳ, ଆପୋଲୋ ସ୍ପେକ୍ଟ୍ରା, ଭୁବନେଶ୍ୱରର ଆପୋଲୋ, ଆମ୍ରି, କିମସ୍ ଓ ବରଗଡର ବିକାଶ ଗ୍ରୁପ ଅଫ୍ ହସ୍ପିଟାଲ ପ୍ରମୁଖର ପ୍ରତିନିଧି ମାନେ ଏହି ବୈଠକରେ ଅଂଶ ଗ୍ରହଣ କରିଥିଲେ ।

ଏଠାରେ ସୂଚନା ଯୋଗ୍ୟ ଯେ ପ୍ରାୟ ୫ ଏକର ପରିମିତ ଅଂଚଳରେ ନିର୍ମିତ ଏହି ୧୦୦ ଶଯ୍ୟା ବିଶିଷ୍ଟ କାର୍ଡିଆକ କେୟାର ହସ୍ପିଟାଲ ପାଇଁ ୧୧୩ କୋଟି ବ୍ୟୟ କରାଯାଇଛି। ଏଥିପାଇଁ ମହାନଦୀ କୋଲ ଫିଲ୍ଡ ପକ୍ଷରୁ ଆବଶ୍ୟକ ପାଣ୍ଠି ଯୋଗାଇ ଦିଆଯାଇଛି । ସରକାରଙ୍କ ପକ୍ଷରୁ ଆବଶ୍ୟକ ଯନ୍ତ୍ରପାତିର ବ୍ୟବସ୍ଥା କରାଯାଇଛି । ସେହିପରି ଝାରସଗୁଡା ଠାରେ ପ୍ରାୟ ୬ ଏକର ଜମିରେ ୧୬୯ କୋଟି ଟଙ୍କା ବ୍ୟୟରେ ଏକ ୧୨୦ ଶଯ୍ୟା ବିଶିଷ୍ଟ କ୍ୟାନସର କେୟାର ହସ୍ପିଟାଲ ପ୍ରତିଷ୍ଠା କରାଯିବ । ଏଥିପାଇଁ ଜିଲ୍ଲା ମିନେରାଲ ଫଣ୍ଡରୁ ଅର୍ଥ ବ୍ୟୟ କରାଯିବ ।

ରାଜ୍ୟର ୮୫% ଅଧିକ ଜନସଂଖ୍ୟା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଅନ୍ତର୍ଗତ ହୋଇ ଥିବା ବେଳେ, ଏଥିରେ ଘରୋଇ ହସ୍ପିଟାଲର ୬୦% ଶଯ୍ୟା ସବୁବେଳେ କାର୍ଡଧାରୀଙ୍କ ଦ୍ୱାରା ପୂରଣ ହେଉଛି। ଏହା ନିଶ୍ଚିତ ଭାବେ ଘରୋଇ ହସ୍ପିଟାଲଗୁଡିକ ପାଇଁ ଲାଭ ଦାୟକ ବୋଲି ମନ୍ତ୍ରୀ ଶ୍ରୀ ଦାସ ସୂଚନା ଦେଇଥିଲେ । ଝାରସୁଗୁଡା ଏକ ଶିଳ୍ପ ଭିତିକ ଜିଲ୍ଲା ହୋଇଥିବା ସହ ଏଠାକୁ ରେଳ ଓ ଆକାଶ ମାର୍ଗରେ ଗମନାଗମନର ସୁବିଧା ରହିଛି । ଏଠାରେ ମହାନଦୀ କୋଲ ଫିଲ୍ଡ, ଏନ୍‌ଟିପିସି, ବେଦାନ୍ତ, ଆଦିତ୍ୟ ବିର୍ଲା, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ଆଦାନୀ ଗ୍ରୁପ ଭଳି କର୍ପୋରେଟ ହାଉସ୍ ରହିଥିବା ବେଳେ, ଏଠାରେ ହସ୍ପିଟାଲ ପରିଚାଳନା ପାଇଁ ସମସ୍ତ ଅନୁକୂଳ ପରିସ୍ଥିତି ରହିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରକାଶ କରିଥିଲେ ।

ଝାରସୁଗୁଡା ଠାରେ ମଧ୍ୟ ଆଫର୍ଡେବଲ ହେଲଥ୍ କେୟାର ସବୁଧା ପାଇଁ କେନ୍ଦ୍ର ସରକାର ସ୍ଥାନ ଧାର୍ଯ୍ୟ କରିଥିବା ବେଳେଏଠାରେ ମଲ୍ଟି ସୁପର ସ୍ପେସିଆଲିଟି ସେବା ଉପଲବ୍ଧ ହେବା ସହ ଏହା ସରକାରୀ ଓ ଘରୋଇ ସହଭାଗିତାରେ ପରିଚାଳିତ ହେବ। ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ କର୍ପୋରେଟ ହସ୍ପିଟାଲର ପ୍ରତିନିଧିମାନେ ସରକାରଙ୍କ ଧାର୍ଯ୍ୟ ନୀତିନିୟମ, ଆନୁସଂଗିକ ସହାୟତା ଓ ସୁବିଧା ସଂପର୍କରେ ଅବଗତ ହୋଇଥିଲେ । କିଛି ପ୍ରତିନିଧି ମଧ୍ୟ ଝାରସୁଗୁଡା ଗସ୍ତରେ ଯାଇ ସ୍ଥିତି ପରଖିବେ ବୋଲି ଜଣାପଡିଛି ।

# ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ୍ କର- ଏଆଇଡିଏସଓ

ବଲାଙ୍ଗିର ,୧୨/୧୦ (ନି.ପ୍ର): ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ ଦାବିରେ ଦେଶ ବ୍ୟାପି ୧କୋଟି ଦସ୍ତଖତ ସଂଗ୍ରହ ଅଭିଯାନ ସଂଗୃହିତ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ପ୍ରଦାନ ଅବସରରେ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସଓ ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଶିକ୍ଷାନୀତି ଦ୍ୱାରା ଶିକ୍ଷାର ମୂଳ ଉଦ୍ଦେଶ୍ୟ ତଥା ପ୍ରକୃତ ନିର୍ଯ୍ୟାସ ନଷ୍ଟ କରି ବିଶ୍ୱ ବଜାରରେ ଶିକ୍ଷାକୁ ଏକ ଲାଭଦାୟକ ପଣ୍ୟରେ ପରିଣତ କରିବ, ଇସିସିଇ ବିଦ୍ୟାଳୟ କମ୍ପ୍ଲେକ୍ସ ନାଁରେ ସରକାରୀ ବିଦ୍ୟାଳୟ ବନ୍ଦ କରିବା, ବ୍ଲେଣ୍ଡେଡ୍ ପଦ୍ଧତିରେ ଶିକ୍ଷା ଦେବା, ୪ ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ, ଧନ୍ଦାମୁଖି କରିବା, ଅଯୌକ୍ତିକ ଭାଷାନୀତି, ନବମ ଶ୍ରେଣୀରୁ ସେମିଷ୍ଟାର, ଏକାଧିକ ପ୍ରବେଶ ଓ ପ୍ରସ୍ଥାନ, ଏକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ୍, ଏମ୍ଫିଲ୍ ଉଠାଇ ଦେବା, ୪ ବର୍ଷିଆ ଡିଗ୍ରୀ କୋର୍ସ ପରେ ପିଏଚ୍ଡି, ରାଷ୍ଟ୍ରୀୟ ଗବେଷଣା ଅନୁଷ୍ଠାନ ପ୍ରଭୃତି ଦ୍ୱାରା ସାମଗ୍ରୀକ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହେବ । ତେଣୁ ଏହାକୁ ବାତିଲ କରିବା ପାଇଁ ଶିକ୍ଷା ପ୍ରେମୀ ଆଗେଇ ଆସନ୍ତୁ ବୋଲି ବକ୍ତାମାନେ କହିଥିଲେ ।

ଏହି ପ୍ରତିବାଦ ସଭାରେ ଏଆଇଡିଏସଓ ଜିଲ୍ଲା ସଂପାଦକ ମଧୁସୁଦନ ବାଗ, ରାଜ୍ୟ ଉପ-ସଭାପତି ସୁନିଲ ଭୋଇ, ଗୋସେବ୍ ବାଗ, ତାମସ ବେହେରା, ଗୌରୀ ରାଉତ, ସିଦ୍ଧାନ୍ତ ମହାକୁର, ଅହଲ୍ୟା ସାହୁ, ତ୍ରିଲୋଚନ ସାହୁ, ଗୀତା ଷାଣ୍ଢ ପ୍ରମୁଖ ସାମିଲ ଥିଲେ ।

# ଦୋଶାରେ ଅସରପା: ହୋଟେଲ ୫ ଦିନ ପାଇଁ ସିଲ୍

ଜୟପୁର ,୧୨/୧୦ (ନି.ପ୍ର): ଜୟପୁର ସହରର ଏମଜି ରୋଡରେ ଥିବା ନ୍ୟୁ ଲୋକେଶ ହୋଟେଲ କୁ ୫ ଦିନ ପାଇଁ ସିଲ କରାଯାଇଛି। ଆଜି ଜଣେ ଗ୍ରାହକ ଲୋକେଶ ହୋଟଲ କୁ ଯାଇ ଦୋଶା ଖାଉଥିବା ସମୟରେ ଅସରପା ବାହାରି ଥିଲା। ସେହି ଫଟୋ କୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ସହ ଫେସବୁକ୍ ରେ ପୌରଅଧ୍ୟକ୍ଷଙ୍କୁ ଟ୍ୟାଗ କରିଥିଲେ। ଫଳରେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଚଢାଉ କରିଥିଲେ । ଚଢାଉ କରି ରୋଷେଇ ଶାଳାକୁ ଯାଇ ଦେଖିଥିଲେ । ଅପରିଷ୍କାର ହୋଇ ପଡିଥିବାରୁ ହୋଟେଲ ମାଲିକ ଉପେର ବିଗିଡି ଥିଲେ। ଦୋଶାରେ ଅସରପା ବାହାରିଥିବାରୁ ହୋଟେଲକୁ ମାଲିକ ଉପରେ ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବା ସହ ୫ ଦିନ ପାଇଁ ହୋଟେଲ କୁ ସିଲ କରାଯାଇ ଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି । ଯଦି ହୋଟେଲ ମାଲିକ ଚାହିଁବେ ଲିଖିତ ଭାବେ ପୌର କାର୍ଯ୍ୟାଳୟକୁ ଦେଲେ ରୋଶେଇ ଶାଳାକୁ ମରାମତି କରିବାକୁ ଅନୁମତି ଦିଆଯିବ କିନ୍ତୁ ହୋଟେଲ ଖୋଲି ପାରିବେ ନାହିଁ ।

# ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ପୁରୀ ,୧୨/୧୦ (ନି.ପ୍ର): ପ୍ରତିଟି ପିଲା ମଧ୍ୟରେ ପ୍ରତିଭା ରହିଛି। ସେମାନଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନି ବିକଶିତ କରାଯାଇ ପାରିଲେ ତାହା ରାଜ୍ୟ ଓ ଦେଶ ପାଇଁ ସମ୍ବଳ ହୋଇପାରିବ। ଏଥିରେ ପୁଅ ଓ ଝିଅ ମଧ୍ୟରେ କୌଣସି ପ୍ରଭେଦ ଅନୁଚିତ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ। ମଙ୍ଗଳବାର ପୂର୍ବାହ୍ନରେ ପୁରୀ ମହିଳା ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓ ଏହାକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପୁରାଣ ଓ ଇତିହାସର ଉଦାହରଣ ଦେଇ ନାରୀର ବିକଳ୍ପ ନାହିଁ ବୋଲି କହିଥିଲେ। ସାମ୍ପ୍ରତିକ ସମୟରେ ଶିଶୁ କନ୍ୟା ମାନଙ୍କ ପ୍ରତି ଅବହେଳା ଓ ନିର୍ଯ୍ୟାତନା ଦୁଃଖଦାୟକ। ଏହାକୁ ପ୍ରତିହତ କରିବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରତିଟି କନ୍ୟା ଜଣେ ଜଣେ ଦେବକନ୍ୟା। ନିଜର ଲୁକ୍କାୟିତ ଶକ୍ତି ଓ ପ୍ରତିଭାକୁ ପ୍ରତିପାଦିତ କରି ନିଜର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ନିଜ ପରିଚୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଜିଲ୍ଲାରେ ଶିଶୁ ମାନଙ୍କ ସ୍ଥିତି, ସେମାନଙ୍କ ଭବିଷ୍ୟତ, ସୁରକ୍ଷା ପାଇଁ ପଦକ୍ଷେପ, ଟାସ୍କଫୋର୍ସ ଗଠନ ଇତ୍ୟାଦି ସମ୍ପର୍କରେ ବିଷଦ ସୂଚନା ପ୍ରଦାନ କରିଥିଲେ। ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ଦାସ, ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ସଂଯୋଜକ ଜୟ ଶଙ୍କର ଜୋଶୀ, ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କର ସମ୍ପାଦକ ସୌମେନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ରୋଜାଲିନ ମିଶ୍ର ପ୍ରମୁଖ ଶିଶୁ କନ୍ୟା ମାନଙ୍କ ସାମାଜିକ ସ୍ଥିତି, ଆବଶ୍ୟକତା, ଭବିଷ୍ୟତ ଓ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଆଦିବାସୀ ଗହଣାକୁ ନୂଆ ରୂପ ଦେଉଛନ୍ତି ହେମା ଏକ୍କା: ୫୦ରୁ ଅଧିକ ମହିଳାଙ୍କୁ ଦେଇଛନ୍ତି ରୋଜଗାର

ରାଉରକେଲା ,୧୨/୧୦ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାର ସଫଳ ମହିଳା ଉଦ୍ୟୋଗୀ ହେମା ଏକ୍କା। କଠିନ ପରିଶ୍ରମ ଓ କାମ କରିବାର ଶୈଳୀ ତାଙ୍କୁ କେବଳ ସୁନ୍ଦରଗଡ଼ ନୁହେଁ ରାଜ୍ୟ ଓ ରାଜ୍ୟ ବାହାରେ ବେଶ ପରିଚିତ କରାଯାଇଛି। ସେ କେବଳ ନିଜେ ରୋଜଗାରକ୍ଷମ ହୋଇନାହାନ୍ତି ବରଂ ଅନ୍ୟମାନଙ୍କୁ ରୋଜଗାର ଦେଇଛନ୍ତି। ବର୍ଷ ତମାମ ବିଭିନ୍ନ ପ୍ରକାର ବ୍ୟବସାୟ କରି ଅନ୍ୟ ମହିଳାଙ୍କ ପାଇଁ ସାଜିଛନ୍ତି ଉଦାହରଣ। କେତେବେଳେ ଛତୁ ଚାଷ, ଆଦିବାସୀ ପୋଷାକ ତିଆରି ହେଉ ତ ଅନ୍ୟ କେତେବେଳେ ଆଦିବାସୀଙ୍କ ପାରିମ୍ପରିକ ଅଳଙ୍କାରଗୁଡ଼ିକୁ ନୂଆ ଲୁକ୍ ଦେଇ ସାଉଁଟିଛନ୍ତି ଅନେକ ପୁରସ୍କାର ଓ ସମ୍ମାନ।

ହେମାଙ୍କ ପାରମ୍ପରିକ ଗହଣାର ଡିଜାଇନ୍ ଏବେ ସମସ୍ତଙ୍କୁ ବେଶ୍ ଆକର୍ଷିତ କରିଛି। ତାଙ୍କ ଅନୁରୋଧକ୍ରମେ ଭାରତୀୟ ରେଳ ବିଭାଗ ରାଉରକେଲା ରେଳ ଷ୍ଟେସନରେ ତାଙ୍କୁ ଗହଣା ପ୍ରଦର୍ଶିତ ଓ ବିକ୍ରି କରିବାକୁ ଏକ ଷ୍ଟଲ ଯୋଗାଇ ଦେଇଛନ୍ତି। ଏତିକିରେ ହେମାଙ୍କ ସଫଳତା ସରିନି। ତାଙ୍କୁ ଏବେ ବାହାରରାଜ୍ୟ ଓ ବିଦେଶର ଗହଣା ଯୋଗାଇଦେବାକୁ ଅର୍ଡର ମିଳୁଛି। ଚାହିଦା ବଢୁଥିବାରୁ ହେମାଙ୍କ ନିକଟରେ କାମ କରୁଥିବା ମହିଳା ଓ ଯୁବତୀମାନଙ୍କୁ କାମ କରିବାକୁ ଫୁରସ୍ତ ମିଳୁନି। ଭଳକି ଭଳି ବିଭିନ୍ନ ଡିଜାଇନର ପାରମ୍ପରିକ ଗହଣା ତିଆରି କରୁଛନ୍ତି। ନାକଫୁଲ, ଚେନ୍, ମଙ୍ଗଳସୂତ୍ର, କାନଫୁଲ, ଚୁଡି ଠାରୁ ଆରମ୍ଭ କରି ମହିଳାମାନେ ପରିଧାନ କରୁଥିବା ବିଭିନ୍ନ ଡିଜାଇନ୍‌ର ଗହଣା ତିଆରି କରୁଛନ୍ତି।

ଏବେ ହଜିଯାଉଥିବା ଆଦିବାସୀ ଗହଣାକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି। ଅଧିକ ଆକର୍ଷଣୀ କରିବାକୁ ଗହଣାଗୁଡ଼ିକୁ ବିଭିନ୍ନ ପ୍ରକାର ଲୁକ୍ ଦେଉଛନ୍ତି। ତାଙ୍କ ଗହଣା ତିଆରି କାରଖାନାରେ ଏବେ କାମ କରୁଛନ୍ତି ପାଖାପାଖି ୫୦ରୁ ଅଧିକ ମହିଳା ଓ ବେକାରୀ ଯୁବତୀ। ଯେଉଁମାନେ ମାସକୁ ବେଶ୍ ଭଲ ଦି' ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ସମେତ ରାଜ୍ୟ ଓ ରାଜ୍ୟ ବାହାରେ ପଡୁଥିବା ବିଭିନ୍ନ ମେଳାରେ ତାଙ୍କ ଗହଣା ଷ୍ଟଲ ଗ୍ରାହକମାନଙ୍କୁ ବେଶ୍ ଆକୃଷ୍ଟ କରୁଛି। ପ୍ରତ୍ୟେକ ମେଳାରୁ ଭେଲ ରୋଜଗାର କରୁଛନ୍ତି। କେବଳ ପାରମ୍ପରିକ ଆଦିବାସୀ ଗହଣା ନୁହେଁ ସେ ଜଣେ ମଧ୍ୟ ସଫଳ ଛତୁ ଚାଷୀ। ବିଭିନ୍ନ ପ୍ରକାର ଛତୁ ଚାଷ କରିବାରେ ସେ ମଧ୍ୟ ବେଶ୍ ଦକ୍ଷ। ଛତୁ ଚାଷରେ ମଧ୍ୟ ୨୦ରୁ ଅଧିକ ମହିଳାଙ୍କୁ ରୋଜଗାର ଦେଇଛନ୍ତି। ଯେଉଁ ମହିଳାମାନେ ପରିବାର ପ୍ରତିପୋଷଣ କରିବାକୁ ନାନା କଷ୍ଟ ପାଉଥିଲେ। ସେମାନେ ଏବେ ଛତୁ ଚାଷ କରି ମାସକୁ ଭଲ ଦି' ପଇସା ରୋଜଗାର କରୁଛନ୍ତି। ହେମା କହିଛନ୍ତି, ସାମ୍ପ୍ରତିକ ସ୍ଥିତିରେ ମହିଳାମାନେ କୌଣସି ଗୁଣ୍‌ରେ କମ୍ ନୁହେଁ। ସେମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଲୁଚି ରହିଛି।

ପ୍ରୋତ୍ସାହନ ଓ ଆର୍ଥିକ ଅଭାବରୁ ମହିଳାମାନେ ଜିଲ୍ଲାରେ ଅନେକ ମହିଳା ଆଗକୁ ବଢ଼ି ପାରୁନାହାନ୍ତି। ଯେଉଁମାନଙ୍କ ମଧ୍ୟରୁ ସେ କିଛି ମହିଳାଙ୍କୁ ରୋଜଗାର ଦେଇପାରିଥିବାରୁ ବେଶ୍ ଖୁସି। ସେମିତି ଆଦିବାସୀଙ୍କ ଗହଣା ଧୀରେ ଧୀରେ ହଜିବାକୁ ବସିଛି। ତାଙ୍କ ଉଦ୍ୟମରେ ଏଭଳି ପାରମ୍ପରିକ ଗହଣାକୁ ନୂଆ ଲୁକ୍ ଦିଆଯାଉଛି। ଏଥିପାଇଁ ଏସବୁ ଗହଣା ଅନ୍ୟ ସୁନାଗହଣା ପରି ବେଶ୍ ଆଦୃତ ହୋଇପାରିଛି। ବିବାହ ଉତ୍ସବ ହେଉ ଅବା ଫେସନ୍ ସୋ'ରେ ସାମିଲ ଯୁବକଯୁବତୀମାନେ ପରିଧାନ କରୁଥିବା ଏସବୁ ଗହଣା ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ଆଗାମୀ ଦିନରେ ଆଦିବାସୀଙ୍କ ଏସବୁ ଗହଣାକୁ ନିଶ୍ଚିତ ଭାବେ ବିଦେଶ ବଜାରରେ ତା'ର ଚାହିଦା ବୃଦ୍ଧି କରିପାରିବ। କେବଳ ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି।

# ଅପରାଧୀଙ୍କୁ ଦେଶୀ ବନ୍ଧୁକ ଯୋଗାଉଥିବା କାରଖାନା ଉପରେ ଚଢ଼ାଉ, ୬ଟି ବନ୍ଧୁକ ସହ କାରିଗର ଗିରଫ

ବୌଦ୍ଧ ,୧୨/୧୦ (ନି.ପ୍ର): ଅପରାଧୀଙ୍କୁ ଦେଶୀ ବନ୍ଧୁକ ଯୋଗାଉଥିବା ଏକ ବେଆଇନ କାରଖାନା ଉପରେ ପୋଲିସ ଚଢ଼ାଉ କରି ୬ ଟି ବନ୍ଧୁକ ସହ କାରିଗରକୁ ଗିରଫ କରିଛି । ବିଗତ ୫ ବର୍ଷ ଭିତରେ ଏହା ଦ୍ୱିତୀୟ ବେଆଇନ ଦେଶୀ ବନ୍ଧୁକ କାରଖାନା କୁ ଠାବ କରିବାରେ ପୋଲିସ ସକ୍ଷମ ହୋଇଛି କ୍ଷ ବୌଦ୍ଧ ଜିଲ୍ଲାରେ ଦେଶୀ ବନ୍ଧୁକ କାରଖାନା ଠାବ କରିଛି ପୋଲିସ। ମନମୁଣ୍ଡା ଥାନା ଅନ୍ତର୍ଗତ ଗୁନ୍ଦୁଲିଆ ପଂଚାୟତର ସିଲାଇପଡ଼ା ଗ୍ରାମରେ ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା ମନମୁଣ୍ଡା ପୋଲିସ୍। ବନ୍ଧୁକ କାରିଗର କୁ ଗିରଫ କରିବ ସହ ୨ ଟି ପିସ୍ତଲ୍ ଏବଂ ୪ ଟି ଦେଶୀ ବନ୍ଧୁକ ଜବତ କରିଛି ପୋଲିସ। ଏହା ସହିତ ବନ୍ଧୁକ ତିଆରି କରିବାରେ ବ୍ୟବହୃତ ବହୁ ସାମଗ୍ରୀ ଓ ସରଞ୍ଜାମ କୁ ମଧ୍ୟ ଜବତ କଲା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ସିଲାଇପଡ଼ା ଗ୍ରାମର ଶେଷଦେବ ବିନ୍ଧାଣି। ମନମୁଣ୍ଡା ପୋଲିସ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପି ଓ ଆନନ୍ଦ ବର୍ଦ୍ଧନ ଗୁରୁ ଏନେଇ ସୂଚନା ଦେଇଛନ୍ତି। ସାଲେଇପଡା ଗ୍ରାମର ଶେଷଦେ୍ୱ ବିନ୍ଧାଣିଙ୍କ ଘରେ ବେଆଇନ ଦେଶୀ ବନ୍ଧୁକ ଓ ପିସ୍ତଲ ନିର୍ମାଣ କରାଯାଇ ଅସାମାଜିକ ଏବଂ ଅପରାଧୀ ବ୍ୟକ୍ତିଙ୍କୁ ବିକ୍ରି କରାଯାଉଥିବା ନେଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଅଶ୍ୱିନୀ କୁମାର ଭିତିରିଆ ଖବର ପାଇଥିଲେ। ପୁଲିସ ଉକ୍ତ ଘର ଉପରେ ଚଢ଼ାଉ କରି ସେଠାରୁ ୪ଟି ଦେଶୀ ବନ୍ଧୁକ, ୨ ଟି ଦେଶୀ ପିସ୍ତଲ, ୩ ଖଣ୍ଡ ଜିଲେଟିନ ଷ୍ଟିକ, ଅନେକ ବନ୍ଧୁକ ଓ ପିସ୍ତଲ ପାର୍ଟସ ଏବଂ ତିଆରି ସରଞ୍ଜାମ ଜବତ କରିଥିଲା। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ପୁଲିସ ଆଜି କୋର୍ଟ ଚାଲାଣ କରିଛି । ୨୦୧୭ରେ ହରଭଂଗା ବ୍ଲକ ଅନ୍ତର୍ଗତ କୁସଙ୍ଗ ଗ୍ରାମରୁ ପୋଲିସ ଏହିପରି ଏକ ବେଆଇନ ଦେଶୀ ବନ୍ଧୁକ କାରଖାନାକୁ ଠାବ କରିଥିଲା।



# ଧନିଆ ପତ୍ର ଖାଇ ଦୂର କରନ୍ତୁ ଏହି ୪ଟି ଶାରୀରିକ ସମସ୍ୟା

**ମନୁଷ୍ୟକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ ସବୁଜ ପନିପରିବା। ଏହା ସହ ଶରୀରକୁ କୌଣସି ରୋଗ ଯେପରି ଛୁଇଁ ନ ପାରୁ ସେଥିପାଇଁ ମଧ ଡାକ୍ତରମାନେ ସବୁଜ ପନିପରିବା ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି। ସେଥି ମଧ୍ୟରୁ ଗୋଟିଏ ହେଲା ଧନିଆ ପତ୍ର। ଯଦି ଆପଣ ଧନିଆ ପତ୍ରକୁ କଞ୍ଚାରେ ଖାଇବା ପାଇଁ ପସନ୍ଦ କରୁନାହାନ୍ତି, ତେବେ ଆପଣ ଏହାକୁ ଅନ୍ୟ ଉପାୟରେ ମଧ ସେବନ କରି ପାରିବେ। ଭିଟାମିନ ଏ ଏବଂ ଭିଟାମିନ୍ ? ସିରେ ଭରପୂର ଥିବା ଧନିଆ ପତ୍ର ଶରୀରର ଅନେକ ସମସ୍ୟାକୁ କିଛି ସମୟ ମଧ୍ୟରେ ଦୂର କରିଥାଏ। ତେବେ ଆସନ୍ତୁ ଜାଣିବା ଧନିଆ ପତ୍ରକୁ ଖାଇବା ଦ୍ୱାରା ଶରୀରର କେଉଁ ସମସ୍ତ ସମସ୍ୟା ଦୂର ହୋଇଥାଏ...**

■ କିଛି ଲୋକଙ୍କର ପାଚନ ପ୍ରକ୍ରିୟାରେ ସମସ୍ୟା ଦେଖା ଯାଇଥାଏ, ଯାହା ଦ୍ୱାରା ଗ୍ୟାସ୍‌ର ସମସ୍ୟା ଦେଖା ଯାଇଥାଏ। ଯଦି ପ୍ରତିଦିନ ଏଭଳି ସମସ୍ୟା ଦେଖା ଦେଉଛି ତେବେ ଖାଇବାରେ ଧନିଆ ପତ୍ରକୁ ସାମିଲ କରନ୍ତୁ। ଧନିଆର ପତ୍ର ଖାଇବା ଦ୍ୱାରା ଗ୍ୟାସ୍ ସମସ୍ୟାରୁ ମୁକ୍ତି ମିଳିଥାଏ।

■ ବେଳେ ବେଳେ କାମର ଚାପ ହେତୁ ଲୋକମାନେ ଠିକ୍ ପରିମାଣରେ ପାଣି ପିଇ ପାରନ୍ତି ନାହିଁ, ଯାହା ଫଳରେ ପରିଶ୍ରାରେ ସମସ୍ୟା ଦେଖା ଯାଇଥାଏ। ଏଭଳି ପରିସ୍ଥିତିରେ ଧନିଆ ପତ୍ରକୁ ରାଇତା, ସାଲାଡ୍ ଏବଂ ତରକାରିରେ ପକାଇ ଖାଇଲେ ଏହି ସମସ୍ୟା ଦୂର ହୋଇଥାଏ।

■ ଏଥିରେ ଭିଟାମିନ ଏ ଏବଂ ଭିଟାମିନ୍ ସି ପ୍ରଚୁର ପରିମାଣରେ ଥିବାରୁ ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

■ ଆଣ୍ଠୁଗଣ୍ଠିର ସମସ୍ୟା ଦେଖା ଯାଉଥିଲେ ପ୍ରତିଦିନର ଖାଇବାରେ ଏହାକୁ ସାମିଲ କରନ୍ତୁ। ଧନିଆ ପତ୍ର ଉପଲବ୍ଧ ନ ଥିଲେ ଧନିଆ ପାଉଡର ମଧ ଆପଣ ବ୍ୟବହାର କରି ପାରିବେ। ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠିର ସମସ୍ୟା ଦୂର ହୋଇଥାଏ।



# ଫିଟ୍ ରହିବା ସତ୍ତ୍ୱେ କାହିଁକି ହୁଏ ହାର୍ଟ ଆଟାକ୍ ?



**ସାଧାରଣତଃ ଅଧିକାଂଶ ଲୋକ ସୁସ୍ଥ ରହିବା ପାଇଁ ପ୍ରତିଦିନ ବ୍ୟାୟମ କରନ୍ତି। କେହି କେହି ନିଜକୁ ଫିଟ ରଖିବା ପାଇଁ ଜିମ ମଧ ଯାଆନ୍ତି। ଏସବୁ ସତ୍ତ୍ୱେ ଅନେକ ଯୁବାବସ୍ଥାରେ ହୃଦଘାତର ଶିକାର ହୋଇଥାନ୍ତି। ତେବେ ଫିଟ ରହିବା ସତ୍ତ୍ୱେ ହୃଦଘାତ ବା ହାର୍ଟ ଆଟାକ କାହିଁକି ହୁଏ ? ଆସନ୍ତୁ ଜାଣିବା**

❑ ଧୂମପାନ ତଥା ସିଗାରେଟ କିମ୍ବା ବିଡି ସେବନ କରୁଥିବା ଲୋକଙ୍କୁ ହାର୍ଟ ଆଟାକର ଅଧିକ ବିପଦ ଥାଏ। ଦୀର୍ଘ ଦିନ ଧରି ଧୂମପାନ କରିବା ଦ୍ୱାରା ହୃଦଘାତ ଆଶଙ୍କା ବଢ଼ିଥାଏ ବୋଲି ଏକ ଅଧ୍ୟୟନରେ କୁହାଯାଇଛି । ଏଥିପାଇଁ ଯେତେ ସମ୍ଭବ ବିଡି-ସିଗାରେଟ ଠାରୁ ଦୂରେଇ ରହିବା ଉଚିତ।

❑ ଫିଟ୍ ଥିବା ସତ୍ତ୍ୱ ଯଦି ଉଚ୍ଚ ରକ୍ତଚାପ ଥାଏ ତେବେ ସେହି ବ୍ୟକ୍ତି ମଧ ହୃଦଘାତର ଶିକାର ହୋଇପାରନ୍ତି। ହାଇ ବ୍ଲଡପ୍ରେସର ହୃଦୟକୁ ନିୟନ୍ତ୍ରଣ କରୁଥିବା ଧମନୀକୁ କ୍ଷିତି ପହଞ୍ଚାଇଥାଏ। ମୋଟାପଣ, ହାଇ କୋଲେଷ୍ଟ୍ରୋଲ ଏବଂ ଡାଇବେଟିସ ଯୋଗୁ ହାଇ ବ୍ଲଡପ୍ରେସରର ସମସ୍ୟା ବଢ଼ିଥାଏ। ଏଥିପାଇଁ ଏସବୁକୁ ନେଇ ସାବଧାନ ରହିବା ଉଚିତ।

❑ ରକ୍ତରେ କୋଲେଷ୍ଟ୍ରୋଲ ସ୍ତର ବଢ଼ିବା, ଉଚ୍ଚ ରକ୍ତଚାପ ଏବଂ ମଧୁମେହର ମେଦବହୁଳତା ସହ ସିଧାସଳଖ ସମ୍ପର୍କ ରହିଥାଏ। ଏକ ରିପୋର୍ଟ ମୁତାବକ ଯଦି ମୋଟାପଣକୁ ନିୟନ୍ତ୍ରଣ ରଖାଯାଏ ତେବେ ହାର୍ଟ ଆଟାକ ଭଳି ସମସ୍ୟା ଦୂର ହୋଇପାରିବ।

❑ ଶରୀରରେ ପାନକ୍ରିୟାଜ ସଠିକ ଢ଼ଙ୍ଗରେ କାମ ନକଲେ ରକ୍ତରେ ସୁଗାର ଲେବୁଲ ବଢ଼ିବାକୁ ଲାଗେ। ଏଥିସହ ଶରୀରରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ହର୍ମୋନ୍ସ ମଧ ଉତ୍ପନ୍ନ ହେବା ବନ୍ଦ ହୋଇଯାଏ। ଏଭଳି ସ୍ଥିତିରେ ମଣିଷ ଡାଇବେଟିସ ଏବଂ ବ୍ଲଡ ପ୍ରେସର ଶିକାର ହୋଇଥାଏ । ହୃଦଘାତ ଆଶଙ୍କା ମଧ ବଢ଼ିବାକୁ ଲାଗେ।

❑ ବିଶେଷଜ୍ଞଙ୍କ ମତାନୁସାରେ ବଂଶଗତ କାରଣ ଯୋଗୁଁ ମଧ ହାର୍ଟ ଆଟାକ ହୋଇପାରେ। ଯେଉଁ ବ୍ୟକ୍ତିଙ୍କ ପରିବାର ବର୍ଗ, ଭାଇ-ଭଉଣୀ ବା ବାପା-ମା'ଙ୍କ ଏଭଳି ସମସ୍ୟା ରହିଛି, ସେମାନେ ବିଶେଷ ରୂପେ ସାବଧାନ ରହିବା ଉଚିତ। ପୁରୁଷଙ୍କ ୫୫ ବର୍ଷ ଏବଂ ମହିଳାଙ୍କ ମଧ୍ୟରେ ୬୫ ବର୍ଷରେ ହାର୍ଟ ଆଟାକ ସମସ୍ୟା ବଢ଼ିଥାଏ।

❑ ଅଧିକ ଷ୍ଟ୍ରେସ ବା ମାନସିକ ଅବସାଦ ମଧ ହାର୍ଟ ଆଟାକର ଅନ୍ୟତମ କାରଣ । ଅଧିକ ଅବସାଦଗ୍ରସ୍ତ ବ୍ୟକ୍ତି ହୃଦଘାତର ଶିକାର ହୋଇପାରନ୍ତି ବୋଲି ଡାକ୍ତରମାନେ କୁହନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ନିୟମିତ ରୂପେ ବ୍ୟାୟମ ଏବଂ ନିୟନ୍ତ୍ରଣ ଡାଏଟ ଫଲୋ କରିବା ଉଚିତ।

# ଘରେ ତିଆରି କରନ୍ତୁ ତାଡ଼ିଆ ମିଠା

**ଆବଶ୍ୟକ ସାମଗ୍ରୀ: କ୍ଷୀର,ଚିନି, ମଇଦା, ଛେନା, ଅଳେଇଚ ଗୁଣ୍ଡ ଓ ତେଲ।**



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କରେଇରେ କ୍ଷୀରକୁ ଗରମ କରନ୍ତୁ। କ୍ଷୀର ଗରମ ହୋଇଯିବା ପରେ ସେଥିରେ ଚିନି ପକାନ୍ତୁ। କ୍ଷୀରରେ ଚିନି ମିଶିବା ପର୍ଯ୍ୟନ୍ତ ଏହାକୁ ଭଲ ଭାବରେ ଗୋଳାନ୍ତୁ। ଏହାପରେ କ୍ଷୀରକୁ ଦଶରୁ ପନ୍ଦର ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ । କ୍ଷୀର ଫୁଟି ଫୁଟି ଅଧା ହୋଇଗଲା ପରେ ତାହାକୁ ଓହ୍ଲାଇ ଏକ ପାତ୍ରରେ ରଖି ଦିଅନ୍ତୁ।

ଏକ ପାତ୍ରରେ ଛେନାକୁ ଭଲ ଭାବେ ଚିପୁଡ଼ି ରଖନ୍ତୁ । ଏହାପରେ ଛେନାରେ ମଇଦା ମିଶାଇ ଭଲ କରି ଚକଟି ଦିଅନ୍ତୁ । ଚକଟି ସାରିବା ପରେ ଏହାକୁ ଗୋଲ ଗୋଲ କାକରାର ଆକାର ତିଆରି କରି ଏକ ପାତ୍ରରେ ରଖନ୍ତୁ।

ଏହାପରେ କରେଇରେ ତେଲକୁ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ପ୍ରସ୍ତୁତ କାକରା ଗୁଡିକୁ ଛାଣନ୍ତୁ। ଏହାକୁ ଅଳ୍ପ ନାଲି ରଙ୍ଗ ହୋଇଗଲା ପର୍ଯ୍ୟନ୍ତ ଛାଣନ୍ତୁ। ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।

ଛଣା କାକରାକୁ ଆଗରୁ ପ୍ରସ୍ତୁତ ହୋଇଥିବା କ୍ଷୀରରେ ପକାନ୍ତୁ । ସେଥିରେ ଅଳେଇଚ ଗୁଣ୍ଡ ପକାଇ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ତାଡ଼ିଆ ମିଠା ।

# ଓଜନ ହ୍ରାସର ସରଳ ଉପାୟ



ଆମେରିକାର ଏକ ନାମକରା କମ୍ପାନୀ ନିଜ କର୍ମଚାରୀଙ୍କ ନିମନ୍ତେ ବିଶେଷ ଖାଦ୍ୟପେୟ ତାଲିକା ପ୍ରସ୍ତୁତ କରିଛି। ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ କମ୍ପାନୀ ମୁଖ୍ୟ ଏଭଳି ପଦକ୍ଷେପ ନେଇଥିଲେ। କର୍ମଚାରୀଙ୍କ ଓଜନ ଅସ୍ୱାଭାବିକ ଭାବେ ବୃଦ୍ଧି କାରଣରୁ କମ୍ପାନୀ ମୁଖ୍ୟ ବିଚାରକ ମଣ୍ଡଳୀ ସହ ପରାମର୍ଶ କରି କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରକ୍ରିୟାଟି ଉଚିତ୍ ଭାବେ କାର୍ଯ୍ୟ କରିବାରୁ ବୈଜ୍ଞାନିକ ମାନେ ମଧ୍ୟ ଏହି ଉପାୟକୁ ଓଜନ ହ୍ରାସର ସର୍ବୋତ୍ତମ ଉପାୟ ଭାବେ ପ୍ରକାଶ କରିଛନ୍ତି। ଏଥିପାଇଁ କର୍ମଚାରୀଙ୍କୁ ୭ଦିନର ଖାଦ୍ୟ ତାଲିକା ପ୍ରଥମେ ପ୍ରସ୍ତୁତ କରି ଦିଆଗଲା। ପ୍ରଥମଦିନ କେବଳ ଫଳାହାର ଓ ପାଣି ପିଇବାକୁ ପରାମର୍ଶ ଦିଆଯିବା ସହ କଦଳୀ ଆଦୌ ନଖାଇବାକୁ କୁହାଯାଇଥିଲା। ପ୍ରଥମଦିନ ତାଲିକାରେ ଜଳଖିଆରେ ଗୋଟିଏ ସେଓ, ଗୋଟିଏ କମଳା ଓ ଦୁଇ ଗିଲାସ ପାଣି। ଦ୍ୱିପହର ଭୋଜନରେ ପାଚିଲା ଅମୃତଭଣ୍ଡା, ତରଭୁଜ ଓ ଦୁଇ ଗିଲାସ ପାଣି। ରାତିରେ ଅନୁରୂପ ଫଳାହାର। ଦ୍ୱିତୀୟ ଦିନରେ କେବଳ ସିଝା ପନିପରିବା ଖାଇବାକୁ ପରାମର୍ଶ ଦିଆଗଲା। ତୃତୀୟ ଦିନ ଫଳ ଓ ପନିପରିବା ମିଶ୍ରିତ ଭାବରେ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଏଭଳି ପ୍ରକ୍ରିୟାରେ ତୃତୀୟ ଦିନ ହିଁ ଅଧିକାଂଶ କର୍ମଚାରୀଙ୍କ ଓଜନ ହ୍ରାସ ହୋଇଥିବାର ଲକ୍ଷ୍ୟ କରାଗଲା।

# ସ୍ୱର୍ଗଠାରୁ କିଛି କମ୍ ନୁହେଁ ଏହି ସବୁ ବିଳାସପୂର୍ଣ୍ଣ ହୋଟେଲ୍

**ଦେଶବିଦେଶରେ ଭ୍ରମଣ କରିବା, ବିଳାସପୂର୍ଣ୍ଣ ହୋଟେଲ୍‌ରେ ରହିବା ଲାଗି ସମସ୍ତଙ୍କ ମନରେ ଇଚ୍ଛା ଥାଏ। ଆଜି ଆପଣଙ୍କୁ ଏପରି କିଛି ହୋଟେଲ୍ ବିଷୟରେ କହିବୁ ଯାହା କୌଣସି ସ୍ୱର୍ଗଠାରୁ କମ୍ ନୁହେଁ। ଏହାକୁ ଦେଖିଲା ପରେ ସେହି ସ୍ଥାନକୁ ଯିବାକୁ ଆପଣଙ୍କୁ ନିଶ୍ଚୟ ଇଚ୍ଛା ହେବ।**





♦ ଏହା ହେଉଛି ମାଳଦ୍ୱୀପର ରେଙ୍ଗାଲି ଆଇସ୍‌ଲ୍ୟାଣ୍ଡରେ ତିଆରି ହୋଇଥିବା କେନରାଡ୍ ହୋଟେଲ୍। ଏହା ସମୁଦ୍ର ଭିତରେ ରହିଛି। ଏହା ଏଭଳି କୌଶଳରେ ନିର୍ମିତ ହୋଇଛି ଯେ, ହୋଟେଲ୍ ଭିତରୁ ଚାରିପାଖକୁ ଦେଖିଲେ ଆପଣଙ୍କୁ ସମୁଦ୍ରର ସୁନ୍ଦର ମାଛ ଦେଖାଯିବ।

♦ ପାହାଡ଼ ଉପରେ ତିଆରି ହୋଇଛି ସ୍ୱିଜରଲ୍ୟାଣ୍ଡର ଇଷ୍ଟର କ୍ଲିଫ୍ ହୋଟେଲ୍। ଏହା ଦେଖିବାକୁ ବହୁତ ସୁନ୍ଦର। ଏହା ଏପରି ତିଆରି ହୋଇଛି ଯେ, ସେଠାକୁ ଗଲେ ଆପଣ ଏକ ନୂଆ ଏବଂ ଅଲଗା ଦୁନିଆରେ ପହଞ୍ଚିଲା ପରି ଅନୁଭବ କରିବେ ।

♦ ଫ୍ରାନ୍ସର ଏଟ୍ରୋପ୍ ରିଭ୍ସ ହୋଟେଲ୍ ପ୍ରକୃତିର କୋଳରେ ତିଆରି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ହୋଟେଲ୍‌ର ଚାରିପାଖରେ ବରଫ ଢାଙ୍କି ହୋଇ ରହିଛି। ପ୍ରକୃତିର ଏହି ସୌନ୍ଦର୍ଯ୍ୟ ଦେଖି ଆପଣ ବି ଭାବିବେ ସତରେ କ'ଣ ଏପରି ଜାଗା ରହିଛି।





♦ ଏହା ହେଉଛି ଇଟାଲିର ରେଷ୍ଟୁରାଣ୍ଟ ଗ୍ରୋଟା ହୋଟେଲ୍। ଏହା ପାହାଡ଼ରେ ଥିବା ଏକ ଗୁମ୍ଫାରେ ତିଆରି ହୋଇଛି। ସନ୍ଧ୍ୟାବେଳେ ଏହି ହୋଟେଲ୍ ଦେଖିବାକୁ ବହୁତ ସୁନ୍ଦର ଲାଗିଥାଏ। ଏହି ଜାଗାକୁ ଆପଣ ଗଲେ ସ୍ୱର୍ଗରେ ପହଞ୍ଚିଗଲା ପରି ଅନୁଭବ କରିବେ।

♦ ଥାଇଲ୍ୟାଣ୍ଡର ରୟାଦି କରାବିରେ ତିଆରି ହୋଇଥିବା ଏହି ହୋଟେଲ୍ ଗ୍ରୋଟା ହୋଟେଲ୍ ଭଳି ଗୁମ୍ଫାରେ ରହିଛି। ଗ୍ରୋଟା ହୋଟେଲ୍ ଏବଂ ଏହି ହୋଟେଲ୍ ଭିତରେ କେବଳ ଏହି ଫରକ୍ ଯେ, ଏହା ସମୁଦ୍ର ତଟରେ ରହିଛି।

♦ ଜଙ୍ଗଲ ମଝିରେ ତିଆରି ହୋଇଥିବା ଏହି ହୋଟେଲ୍ ପ୍ରକୃତି ପ୍ରେମୀଙ୍କୁ ଖୁବ୍ ଭଲ ଲାଗିଥାଏ। ଏହି ହୋଟେଲ୍‌ର ନାମ ପଞ୍ଚୋରନ ରିଟ୍ରିଟ୍ ରିସୋର୍ଟ। ଏହା ଇଣ୍ଡୋନେସିଆର ଏକ ଦ୍ୱୀପରେ ରହିଛି।

♦ ଫିଲିପିନ୍ସରେ ଥିବା ଏହି ହୋଟେଲ୍‌ର ନାମ ଭିଲ୍ଲା ଏସ୍କୋଡେରୋ ରେଷ୍ଟୁରାଣ୍ଟ। ଏହିଠାରେ ଥିବା ଝରଣା ପୁରାପୁରି ଅସଲି। ଏଠାରେ ପର୍ଯ୍ୟଟକଙ୍କ ରହିବା ପାଇଁ ସବୁ ସୁବିଧା ରହିଛି।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୩ ଅକ୍ଟୋବର ୨୦୨୨, ଗୁରୁବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଧର୍ମନିରପେକ୍ଷତାର ଦୃଢ଼ ସମର୍ଥକ...

ଭାରତର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଏବଂ ଦେଶର ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶର ତିନି ଥର ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହୋଇଥିବା ମୁଲାୟମ ସିଂହ ଯାଦବଙ୍କ ତିରୋଧାନ ପରେ ଭାରତୀୟ ରାଜନୀତିରେ ଧର୍ମନିରପେକ୍ଷ ମୂଲ୍ୟବୋଧର ଜଣେ ସର୍ବାଧିକ ଦୃଢ଼ ସମର୍ଥକ ଓ ପ୍ରତିରକ୍ଷାକାରୀଙ୍କ ଜୀବନର ଅନ୍ତ ଘଟିଛି। ୧୯୩୯ ମସିହା ନଭେମ୍ବର ୨୨ ତାରିଖରେ ଜନ୍ମଗ୍ରହଣ କରି କୁସ୍ତିଯୋଦ୍ଧା ଭାବରେ ସୁନାମ ଅର୍ଜିଥିବା ଏହି ନେତାଙ୍କୁ ଯଥାର୍ଥରେ ଦଳୀୟ ନେତା ଓ କର୍ମୀମାନେ 'ନେତାଜୀ' ନାମରେ ସମ୍ବୋଧନ କରୁଥିଲେ। ସେ ଥିଲେ ଭାରତୀୟ ରାଜନୀତିର ପ୍ରାଚୀନ ବିଦ୍ୟାଳୟର ଜଣେ ସଂଗ୍ରାମୀ, ଯାହା ରାଜନୀତିକ ପରିସରରେ ପ୍ରତିପକ୍ଷଙ୍କ ସମ୍ମାନ ହାନି ନକରି କଠୋର ସଂଗ୍ରାମ କରୁଥିଲା। ଆଉ ଏହି କାରଣରୁ ହିଁ ରାଜନୀତିକ ପରିସରରେ ପ୍ରତିପକ୍ଷଙ୍କ ସମ୍ମାନ ହାନି ନକରି କଠୋର ସଂଗ୍ରାମ କରୁଥିଲା। ଆଉ ଏହି କାରଣରୁ ହିଁ ରାଜନୀତିକ ଦଳ ନିର୍ବିଶେଷରେ ତାଙ୍କର ସବୁ ଦଳର ନେତାରମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଥିଲା। ତୃଣମୂଳ ସ୍ତରର ବର୍ଣ୍ଣିଳ ବିଭାର ଜଣେ ପ୍ରାଚୀନ ବିଦ୍ୟାଳୟର ସମାଜବାଦୀ ନେତା ଭାବରେ ମୁଲାୟମ ତାଙ୍କର ମୂଲ୍ୟବୋଧ ଏବଂ ଆହ୍ୱାନ ପ୍ରତି ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଥିଲେ ଏବଂ ସାମାଜିକ ପରିବର୍ତ୍ତନ ନିମନ୍ତେ ଓ ଶାସନ କ୍ଷେତ୍ରରେ ସମାଜର ତଳ ସ୍ତରର ଲୋକମାନଙ୍କୁ ପ୍ରତିଷ୍ଠିତ କରିବା ନିମନ୍ତେ ସେମାନଙ୍କର ଶାଳୀନ ଓ ପ୍ରଭାବଶାଳୀ ସଶକ୍ତିକରଣ ପାଇଁ ରାଜନୀତିକୁ ସର୍ବୋତ୍କୃଷ୍ଟ ଉପକରଣ ଭାବରେ ଦେଖି ପାରିଥିଲେ। ସମାଜବାଦର ଆଦର୍ଶ ପ୍ରତି ଆକୃଷ୍ଟ ହୋଇ ସେ ରାଜନୀତି କ୍ଷେତ୍ରରେ ପାଦ ଥାପିଥିଲେ। ପ୍ରଥମେ ରାମ ମନୋହର ଲୋହିଆ ଏବଂ ପରେ ରାଜ ନାରାୟଣଙ୍କ ମାର୍ଗଦର୍ଶନ ତାଙ୍କ ରାଜନୀତିକ ଜୀବନକୁ ପରିପୁଷ୍ଟ କରିଥିଲା। ସେ ପ୍ରତିଷ୍ଠା କରିଥିଲେ ସମାଜବାଦୀ ପାର୍ଟି। ଜଣେ କଂଗ୍ରେସ-ବିରୋଧୀ ନେତା ଭାବରେ ତାଙ୍କର ଅନେକ ସମବର୍ଗୀ ନେତାମାନଙ୍କ ଭଳି ତାଙ୍କୁ ମଧ୍ୟ ୧୯୭୫ରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଜେଲ ଯିବାକୁ ପଡ଼ିଥିଲା। ପରେ ୧୯୭୭ରେ ପ୍ରଥମ ଥର ପାଇଁ ସେ କ୍ଷମତାର ସ୍ୱାଦ ଚାଖିଥିଲେ ସରକାରରେ ସ୍ୱଳ୍ପ ସମୟ ପାଇଁ ସାମିଲ ହୋଇ। ତାଙ୍କର ସମଗ୍ର ଜୀବନ କାଳ ମଧ୍ୟରେ ଦଶଥର ବିଧାୟକ ଏବଂ ସାଂସଦ ହୋଇଥିବା ମୁଲାୟମ, ଯିଏକି ପ୍ରତିରକ୍ଷା ମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରି ସାରିଥିଲେ, ସେ ୧୯୮୯ରେ ଜାତୀୟ ସ୍ତରରେ ଜଣେ ଟାଣୁଆ ନେତା ଭାବରେ ପରିଚିତ ଲାଭ କଲେ, ଯେତେବେଳେ ରାଜୀବ ଗାନ୍ଧୀ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସର ଆଧିପତ୍ୟକୁ ଲୋପ କରିବା ନିମନ୍ତେ ଅସମ୍ଭବ ମନେ ହେଉଥିବା ସମାଜବାଦୀ, ଆଂଚଳିକ ଦଳ ସମୂହ ଏବଂ ଦକ୍ଷିଣ ଓ ବାମପନ୍ଥୀମାନେ ଏକାଠି ହୋଇ କେନ୍ଦ୍ରରେ ଭିପି ସିଂହଙ୍କ ନେତୃତ୍ୱାଧୀନ ସରକାରର ସୃଷ୍ଟି କଲେ। ସେହି ସମୟରେ ସେ ପ୍ରଥମ ଥର ପାଇଁ ଦେଶର ବଡ଼ ରାଜ୍ୟ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ। ତାଙ୍କର ବିହାର ପ୍ରତିପକ୍ଷ ଲାଲୁ ପ୍ରସାଦ ଯାଦବ, ଯାହାଙ୍କ ସହିତ ତାଙ୍କର ଉଭୟ ରାଜନୀତିକ ଓ ପାରିବାରିକ ସମ୍ପର୍କ ମଧ୍ୟ ଥିଲା, ତାଙ୍କ ସହିତ ମିଶି ମୁଲାୟମ ମଣ୍ଡଳ ରାଜନୀତିର ଅୟମାରମ୍ଭ, ଅଭ୍ୟୁଦୟ ଏବଂ ପ୍ରତିଷ୍ଠା ନିମନ୍ତେ ଯାଦବ-ମୁସଲମାନ ମେଣ୍ଟ ସୃଷ୍ଟି କଲେ, ଯାହା କେବଳ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ପୁନଃ ଅଧିଷ୍ଠିତ କରାଇନଥିଲା, ବରଂ ଏବେ ସୁଦ୍ଧା ସେହି ମେଣ୍ଟ ଉପରେ ତାଙ୍କର ପୁତ୍ର ଅଖିଳେଶ ନିର୍ଭର କରୁଛନ୍ତି। ଲାଲକୃଷ୍ଣ ଆଡ଼ଭାନୀଙ୍କ ରାମ ଜନ୍ମଭୂମି ରଥଯାତ୍ରା କାଳରେ ତାଙ୍କର ରଥ ବିହାରରେ ପହଂଚିବା ପରେ ତାଙ୍କୁ ଯେମିତି ଲାଲୁ ପ୍ରସାଦ ଯାଦବ ଗିରଫ କରିଥିଲେ, ସେହିଭଳି ମୁଲାୟମ ମଧ୍ୟ ଏହି କାର୍ଯ୍ୟର ଦୃଢ଼ ବିରୋଧ କରି କର ସେବକମାନେ ବିବାଦୀୟ ବାବ୍‌ରୀ ମସଜିଦକୁ ଧ୍ୱଂସ କରିବାକୁ ଇଚ୍ଛା କରିବାବେଳେ ସେମାନଙ୍କ ଉପରକୁ ଗୁଳି ଚାଳନା କରିବାକୁ ପୁଲିସକୁ ଆଦେଶ ଦେଇଥିଲେ। ପରିଚୟ ରାଜନୀତି ଆଧାରିତ କ୍ଷମତାର ଶିଡ଼ିରେ ଆରୋହଣ କରି ଉତ୍ତରପ୍ରଦେଶରେ ବିଜେପିକୁ ଶାସନ କ୍ଷମତାରୁ ଦୂରେଇ ରଖିବା ନିମନ୍ତେ ସେ କାନ୍‌ସୀ ରାମ୍‌ଙ୍କ ବହୁଜନ ସମାଜପାର୍ଟି ସହିତ ମେଣ୍ଟ କରିଥିଲେ ଏବଂ ଏହା ଦ୍ୱାରା ସେ ଆଡ଼ଭାନୀଙ୍କ ମହତ୍ତ୍ୱାକାଂକ୍ଷାର ଉପଯୁକ୍ତ ଜବାବ ଦେଇ ପାରିଥିଲେ। ସେ ମଧ୍ୟ ଗୋଟିଏ ଦଶନ୍ଧି ପର୍ଯ୍ୟନ୍ତ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ଏକ ପ୍ରମୁଖ ସ୍ତମ୍ଭ ଭାବରେ କାର୍ଯ୍ୟ କରିଥିଲେ।

## କେବେ ଛାଡିବା ଗୋଲାମଗିରି



ରାଜୀବ ଗୋପାଳ ସ୍ୱାଇଁ

ଲୋକଟିଏ ବଂଚିବା ପାଇଁ ସାଧାରଣ ଆବଶ୍ୟକତା ହେଉଛି ଖାଦ୍ୟ, ବସ୍ତ୍ର ଓ ବାସଗୃହ । ଏହି ଆବଶ୍ୟକତା ଗୁଡିକ ପୁରଣ ପାଇଁ ତଥା ସାମାଜିକ ମାନଦଣ୍ଡରେ ନିଜ ସ୍ଥିତି ସୁଧାରିବା ଲାଗି ସାଧାରଣ ମଣିଷ ଅହରହ ସଂଗ୍ରାମରତ । ତା ପାଇଁ ସ୍ୱପ୍ନ ହେଉଛି ଗଣ୍ଡେ ଆହାର ଓ ଛୋଟ ଏକ ଆଶ୍ରୟସ୍ଥଳ । ଅନେକଙ୍କ ଭାଗ୍ୟରେ ସେତକ ବି ନଥାଏ, ଏଥିପାଇଁ ପ୍ରତିଦିନର ପରିଶ୍ରମ ନିଅଂଟିଆ ପଡେ । ଅଭାବୀ ରାଜ୍ୟରେ ଦିନ ମଜୁରୀଆର ରଙ୍ଗୀନ୍ ସ୍ୱପ୍ନ, ଏକ ପ୍ରକାର ଅବାସ୍ତବ ପରିକଳ୍ପନା । ସତେ ଯେମିତି ତା ଜୀବନରେ କିଛି ଉପଲବ୍ଧି ହାସଲ କରିବାର ନାହିଁ ଓ ସେ ଉଚ୍ଚ ଉଚ୍ଚ ସ୍ୱପ୍ନ ଦେଖିବାର ଅଧିକାର ହରାଇ ସାରିଛି ! ଏପରି ସ୍ଥଳେ ତା ଆବଶ୍ୟକତା ଗୁଡିକ ଯଦି ମାମୂଲି ମୂଲ୍ୟରେ ବା ମାଗଣାରେ ମିଳିଯାଏ ତେବେ, ଏ ସଂଗ୍ରାମର ଆବଶ୍ୟକତା ରହିବ ନାହିଁ । ଯେଉଁ ଉତ୍ସରୁ ଏ ସବୁ ମିଳିଯିବ, ସେ ତା ପାଖରେ ସବୁଦିନ ପାଇଁ ଋଣୀ ହୋଇଯିବ । ଫଳତଃ ଦାତାଙ୍କ ହଁ ରେ ହଁ, ଅବା ନାହିଁ ରେ ନାହିଁ କହି, ସେ ତାଙ୍କର ଗୋଲାମଗିରି କରିବା ପାଇଁ କୁଣ୍ଠା ପ୍ରକାଶ ନକରିବା ସ୍ୱଭାବିକ୍ ।

ଥରେ ନିରୋଳାରେ ଭାବିବା, ଆମ ସମାଜରେ ଏମିତି ପରିକଳ୍ପନାର ସଫଳ ଉଦାହରଣ କଣ ଅଭାବ ଅଛି ? ଏହାକୁ ଆଧାର କରି, ନିରଙ୍କୁଶ ଶାସନର ସ୍ୱପ୍ନ ଦେଖିବା ବା ଦେଖୁଥିବା ଲୋକଙ୍କର ସଂଖ୍ୟା କଣ କମ୍ ? ଏବେ ଗାଁରେ କି ସହରରେ, ଅର୍ଥ ଓ ବାହୁବଳରେ ବଳୀୟାନମାନେ ଏମିତି ହିଁ ସାଧାରଣଙ୍କୁ ନିୟନ୍ତ୍ରଣରେ ରଖି ଦାସତ୍ୱର ନୂତନ ପରମ୍ପରା ତିଆରି କରିଛନ୍ତି । ମାଗଣାରେ ମଦ, ମାଂସ ଓ ଅର୍ଥ ପ୍ରତିବଦଳରେ, ସାଧାରଣ ଜନତା ଠାରୁ ଅସାଧାରଣ ଲାଭ ହାସଲ କରାଯାଇ ପାରୁଛି । ଶାସନ ଅଛି ତ ସବୁକିଛି ଅଛି । ତେଣୁ ସାଧାରଣ ମଣିଷ ପାଇଁ ଆବଶ୍ୟକତାର ନୂତନ ସଂଜ୍ଞା ନିରୂପଣ କରି, ତାକୁ ବିଭିନ୍ନ ମାର୍ଗରେ ଆପ୍ୟାୟିତ ବା ସନ୍ତୁଷ୍ଟ କରି ଜାଣିଲେ, ଏ ଶାସନ ଭାରଟା ଉଠାଇବାରେ କିଛି ଅସୁବିଧା ହୋଇ ନପାରେ । ଆଉ ଯେତେ ଦିନ ଶାସନ ଥିବ, ସେଥିରେ କେବଳ ଲାଭ ହିଁ ହେବ । ସାଧାରଣ ପାଖରେ ଥିବା ଅସାଧାରଣ ଭୋଟ୍ କ୍ଷମତାକୁ ଉପଲବ୍ଧି କରି ଆଗକୁ ବଢି ଚାଲିଥିବା ସେହି ଉପର ପାହ୍ୟାର ମଣିଷମାନଙ୍କର ତଥା କଥିତ ଜାତି ପ୍ରେମରେ, ଦେଶର ଭବିଷ୍ୟତ କଥା ଭାବିଲେ ଶିହରି ଉଠେ ଦେହ । ମନରେ ପ୍ରଶ୍ନ ଆସେ, ସାଧାରଣ ମଣିଷଟି କେବେ କଣ ତା ଅସାଧାରଣ ଶକ୍ତିର ଆକଳନ କରିପାରିବନି ?

ଆଜି ଖାଦ୍ୟ ଦ୍ରବ୍ୟ ତଥା ଅନ୍ୟାନ୍ୟ ସାମଗ୍ରୀର ଆକଶ ଛୁଆଁ ବଜାର ଦର ଦେଖିଲେ ଆମ ଗୋଲାମଗିରି ସ୍ପଷ୍ଟ ହୁଏ । ଚାଉଳକୁ ଟଙ୍କାଏ ଦୁଇଟଙ୍କାରେ ପାଇବା ପାଇଁ ଆମକୁ କେଉଁ ମୂଲ୍ୟ ଦେବାକୁ ପଡୁଛି, ତାହା ଆମେ ଊଣା ଅଧିକ ଜାଣି ବି ଏହାକୁ ଅଣଦେଖା କରିଥାନ୍ତି । ପ୍ରଭାବଶାଳୀଙ୍କ ଇଛାର ପିତୁଳା ପାଲଟି, ନିଜର କର୍ମକୁ ପରିତ୍ୟାଗ କରି, ଆମେ ସହଜ ପନ୍ଥାଟିକୁ ଆପଣାଇ ନେଇଛେ । ମାଗଣା ଖିଆ, ମାଗିଖିଆ, ଛତରଖିଆ ଇତ୍ୟାଦିଙ୍କ ପରି ଆମେ ନିଜ ଘୃଣ୍ୟ ଆଳସ୍ୟର ଅନ୍ତରାଳେ, ଦାତାଙ୍କ ମହାନତା କୁ ବଖାଣୁଛେ । କର୍ମହୀନ ମଣିଷ ପରି ଆମ ଜୀବନ ହୋଇ ଗଲାଣି । ଜହ୍ନି, ଲାଉ, ଶାଗ, ତୁରୁଡା, ଛଚିନ୍ଦ୍ରା, କଦଳୀ, କଖାରୁ, ଲଙ୍କା, ହରଡ, କୋଳଥ, ବିରି, ମୁଗ ପରି ଅନେକ ପରିବା ତଥା ଡାଲି ଜାତୀୟ ଫସଲ, କେବେଦିନେ ପ୍ରତି ଗ୍ରମୀଣ ମଣିଷର ଚିର ସହଚର ଥିଲେ କିନ୍ତୁ ସେମାନେ ଏବେ ଆଖିର ତାରା ହୋଇ ଗଲେଣି । ସବୁ କଥାରେ ଶାସନ, ପ୍ରଶାସନ କି ଅନ୍ୟ ଉପରେ ନିର୍ଭର କରି ସାଧାରଣ ମଣିଷ ପାଲଟି ଗଲାଣି ଜୋକର୍ । ଏବେ ତାର ନିଜ ଉପରେ ଆଉ ଆତ୍ମ ବିଶ୍ୱାସ ନାହିଁ ।

ମାଗଣାରେ ଜିନିଷ ପାଇ, ପେଟ ଚାଖଣ୍ଡକ ପାଇଁ ଆଉ ଚିନ୍ତା ନାହିଁ । ଅଦୃଶ୍ୟରେ କେହି ଯେମିତି କହିଦେଇଛି - ଆରାମ୍‌ରେ ଖାଇ ପିଇ ଶୋଇ ରୁହ ! ଦରକାର ବେଳେ ଆମ ସପକ୍ଷରେ ଜୟ ଜୟାକାର କର । ଦେଶ ଜାତିର ଚିନ୍ତା ଆମର, ତାକୁ ଆମ ଉପରେ ଛାଡିଦିଅ ।

କେବେ ଦିନେ ନୌବାଣିଜ୍ୟ ପାଇଁ ବିଖ୍ୟାତ ଥିବା ଉତ୍କଳ ସନ୍ତାନକୁ ଆଜି ସେହିସବୁ ଅମର ଗାଥାମାନ କାହାଣୀ ପରି ପ୍ରତୀତ ହେଉଛି । ଯଦି ଏପରି ଲାଗି ରହେ, ତେବେ ଦିନ ଆସିବ ଉତ୍କଳର ଅଗଣିତ ନରନାରୀଙ୍କ ପାଖରେ ସବୁଥାଇ ବି କିଛି ନଥିବ । ଆଳସ୍ୟର କବଳରେ ସେ ଏମିତି ଫଶିଯିବ ଯେ, ସେଥିରୁ ମୁକୁଳି ନପାରି ଅନ୍ୟ ରାଜ୍ୟ, ଦେଶ ଉପରେ ନିର୍ଭର କରିବ । ଫଳତଃ ଅମୂଲ୍ୟ ସମ୍ପଦ ପ୍ରତିବଦଳରେ ନିଜର ସାମର୍ଥ୍ୟ ଭିତରେ ଥିବା ଦ୍ରବ୍ୟ ଗୁଡିକୁ କିଣିବା ପାଇଁ ପଛଘୁଂଚା ଦେବ ନାହିଁ।

ଆମେ ହୁଏତ ସେତେବେଳେ ଚିନ୍ତା କରିବା, ଯେତେବେଳେ.......

ଆଭୁଷଣହୀନ ହେବ ରମଣୀ
ଆଳସ୍ୟର ଦାସ ଓଡିଆ ସମାଜ
ପାଇଁ ଅଟେ ଏହା ଚରମ ବାଣୀ।

ସେତେବେଳେ ହୁଏତ ଅନେକ ତୁଙ୍ଗ ବ୍ୟକ୍ତିଙ୍କ ପ୍ରତି ଅପରିମାଣ-ଦର୍ଶୀତା, ଶଠତା, ପ୍ରବଂଚନା, ପ୍ରତାରଣା ଇତ୍ୟାଦି ଇତ୍ୟାଦି ପରି ଅନେକ ବିଶେଷଣ ପ୍ରୟୋଗ ହୋଇପାରେ, ହେଲେ ସେତେବେଳକୁ ବହୁତ ଡେରି ହୋଇ ସାରିଥିବ। ତେଣୁ ଗୌରବମୟ ଅତୀତର ଧରୋହରମାନେ ଜାଗ୍ରତ ହେବାର ବେଳ ଉପନୀତ। କିନ୍ତୁ ଧୀରେ ଧୀରେ ପଙ୍ଗୁ, ଅଥର୍ବ ହୋଇ ପଡୁଥିବା ଗୋଟେ ଜାତିର ଉତ୍ତର ଦାୟାଦମାନେ କେଉଁ ଦିଗଟିକୁ ପସନ୍ଦ କରିବେ କିଏ ଜାଣେ ? ହୁଏତ ସେମାନେ ଏମିତି ଗୋଲାମ ହୋଇ ମାଗଣା ଖାଇବା, ପିନ୍ଧିବା, ରହିବାର ନ୍ୟାୟରେ ନିଜର ଦୁର୍ଦ୍ଧର୍ଷ ଜାତି ମାନ୍ୟତାକୁ ହରାଇବେ, କିମ୍ବା ଏବେଠାରୁ ଜାଗ୍ରତ ହୋଇ ସହଜ ସିଦ୍ଧ ଅବଲମ୍ବନ ସବୁକୁ ପ୍ରତ୍ୟାଖ୍ୟାନ କରିବେ।

ତାହା ଅବଶ୍ୟ ଦେଖିବାକୁ ବାକି ରହିଛି ।

rajibrvpl@gmail.com
ମୋ-୭୬୮୪୯୮୯୫୫୭

## ଆଶାୟୀ ଯୁବସମାଜ ...



ବିଷ୍ଣୁ ପ୍ରସାଦ ଦାସ

ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ବେକାରୀ ସମସ୍ୟା ଦେଖାଯାଏ , ଆମ ଦେଶ ଭାରତ ବର୍ଷ ରେ ମଧ୍ୟ ଏହି ସମସ୍ୟା ଗୁରୁତର ରୂପ ନେବାକୁ ବସିଲାଣି । ୨୦୨୦-୨୧ ମସିହା ସମୟରେ କୋଭିଡି ଜନିତ କଟକଣା ଯୋଗୁଁ ବେକାରୀ ସମସ୍ୟା ବଢ଼ିଯାଇ ଜନସଂଖ୍ୟାର ୧୨.୬% ପ୍ରତିଶତ ଥିଲା କିନ୍ତୁ ୨୦୨୨ ଏପ୍ରିଲ ମାସଠାରୁ ଜୁନ ମାସ ମଧ୍ୟରେ ହୋଇଥିବା ପରିସଂଖ୍ୟନ ଅନୁଯାୟୀ ଏହା ନିମ୍ନଗାମୀ ହୋଇ ୭.୬% ପ୍ରତିଶତରେ ପହଂଚିଛି । ଯଦିଓ ଏହା ଖୁଶିର ଖବର ତଥାପି ୧୩୫ କୋଟି ଜନସଂଖ୍ୟା ବିଶିଷ୍ଟ ପୃଥିବୀର ସବୁଠାରୁ ବଡ଼ ଗଣତନ୍ତ୍ର ରାଷ୍ଟ୍ର ପାଇଁ ଜନସଂଖ୍ୟାର ୭.୬ % ପ୍ରତିଶତ ବେକାରୀ ମଧ ବଡ଼ ଚିନ୍ତାର ବିଷୟ । ଯୁବ ସମାଜ ଏହି ବେକାରୀ ସମସ୍ୟାକୁ ଖୁବ କଷ୍ଟରେ ସାମ୍ନା କରିବାକୁ ବାଧ ହେଉଛନ୍ତି , ସରକାର ଯେତେ ଶୀଘ୍ର ଏହାର ସମାଧାନ କରିବେ ସେତେ ଶୀଘ୍ର ଏହା ଦେଶ ପାଇଁ ଶୁଭଙ୍କର ବୋଲି ପ୍ରମାଣିତ ହେବ । ଯୁବ ଶକ୍ତି ଆଗାମୀ କାଲିର ଭବିଷ୍ୟତ ଏବଂ ଦେଶ ପ୍ରଗତିର ଅବିଚ୍ଛେଦ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ ।

ଯେତେବେଳେ ଦେଶରେ ଅର୍ଥନୈତିକ ଭାରସାମ୍ୟ ରହେନାହିଁ, ଧନୀ ଆହୁରି ଧନୀ ହୋଇଚାଲେ ଏବଂ ଦରିଦ୍ର ଆହୁରି ବେଶୀ ବେଶୀ ଦରିଦ୍ର ହୋଇ ଯାଏ ସେହି କ୍ଷେତ୍ରରେ ଦେଶରେ ଅରାଜକତା ବଢିବାକୁ ଆରମ୍ଭ କରେ ଓ ସରକାର ଯଦି ଏହି ପ୍ରକ୍ରିୟାକୁ ନିଜ ବୁଦ୍ଧି ବଳରେ ନିୟନ୍ତ୍ରଣ କରି ନ'ପାରନ୍ତି ତେବେ ଜନତା ଅନେକ ସମୟରେ ନିର୍ଯାତିତ ହୁଅନ୍ତି , ଏବଂ ନିର୍ଯାତନାର ସୀମା ଟପିଗଲେ ରାଜରାସ୍ତାକୁ ଓହ୍ଲାଇ ଆସନ୍ତି ତଥା ଆଇନ କାନୁନକୁ ବେଖାତିର କରି ମନଇଚ୍ଛା ଦେଶର ସମ୍ପତ୍ତିକୁ ନଷ୍ଟ ଭ୍ରଷ୍ଟ କରଥା'ନ୍ତି । ଅତୀତରେ ଶ୍ରୀଲଙ୍କା ପରିସ୍ଥିତି ଠିକ ଏହିପରି ହୋଇଥିଲା ଓ ପୁଞ୍ଜିପତି ମାନେ ଦେଶ ପାଇଁ ଗର୍ବ ଏହା କ'ଣ ସତ୍ୟ ? ସେହି ପୁଞ୍ଜି ସେମାନେ କେଉଁଠାରୁ ସଂଗ୍ରହ କଲେ ? ପୁଞ୍ଜିର ବିନିଯୋଗ ଠିକ ରୂପେ ହେଉଛି କି ନାହିଁ ତାହା ଦେଖିବା ସରକାରଙ୍କ କାର୍ଯ୍ୟ , ପୁଞ୍ଜିପତିମାନେ ସାଧାରଣ ଜନତାଙ୍କୁ ଲୁଟି ନିଜର ସାମ୍ରାଜ୍ୟ ବିସ୍ତାର କରିବାରେ ସିଦ୍ଧହସ୍ତ , ନିଜ ସ୍ୱାର୍ଥ ପାଇଁ ସେମାନେ ସରକାର ଭାଙ୍ଗି ପାରନ୍ତି , ମନପସନ୍ଦର ସରକାର ମଧ ଗଢି ପାରନ୍ତି ଏହା ପ୍ରମାଣିତ । ତେବେ ଗଣତାନ୍ତ୍ରିକ ପଦ୍ଧତିରେ ସରକାର ଗଢ଼ିଥିବା ଏହି ନିରୀହ ଭୋଟ ଦାତାଙ୍କର ଭୂମିକା କ'ଣ ରହିଲା ? ବର୍ତ୍ତମାନ କେତେ ନୂତନ ଶିଳ୍ପ ଗଢି ଉଠିଛି ? କେତେ ଯୁବକ ଯୁବତୀ କାର୍ଯ୍ୟ ପାଉଛନ୍ତି ? କେତେ ଆତ୍ମନିର୍ଭରଶୀଳ ହେଉଛନ୍ତି ? ଏହି ସବୁତଥ୍ୟ ତ' ଆର:ଟି:ଆଇ ଦ୍ୱାରା ଜାଣିହେବ ଓ ସରକାରୀ କାର୍ଯ୍ୟାଳୟରେ ନୂତନ ନିଯୁକ୍ତି ବନ୍ଦକରି ଅବସର ପ୍ରାପ୍ତ / ପେନ୍ସନଭୋଗୀଙ୍କୁ ପୁନଃ ନିଯୁକ୍ତି ଦେବା ପଛର ଉଦେଶ୍ୟ କ'ଣ ? ଏହାଦ୍ୱାରା ଯୁବ ସମାଜ ତଥା ଯୋଗ୍ୟ ପ୍ରାର୍ଥୀମାନେ କ'ଣ ମାନସିକ ତଥା ଶାରୀରିକ ଯନ୍ତ୍ରଣା ପାଇବେ ନାହିଁ ? ଭୋକ ବା କ୍ଷୁଧା ସ୍ଥାନ କାଳ ପାତ୍ର ଦେଖେ ନାହିଁ କ୍ଷୁଧାର ଉପଶମ ପାଇଁ ଖାଦ୍ୟ ଦରକାର ଏବଂ ଖାଦ୍ୟ ପାଇଁ ଅର୍ଥର ଆବଶ୍ୟକତା ପଡେ, ଅର୍ଥ ପାଇଁ ପରିଶ୍ରମ କରିବାକୁ ପଡେ ଓ ଯୋଗ୍ୟତା ଅନୁସାରେ ଯଦି ସରକାର ବା ଉଦ୍ୟୋଗୀ ମାନେ କାର୍ଯ୍ୟ ଯୋଗାଇ ନ'ପାରିବେ ତେବେ ଏହି ଯୁବ ପିଢ଼ି କଣ କରିବେ ? ଦେଶର ଆର୍ଥିକ ସ୍ଥିତି କିଛିଦିନ ପରେ ରୁଗ୍ଣ ହୋଇଯିବ ତଥା ଯୁବପିଢ଼ି ମାନଙ୍କ ମନରେ କାର୍ଯ୍ୟ ପ୍ରତି ଥିବା ଉତ୍ସାହ ଧୀରେ ଧୀରେ କମିଯିବ ଓ କର୍ତ୍ତୃପକ୍ଷ ଯୁବ ପିଢିଙ୍କ ମାନସିକତାକୁ ତୃଣମୂଳ ସ୍ତରରୁ ତର୍ଜମା କରନ୍ତୁ , ଯଦି କର୍ମସଂସ୍ଥାନ ଯୋଗାଇବାରେ ବିଫଳ, ତେବେ ନିର୍ଦ୍ଧାରିତ ବର୍ଗର ବେକାର ଯୁବକ ଯୁବତୀଙ୍କ ପାଇଁ କିଛି ପ୍ରକଳ୍ପ କରନ୍ତୁ ନ'ହେଲେ ପରିସ୍ଥିତି ଅଣାୟତ୍ତ ହୋଇଯିବ । ଦେଶରେ ପୁଞ୍ଜିପତି ରୁହନ୍ତୁ ତାହା ସହିତ ଗରିବମାନଙ୍କର କଲ୍ୟାଣ ପାଇଁ ଥିବା ଯୋଜନା ଗୁଡିକର ସମୀକ୍ଷା କରି ଗରିବ କଲ୍ୟାଣ ପାଇଁ ଆସୁଥିବା ଟଙ୍କା ହଡପ କରୁଥିବା ଅସାଧୁ ମଧ୍ୟସ୍ଥିଙ୍କ ପାଇଁ କଠୋର ଦଣ୍ଡ ବିଧାନ ହେବାର ସମୟ ଉପନୀତ । ଦେଶର ଯୁବ ପିଢିଙ୍କୁ ଅଣଦେଖା କରିଥିବା ରାଷ୍ଟ୍ର ମାନେ ତଳି ତଳାନ୍ତ ହୋଇ ଯାଇଥିବା କଥା ଇତିହାସ କହେ, ତେଲିଆ ମୁଣ୍ଡରେ ଖାଲି ତେଲଦେଇ ଚାଲିଥିବା ବ୍ୟବସ୍ଥା ସହିତ ନୁଖୁରା ମୁଣ୍ଡକୁ ଟିକେ ଦୃଷ୍ଟି ଦେବା ଦରକାର ଓ ସରକାରଙ୍କ ଆଭିମୁଖ୍ୟ ବଦଳିବା ଦ୍ୱାରା ଦେଶର ନିଶ୍ଚିତ ପ୍ରଗତି ହେବ। ଧୀରେ ଧୀରେ ବେକାର ଥିବା ଯୁବ ପିଢ଼ି ମାନଙ୍କ ମଧରେ ବିତୃଷ୍ଣା ଭାବ ବଢିବ, କିଏ ନିଜ ଜୀବନକୁ ଆତ୍ମହତ୍ୟା ଦ୍ୱାରା ନିଃଶେଷ କରିଦେବା ତ' କିଏ ଅବାଟରେ ଯାଇ ଅପରାଧୀ ପାଲଟିଯିବ ବା ଶେଷରେ ଦେଶ ପାଇଁ ଏକ ବୋଝ ହୋଇଯିବ । ତେଣୁ ସରକାରୀ ସ୍ତରରେ ବଣ୍ଟାଯାଉଥିବା ମାଗଣା ଜିନିଷକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି କର୍ମଯୋଗାଣ ପାଇଁ ଚେଷ୍ଟିତ ଶ୍ରେୟସ୍କର ( ସରକାର ଯଦି ଚାହିଁବେ ତେବେ କେବଳ ଅକର୍ମଣ୍ୟ , ପେନ୍ସନ ବିହୀନ ବରିଷ୍ଠ ନାଗରିକ ତଥା ଅନାଥ ମାନଙ୍କପାଇଁ ଏହି ମାଗଣା ଯୋଜନାର ରୂପ ବଦଳାଇ ମଧ୍ୟସ୍ଥିଙ୍କ ଦ୍ୱାରା ହରିଲୁଟ ବିହୀନ ସାହାଯ୍ୟ ଦେଇପାରିବେ) । ଆମଦେଶରେ ଶିକ୍ଷା ନୀତି ଏକ ଗୋଲକ ଧନ୍ଦା ସଦୃଶ , ପୁଞ୍ଜିପତି ମାନଙ୍କୁ ଅନୁମତି ଦେଇ ଦେଶ ସାରା ହଜାର ହଜାର ଇଞ୍ଜିନିଅରିଂ କଲେଜ ଖୋଲି ଦେଇଛନ୍ତି , କଲେଜ ଗୁଡିକ ନିରୀହ ଛାତ୍ର ମାନଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି , ବ୍ୟାଙ୍କ ଋଣ କରାଇ କଲେଜରେ ଆଡ଼ମିସନ କରାଇ ଦେଉଛନ୍ତି , ପାଠ ପଢାଇବାପାଇଁ କଲେଜରେ ଉପଯୁକ୍ତ ଶିକ୍ଷକ ନଥିବାରୁ ପିଲାମାନେ ସିଲାବସ ଅନୁଯାଇ ପାଠ ପଢିପାରୁନାହାନ୍ତି, ତେଣୁ ଯେନ ତେନ ପ୍ରକାରେ ପାସ କରି କୌଣସି ଚାକିରୀ ପାଇଁ ପାରୁନାହାନ୍ତି । ଏଠାରେ ପରୋକ୍ଷରେ ଶୋଷଣର ଶିକାର ହୋଇଥିବା ଛାତ୍ରଟି କରିବ କଣ ? ପେଟ ପୋଷିବା ପାଇଁ କର୍ମ ସଂସ୍ଥାନ ନାହିଁ ତା' ପରେ ବ୍ୟାଙ୍କର ଋଣ ଭାର ବଢି ବଢି ଚାଲିଛି , ତେବେ ଆପଣମାନେ ବିଚାର କରନ୍ତୁ ସେ ନିଜର ଜୀବିକା, ଜୀବନ ପାଇଁ କେଉଁ ପଦକ୍ଷେପ ଗ୍ରହଣ କରିବ ? ଚୋରି, ଡକାୟତି କରିବ ନା' ଏକା ସରକାରୀ କଳ ସହିତ ଲଢ଼ିବ ? ଏଠାରେ କଲେଜ ପାଉଣା ନେଇ ତା'ର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ନ'କରି ମଧ ସରକାରଙ୍କ ସୁନାପୁଅ ହୋଇ ପାରୁଛି ଆଉ ଛାତ୍ରଟି ଖଣ୍ଡେ ସାର୍ଟିଫିକେଟ କାଗଜକୁ ଲାମିନେସନ କରି 'ବାର ଦୁଆର ଶୁଣ୍ଢୀ ପିଣ୍ଡା' ହେବା ପରି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛି । 'ବିକ୍ରମାଦିତ୍ୟଙ୍କ ବତ୍ରିଶ ସିଂହାସନ' ଉପରେ ବସିଥିବା ଭୋଜ ରାଜା କ'ଣ ନିଦ୍ରାରେ ? ନା' ଜାଗ୍ରତ ? ମନ୍ତ୍ରୀ ପରିଷଦ, ଚାଟୁକାରଙ୍କ କଥାରେ ଭୋଜରାଜ ବୋଧ ହୁଏ ନିଜର କର୍ତ୍ତବ୍ୟ ଭୁଲି ଦୂର ଦିଗ୍‌ବଳୟରେ ଦୃଶ୍ୟମାନ ହେଉଥିବା 'ଇନ୍ଦ୍ରଧନୁର' ସପ୍ତରଙ୍ଗକୁ ଉପଭୋଗ କରୁଛନ୍ତି । ଏଠାରେ କେବଳ ଯାନ୍ତ୍ରିକ ବିଦ୍ୟାଳୟର ଛାତ୍ରଙ୍କ କଥା କୁହାଯାଇ ନାହିଁ ସବୁ ବର୍ଗର ଯୁବ ପିଢ଼ି ମାନଙ୍କର ରୋଜଗାର/ଚାକିରୀ ବିଷୟରେ ଆଜି ସାରା ଦେଶ ଚିନ୍ତିତ । ପୃଥିବୀର ପ୍ରାୟ ୯୫ ପ୍ରତିଶତ ଦେଶ ଆଜି ଏହି ପ୍ରକାର ଉତ୍କଟ ବେକାରୀ ସମସ୍ୟାକୁ ନେଇ ଅତିମାତ୍ରାରେ ଚିନ୍ତିତ । ଦକ୍ଷିଣ ଆଫ୍ରିକା ଦେଶରେ ସବୁଠାରୁ ବେଶୀ ୩୩.୬ ପ୍ରତିଶତ ବେକାର କାର୍ଯ୍ୟ ପାଇଁ ସଂଗ୍ରାମରତ, ସେହିପରି ଅତି ଉନ୍ନତ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ମଧ ବେକାରୀ ସମସ୍ୟାକୁ ନେଇ ଚିନ୍ତିତ।

▶▶ପୃଷ୍ଠା ୭





### ଡର ଲାଗଇ

ରମେଶ ଚନ୍ଦ୍ର ନାୟକ

ଡର ଲାଗଇ ଚୋରି କରିଲେ
ଦୋଷ କଲେ ଲାଗେ ଡର
ମିଥ୍ୟା ବାଦୀକୁ ସତ କହିବା
ଅଳସୁଆ ଶ୍ରମ ଚୋର ।
ଡର ଲାଗଇ କହିଲେ ମିଛ
ଚୋର ଡରେ ପୁଲିସିକୁ
ଅତ୍ୟାଚାରୀକୁ ଦୁର୍ବଳ ଡରେ
ରୋଗୀ ଡରେ ମରଣକୁ ।
ଡର ଲାଗଇ ଭଦ୍ର ଲୋକକୁ
କଲେ କିଏ ବଦନାମୀ
କର୍ମଚାରୀକୁ ଛଟେଇ ଡର
କାମରେ କଲେ ଠକାମୀ ।
ଡର ଲାଗଇ ଚାଷୀ ଭାଇକୁ
ପ୍ରକୃତି ଦାଉ ସାଧିଲେ
ଦେଶ ରାଜ୍ୟର ହୃଦୟେ ଡର
ବାତ୍ୟା ବନ୍ୟା ହେଉଥିଲେ ।
ଡର ଲାଗଇ ଛାତ୍ରଛାତ୍ରୀଙ୍କୁ
ଗୁରୁଙ୍କ ଆଦେଶ କଡ଼ା
ପରୀକ୍ଷା ବେଳ ହୁଅଇ କାଳ
ଢିଲାକଲେ ପାଠପଢା ।
ଡର ଲାଗଇ ଜ୍ଞାନୀ ଗୁଣୀଙ୍କୁ
କରିଲେ ସମାଲୋଚନା
ସଫଳ ଦେଖି ଅନ୍ୟ କାହାର
ପ୍ରତିଦ୍ୱନ୍ଦୀ ବାଟବଣା ।
ଡର ଲାଗଇ ମହାଜନଙ୍କୁ
ଅଧିକ ସମ୍ପଦ ଥିଲେ
ଗରୀବ ଡରେ ଚାଳ ଘରକୁ
ବରଷା ପବନ ହେଲେ ।
ଡର ଲାଗଇ ବନ୍ୟ ପ୍ରାଣୀଙ୍କୁ
କରିଲେ ଜଙ୍ଗଲ ଧ୍ୱଂସ
ଗଛ ଲଗାଇ ଯତନ ନେଲେ
ସୁଖରେ କରିବେ ବାସ ।
ଡର ଲାଗଇ ମନ୍ତ୍ରୀ ନେତାଙ୍କୁ
ଚଉକି ଯିବାକୁ ଚାଲି
ବାର୍ଦ୍ଧକ୍ୟ ଲୋକ ଡରେ ପ୍ରଭୁଙ୍କୁ
ସ୍ୱର୍ଗ ପଥ ଖୋଜେ ଖାଲି ।
ଶୋଇ ହେବନି ଥିଲେରେ ଡର
ଦିନ ହେଉ ଅବା ରାତି
ଡର ଶୂନ୍ୟତା ସ୍ୱାଧୀନ ଚିନ୍ତା
ହୃଦୟେ ନଥାଏ ଭୀତି ।

+କେଶରପୁର , ବକ୍ସି ବଜାର , କଟକ
ମୋ : ୭୯୭୮୧୫୧୭୧୦

### ଆତ୍ମ କଥା

ସୁଧାକର ରାଉତ

କେତେ ବା ସଂଗ୍ରାମ କାହା ସଙ୍ଗେ
କରୁଥିବି ଭିଜି ନାନା ରଙ୍ଗେ
ହାରଜିତର ପଶାପାଲିରେ ନିଇତି
ଜୀବନ ଜିଇଛି ନିଜ ଢଙ୍ଗେ ।
ସାଲିସ କରା ଜୀବନେ ମରି
ବଞ୍ଚିଛି ମୃତ୍ୟୁ କବଚ ଧରି
କାଳେ ଭୁଲ ହେବ ଅସୀମ ଗଣିତ
ମିଶାଣ ସହ ଫେଡାଣ କରି ।
ରାତି ଥିଲା ପୁଣି ଦିନ ହେଲା
ସୂର୍ଯ୍ୟର ପ୍ରକୋପ କମି ଗଲା
ଅପରାହ୍ନ ଦେଖି ମନ ଚଢେଇଟି
ସ୍ୱତଃ ଆପଣା ବସା ଖୋଜିଲା ।
ଅବଶୋଷ ଭାର କାନ୍ଧେ ବୋହି
ଦୁଃଖର ଗଜଲ ତାନେ ଗାଇ
ଗୁନ୍ଥି ପାରିଲିନି ଶାଶ୍ୱତ ଗଜରା
ଗୁମୁରି କାନ୍ଦଇ ହୃତ ଦେହୀ ।
ନ ମଉଳେ ମୋର ମୋହ କଢ଼ି
ବୃନ୍ତରୁ କେ ତାକୁ ନ୍ୟନ୍ତା କାଢି
ପିଞ୍ଜରା ପ୍ରାସାଦ ଟଳମଳ ଏବେ
ଯାହାକୁ ଥିଲି ବାଲିରେ ଗଢି ।
ନିଃସଙ୍ଗତା ଅସ୍ତ୍ର ଅସହାୟେ
ମୁଠାରେ ଧରିଛି କିଆଁ ହାୟ
ତାହାର ଆଘାତେ କ୍ଷତାକ୍ତ ହୋଇ ବି
ସଅଁପି ଦେଉନି ତାଙ୍କୁ ଲୟେ ।
ନାହିଁ ହାରିବା ଅନୁ ଶୋଚନା
କ୍ଲିଷ୍ଟ ଯନ୍ତ୍ରଣା ଦାୟୀ ଭାବନା
ପକ୍ଷହୀନ ହୋଇ ଉଡିବା ଆକାଂକ୍ଷା
ବାରେ ପୂରଣ କରିଦିଅନା ।

+ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨



### ହସ କେରାଏ ବିଞ୍ଚିଦେବା

ସୁଧାଂଶୁ ଶେଖର ଦ୍ୱିବେଦୀ

ଚାଲ ଫେରିଯିବା ପିଲାଦିନକୁ
କିଛି ଖୁସି ଉଧାର ଆଣିବା
ନିଜ ହାତ ରେଖାରୁ
କିଛି ରେଖା ଚୋରାଇ ଆଣିବା।

ଅନ୍ଧାରରେ ଥିବା ଘର କୋଣରେ
ଗୋଟେ ଦୀପ ଜଳେଇଦେବା
ଲିଭି ଯାଇଥିବା ହୃଦ କନ୍ଦରକୁ
ପୁଣିଥରେ ପ୍ରକାଶିତ କରିବା।

ନିରାଶିତ ମନର ନୟନରେ
ଚାଲ ସ୍ୱପ୍ନ କିଛି ସଜେଇଦେବା
ମୁକ୍ତ ବିହଙ୍ଗର ଡେଣାକୁ
ଆହୁରି ମଜବୁତ କରିବା।

ରଙ୍ଗହୀନ ଜୀବନ ଭିତରେ
ଚାଲ କିଛି ରଙ୍ଗ ଭରିଦେବା
ଚୁପଚାପ ମନୁଷ୍ୟ ମନରେ
ଜାଗୃତିର ଶବ୍ଦ ଭରିଦେବା।

ଓଠରେ ଯାହାର ଉଦାସ ଭରିଛି
ଅବସାଦ ଭରା ବ୍ୟୁହରେ ଅଛି
ଚାଲ ଆଉଥରେ ସେଇ ଅସହାୟ
ମୁହଁରେ ହସ କେରାଏ ବିଞ୍ଚିଦେବା।

+ବିସି-୭୪,ସଲଟ ଲେକ,କଲକାତା-୬୪
ମୋ-୯୬୮୧୩୭୩୫୧୨



### ଡିଗ୍ରୀ ସାର୍ଟିଫିକେଟ

ଭାଗୀରଥି ସାଗର

କାହାକୁ କେଜାଣି
ଡିଗ୍ରୀ ଭଲ ଲାଗେନା,
ମୋତେ କିନ୍ତୁ ଏ
ଡିଗ୍ରୀ ସାର୍ଟିଫିକେଟତକ
ଭାରି ଭଲ ଲାଗେ,
ମନରେ ଭରି ଦିଏ
ସୀମାହୀନ ଆତ୍ମ ତୃପ୍ତି,
ଅପୂର୍ବ ଶାନ୍ତି।
କହନ୍ତି, ଏ ଡିଗ୍ରୀ ମୂଲ୍ୟହୀନ
ଏ ପରିଶ୍ରମ, ଅର୍ଥ ବିନିଯୋଗ
ସବୁ ବୃଥା।
କିନ୍ତୁ ଯେଉଁ ଡିଗ୍ରୀ ଆଣେ
ଅପରୂପ ଧୈର୍ଯ୍ୟ,
ଉଭେଇ ଦିଏ ଉଦାସକୁ।
ପରିତାପଗୁଡ଼ିକ
ଝାସ ଦିଏ ସମୁଦ୍ରର ଅଗାଧ
ଜଳରେ, ତେବେ ଏଥର ବି
କହି ପାରିବ କି ?
ଡିଗ୍ରୀର କିଛି
ମୂଲ୍ୟ ନାହିଁ, ହା, ପଇସା ତ
ବିନା ଡିଗ୍ରୀରେ ବି
ଉପାର୍ଜନ କରି ହୁଏ, ତ ଡିଗ୍ରୀ
ସହ ପଇସା ପାଇବା ମୁଁ
ଯଥେଷ୍ଟ ଭଲ ଭାବେ।
କାହିଁକିନା,
ଏଥିରେ ପଇସା ସହ ମିଳେ
ସମ୍ମାନ, ଆଦର ଓ ଭଲପାଇବା।
ଏଣୁ, ହେ ଡିଗ୍ରୀ ସାର୍ଟିଫିକେଟ !
ତମେ ନିରର୍ଥକ ନୁହଁ,ବରଂ ଖୁସି
ପ୍ରଦାନ କରୁଥିବା ଜନନୀ,
ଯାହାର ସ୍ନେହ ଅତୁଟ,
ମହୋଦଧି ଠୁଁ ଆହୁରି
ଗହ୍ୱର।

+ଡାଲଗୁମା,କୋକସରା,କଳାହାଣ୍ଡି
ମୋ ୯୩୩୭୬୨୪୮୯୯





## ବିଜୟା

### ମୀରା ବେଉରା





ସେ ଦିନ କାଠଗଡ଼ାରେ ଥାଇ ସମସ୍ତଙ୍କ ସମ୍ମୁଖରେ ଜୋର୍‌ରେ ପାଟିକରି କହୁଥା'ନ୍ତି- ହଁ, ହଁ ମୁଁ ଖୁନୀ, ମୁଁ ଖୁନୀ। ଜଜ୍ ସାହେବ ଆପଣ ମୋତେ ଯାହା ସଜା ଦେବେ ଦିଅନ୍ତୁ। ମୁଁ ସତ କହୁଛି, ମୁଁ ହିଁ ସୁଜିତ୍ ସାମନ୍ତରାୟଙ୍କୁ ଖୁନ୍ କରିଛି। ମୁଁ ହିଁ ତାଙ୍କୁ ଖୁନ୍ କରିଛି। ମୋତେ ବିଶ୍ୱାସ କରନ୍ତୁ ଜଜ୍ ସାହେବ, ମୋତେ ବିଶ୍ୱାସ କରନ୍ତୁ। ଖାଲି ସୁଜିତ୍ କାହିଁକି, ଦରକାର ପଡ଼ିଲେ ଏ ସମାଜର ଅଗଣିତ ସୁଜିତ୍ ସାମନ୍ତରାୟଙ୍କୁ ମୁଁ ନିଜ ହାତରେ ଖୁନ୍ କରିବି।

ଏହାହିଁ ଥିଲା ଇନ୍ଦ୍ରଜିତ୍ ସାମନ୍ତରାୟଙ୍କ ପରିବାରର ବଡ଼ବୋହୂ ବିଜୟା ସାମନ୍ତରାୟଙ୍କର ଉକ୍ତି। ବିଜୟା ସାମନ୍ତରାୟ ଥିଲେ ଜଣେ ଉଚ୍ଚଶିକ୍ଷିତା, ସୁନ୍ଦରୀ, ଭଦ୍ର, ନମ୍ର ମହିଳା। ସମାଜସେବୀ ଥିଲା ତାଙ୍କ ଜୀବନର ବ୍ରତ। ଯେତେବେଳେ ଯିଏ ଯେଉଁ ମୁହୂର୍ତ୍ତରେ ତାଙ୍କର ସାହାଯ୍ୟ ଭିକ୍ଷା କରୁଥିଲା, ସେ ତାକୁ ବିନା ଦ୍ୱିଧାରେ ସାହାଯ୍ୟ କରୁଥିଲେ। ଇନ୍ଦ୍ରଜିତ ସାମନ୍ତରାୟ ହେଉଛନ୍ତି, ଜଣେ ସଚ୍ଚୋଟ କର୍ତ୍ତବ୍ୟନିଷ୍ଠ ରିଟାୟଡ୍ ପୋଲିସ ଅଫିସର। ଅନେକଦିନରୁ ତାଙ୍କ ପତ୍ନୀ ବିମଳା ଦେବୀଙ୍କର କର୍କଟ ରୋଗରେ ଦେହାନ୍ତ ହୋଇଯାଇଛି। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ। ଝିଅ ରିନୁର ବିଭାଘର ସରିଯାଇଛି। ବଡ଼ପୁଅ ରାଜୀବ ବ୍ୟାଙ୍କ୍ ଅଫିସର। ସାନ ପୁଅ ସୁଜିତ୍ ଏମ୍.ସି.ଏର ଶେଷବର୍ଷ ଛାତ୍ର। ସକାଳ ଶେଯରୁ ଉଠିଲା ପରଠାରୁ ରାତ୍ରିରେ ଶେଯକୁ ଯିବା ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ଖାଲି ଗୋଟିଏ ନାଁ– ଫୁଲ ଫୁଲ ଫୁଲ। ଯେମିତି ଫୁଲ ନ ଥିଲେ ସବୁ ବର୍ଷ ଅସମାପ୍ତ ଆଉ ଅଧା। ଫୁଲ ବିନା ସେ ଘରେ ଯେମିତି କିଛି କାର୍ଯ୍ୟ ହୋଇପାରିବ ନାହିଁ। ସକାଳର କଅଁଳ ଖରା ମଧ୍ୟାହ୍ନରେ ତାତି କେତେବେଳେ ପୁଣି ସୁନେଲି କିରଣ ଦେଇ ଆକାଶରେ ଲୁଚିଯାଏ ଫୁଲ ଜାଣିପାରେନି। ସମସ୍ତଙ୍କ ମୁହଁରେ ଖାଲି ଫୁଲ ଫୁଲ। କିଏ କହେ, ଫୁଲ ମୋର ଗାଧୋଇବା ଟାଇମ୍ ହେଲାଣି ପାଣି ଗରମ କରି ଦେ, ପୁଣି କିଏ କହେ ଜଲ୍‌ଦି ଜଲ୍‌ଦି ରାଷୋଇ ସାରେ, ଆଜି ଦୁଇଜଣ ବନ୍ଧୁ ଆସିବେ ଘରକୁ, ପୁଣି କିଏ କହେ, ଫୁଲ ମୋର ଡ୍ରେସ୍‌ଗୁଡ଼ାକ ସଫା କରି ଆଇରନ୍ କରି ଦେ। ଏମିତିକି ପିଞ୍ଜରାର ଶୁଆଶାରୀ ଓ ପୋଷାକୁକୁରଠାରୁ ଆରମ୍ଭ କରି ବଗିଚାର ଫୁଲଫଳ ଗଛ ପର୍ଯ୍ୟନ୍ତ ସଭିଏଁ ଫୁଲକୁ ଚାହିଁ ବସିଥା'ନ୍ତି। କେତେବେଳେ ଫୁଲ ତାଙ୍କୁ ଆଧାର ଦେବ। ବଞ୍ଚିବାର କଳା ଶିଖାଇବ। ଏ ଫୁଲ ଯେମିତି ସୁନ୍ଦରୀ, ସେମିତି ଗୁଣର ଝିଅଟିଏ। ବିଚାରୀ ରାତିଦିନ ସମସ୍ତଙ୍କ ପାଇଁ ଆଶାବାଡ଼ିଟିଏ ପାଲଟିଥାଏ। ମାନ ନାହିଁ, ଅଭିମାନ ନାହିଁ, ଅଭିଯୋଗ ନାହିଁ। କେବଳ ଲୋଟଣି ପାରା ଭଳି ଦିନରାତି ଖଟି ଚାଲିଥାଏ।

ବାପା-ମାଆ ଚାଲିଗଲା ଦିନଠାରୁ ନିଜେ ଇନ୍ଦ୍ରଜିତ ସାମନ୍ତରାୟ ତାକୁ ସୁଦୂର କେନ୍ଦୁଝରଗଡ଼ରୁ ଭୁବନେଶ୍ୱର ନେଇଆସିଥିଲେ। ଭାବିଥିଲେ ନିରାଶ୍ରୟା ଝିଅଟି ତାଙ୍କ ଘରକୁ ଆସି କୂଳରେ ଲାଗିଯିବ। ବଞ୍ଚିବାର ଆଶ୍ରା ମିଳିଯିବ। ତାର ଜୀବନ ସୁଧୁରିଯିବ। ବିଚାରୀ ଯେଉଁଦିନ ତା' ଗାଁରୁ ଆସିଥିଲା, ଭାରି କାନ୍ଦୁଥିଲା। ଗାଁ'ର ସାଙ୍ଗସାଥୀ, ପାହାଡ଼, ଝରଣାର କୁଳୁକୁଳୁ ଶବ୍ଦ ଓ ବୁଦାବୁଦା ବଣ, ଯାହା ନାନା ଫୁଲର ବାସ୍ନାରେ ମହକୁ ଥିଲା ସେଇ କଥା ଭାବି ଭାବି ଫୁଲ ବେଳେ ବେଳେ ଭାରି ଝୁରିହୁଏ। ଯେଉଁଦିନ ତା'ର ସରଳ ମନ ନେଇ ଧୂଳିଧୂସର ଅଳିଅ ଆବର୍ଜନାରେ ପୂର୍ଣ୍ଣ ଉପରକୁ ଚକଚକିଆ ଦିଶୁଥିବା କଂକ୍ରିଟ୍ ସହରକୁ ଆସିଲା, ତାକୁ ପ୍ରଥମେ ପ୍ରଥମେ ଲାଗୁଥିଲା ଯେମିତି ଅଜାଣତରେ ଗୋଟିଏ ଅଗ୍ନି ଗୃହରେ ପ୍ରବେଶ କରିଛି ସେ। କିନ୍ତୁ ତା'ର ମନ କଥା ଜାଣିପାରି ଇନ୍ଦ୍ରଜିତ୍‌ବାବୁ ତା'ର ପିଠି ଥାପୁଡ଼େଇ ଦେଇ ସେ ଦିନ ଆଶ୍ୱାସନା ଦେଇ କହିଲେ, "ତୁ ମନ ଦୁଃଖ କରନା। ମୋ' ଘରେ ତୁ ମୋର ଝିଅ ହୋଇ ରହିବୁ।

କିଛିଦିନ ପରେ ସମସ୍ତଙ୍କ ଶ୍ରଦ୍ଧା ପାଇ ଫୁଲ ମଧ୍ୟ ସେହି ଘରକୁ ନିଜର କରିନେଲା। ପରିବାରରେ ସମସ୍ତଙ୍କ ମନକୁ ଧୀରେ ଧୀରେ କିଣିନେଲା ଫୁଲ। ସମସ୍ତେ ତା'ର କାମକୁ ପ୍ରଶଂସା କରନ୍ତି। ଏମିତିକି ଇନ୍ଦ୍ରଜିତଙ୍କ ପରିବାରକୁ ଯେଉଁ ଅତିଥିମାନେ ଆସନ୍ତି, ସେମାନେ ମଧ୍ୟ ଫୁଲକୁ ପ୍ରଶଂସା ନ କରି ରହିପାରନ୍ତିନି। ଏହି ଫୁଲ ଗାଁର ଆଦିବାସୀ ଝିଅଟିଏ ହେଲେ ବି ସର୍ବଗୁଣାସମ୍ପନ୍ନା। ତା'ର ବ୍ୟବହାରରେ ସେ ସଭିଙ୍କ ମନ କିଣିନିଏ। ଘରକୁ କେତେବେଳେ ବଡ଼ବାବୁଙ୍କ ସାଙ୍ଗ ଆସନ୍ତି ତ କେତେବେଳେ ଇନ୍ଦ୍ରଜିତବାବୁଙ୍କର ସାଙ୍ଗ ଆଉ ପୁଣି କେତେବେଳେ ସୁଜିତ୍‌ବାବୁଙ୍କ ସାଙ୍ଗ ଆସନ୍ତି। ସମସ୍ତଙ୍କୁ ଚର୍ଚ୍ଚା କରିବାରେ ଫୁଲ କେବେ ହେଳା କରେନି। ତେଣୁ ସମସ୍ତଙ୍କର ପ୍ରିୟପାତ୍ରୀ ଥିଲା ଏଇ ଫୁଲ।

ଥରେ ସୁଜିତବାବୁଙ୍କ ସାଙ୍ଗମାନଙ୍କ ଭିତରୁ ଜଣେ ସାଙ୍ଗ କହି ଉଠିଲା, "ଆରେ, ସୁଜିତ୍ ତୋ' ଘରେ କ'ଣ ସୁନ୍ଦରୀ ଝିଅଟାଏ ଅଛି, କଥା କ'ଣ? କି ସୁନ୍ଦର ହୋଇଛି ମ ସତେ! ଏମିତି ଝିଅ ଥିଲେ ଜମା ବୋର୍ ଲାଗିବନି।" ଏହି କଥାଗୁଡ଼ିକ ଫୁଲକୁ ଯେମିତି ରୁନ୍ଧି ପକାଉଥିଲା। ସେ କିଛି ନ କହି ବଡ଼ଭାଉଜଙ୍କ ପାଖକୁ ଚାଲିଗଲା। ଫୁଲଠାରୁ ସବୁ ଶୁଣି ଭାଉଜ କ୍ଷୋଭର ସହିତ ରାଗରେ ନିଆଁବାଣ ହୋଇଗଲେ ଏବଂ ତାଙ୍କ ସାଥୀମାନଙ୍କୁ କହିଉଠିଲେ, "ଘରର ଝିଅମାନଙ୍କୁ କିପରି ବ୍ୟବହାର କରିବାକୁ ହୁଏ, ସେ କଥା କ'ଣ ତୁମମାନଙ୍କୁ ମୋତେ ଜଣାଇବାକୁ ପଡ଼ିବ। ତୁମମାନଙ୍କୁ କ'ଣ ଭଦ୍ରାମି ଜଣାନାହିଁ?" ଏସବୁ ଶୁଣି ସୁଜିତ୍ କହିଲେ, "ଭାଉଜ ତୁମର ମୋ' ସାଙ୍ଗମାନଙ୍କୁ ଏପରି ଅପମାନ ଦେବା ଠିକ୍ ହୋଇନି। ଯେତେବେଳେ ସେମାନେ ମୋର ସାଙ୍ଗ। ଆଉ ଫୁଲ ଏ ଘରର ଗୋଟିଏ ମାମୁଲି ଚାକରାଣୀ। ସାମାନ୍ୟ ଗୋଟିଏ ମାମୁଲି ଚାକରାଣୀ ପାଇଁ ତୁମର କାହିଁକି ଏତେ ବରଦ ଶୁଣେ।" ଏହି କଥା ପଦକ ବିଜୟାଙ୍କୁ ବହୁତ ବାଧିଥିଲା।

ସେ ସଙ୍ଗେ ସଙ୍ଗେ କହିଲେ– କାହାକୁ ତୁମେ ଚାକରାଣୀ କହୁଛ ଶୁଣେ। ଫୁଲ ଏ ଘରର ଚାକରାଣୀ ନୁହେଁ, ସେ ଏ ଘରର ଝିଅ। ତୁମର ଭାବିବା ଉଚିତ୍ ଯେ, ଫୁଲ୍ ତା'ର ସବୁ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଆମ ଘରେ ଆଜି ଚାକରାଣୀ ପରି ଦିନରାତି ଖଟୁଛି। ମାନୁଛି ତୁମ କହିବା ଅନୁସାରେ ସେ ଏ ଘରର ଚାକରାଣୀ। ଯା' ବୋଲି ତା'ର କ'ଣ ମାନଇଜ୍ଜତ କିଛି ନାହିଁ! ଏତକ କହି ସେହି ସ୍ଥାନ ଛାଡ଼ି ଘର ଭିତରକୁ ଚାଲିଯାଇଥିଲେ ବିଜୟଦେବୀ।

ଆଉ ଏକ ଦିନର ଘଟଣା। ଇନ୍ଦ୍ରଜିତବାବୁ କିଛିଦିନ ଯାଉ ଆମେରିକାରେ ରହୁଥିବା ସାନଝିଅ ଘରକୁ ବୁଲିବାକୁ ଯାଇଥା'ନ୍ତି। ବିଜୟାଦେବୀ ଏବଂ ରାଜୀବବାବୁ ଗୋଟିଏ ବିଭାଘରରେ ଯୋଗଦେବା ପାଇଁ ବାହାରିଲେ। ଘର ଫାଙ୍କା ଦେଖି ସୁଜିତ୍‌ବାବୁ ତାଙ୍କ ସାଥୀମାନଙ୍କୁ ଡାକି ରାତିରେ ବେଶ୍ ଗୋଟେ ଆସର ଜମାଇଦେଲେ। ଘରେ ଫୁଲକୁ ଚିକେନ୍, ପଲାଉ ଓ ସାଲାଡ୍ କରିବାକୁ ବରାଦ କରିଦେଲେ। ଫୁଲ ରୋଷେଇ କାର୍ଯ୍ୟରେ ବ୍ୟସ୍ତ ଥାଏ। ଏପଟେ ଟେପ୍‌ରେ ଭୋରରୁ ଗୀତ ବଜେଇ ସାଥୀମାନଙ୍କ ସହ ସୁଜିତ୍ ଗୀତର ତାଳେ ତାଳେ ନାଚୁଥାନ୍ତି। ଠିକ୍ ଏତିକିବେଳେ ସୁଜିତ୍‌ର ଦୁଇଜଣ ସାଙ୍ଗ ପ୍ରଥମେ ଯାଇ ଫୁଲକୁ ରୋଷେଇ ଘରେ ପାଣି ମାଗିଲେ। ଫୁଲ ପାଣି ଦୁଇ ଗ୍ଲାସ୍ ଦୁଇ ଜଣକୁ ବଢ଼ାଇଦେଲା।

ସେହି ଦୁଇଜଣଙ୍କ ଭିତରୁ ଜଣେ ଫୁଲର ହାତକୁ ଧରି ପକାଇ କହିଲା, "ଏତିକି ପାଣିରେ କ'ଣ ଆମ ଶୋଷ ମେଣ୍ଟିବ? ଆମକୁ ପରା ଭାରି ଶୋଷ।" ଫୁଲ ପ୍ରଥମେ ବୁଝିପାରିଲାନି। ଫୁଲ ଡରି ଡରି ବରଡ଼ା ପତର ପରି ଥରୁଥାଏ। ବିଚାରୀ କ'ଣ କରିବ? କାହାକୁ ଡାକିବ? ସେ ତ ଏକୁଟିଆ ଘରେ ଅଛି। ସେଦିନ ସିନା ଭାଉଜ ତାଙ୍କୁ ରକ୍ଷା କରିଥିଲେ, ହେଲେ ଆଜି ଭାଉଜ ତ ଘରେ ନାହାନ୍ତି। ଠିକ୍ ଏତିକିବେଳେ ସୁଜିତ୍ ଯାଇ ରୋଷେଇ ଘରେ ପହଁଞ୍ଚିଗଲେ। ଦେଖିଲେ ସେ ଦୁଇଜଣଯାକ ଫୁଲର ହାତକୁ ଟଣାଓଟରା କରୁଛନ୍ତି। ଫୁଲ ଭାବିଲା ସୁଜିତଭାଇ ବୋଧେ ମୋତେ ସେମାନଙ୍କ କବଳରୁ ବଞ୍ଚାଇବା ପାଇଁ ଆସିଛନ୍ତି। ସେ ଭୟରେ ସେମାନଙ୍କୁ ପାଖରୁ ଖସିଆସି ସୁଜିତ୍‌ଙ୍କୁ ଧରି ପକାଇଲା; କିନ୍ତୁ ଏ କ'ଣ ସେ ଦେଖୁଛି। ଯାହା କେବେ ଭାବି ନ ଥିଲା, ତାହାହିଁ ହେଲା। ଜଙ୍ଗଲରେ ହିଂସ୍ର ବାଘ ଶିକାରକୁ ମାଡ଼ିବସିଲା ପରି ସୁଜିତ୍ ଫୁଲକୁ ମାଡ଼ିବସିଲେ। ଫୁଲ ନିଜକୁ ରକ୍ଷା କରିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଥାଏ। ମନେମନେ ଭଗବାନଙ୍କୁ ନେହୁରା ହେଉଥାଏ। ସୁଜିତଭାଇର ଗୋଡ଼ଧରି ଅନେକ ନେହୁରା ହେଉଥାଏ ତାକୁ ଛାଡ଼ିଦେବା ପାଇଁ।

ଏହି ସମୟରେ ବିଜୟାଦେବୀ ଭୋଜିରୁ ଫେରୁଥା'ନ୍ତି। ହଠାତ୍ ରୋଷେଇ ଘର ଭିତରୁ ପାଟିଶୁଣି ସେ ରୋଷେଇ ଘରକୁ ଦୌଡ଼ିଗଲେ। ଭାବିଲେ ବୋଧହୁଏ ରୋଷେଇ କରୁକରୁ ଫୁଲର କିଛି ଅଘଟଣ ଘଟିଛି। ରୋଷେଇ ଘରେ ପଶି ଦେଖନ୍ତି ତ ସୁଜିତ ଓ ତା'ର ସାଙ୍ଗମାନେ ଗୋଟିଏ ମାଂସଖଣ୍ଡକୁ କୁକୁରମାନେ ଝାମ୍ପିନେଲା ଭଳି ଫୁଲକୁ ସମସ୍ତେ ଖୁମ୍ପି ଚାଲିଛନ୍ତି। ଯେତେ ବାରଣ କଲେ ବି କେହି ଶୁଣୁନାହାଁନ୍ତି। ସେ ଭାବିପାରୁ ନ ଥିଲେ ଯେ ସଭ୍ୟ ସମାଜରେ ଶିକ୍ଷିତ ବୋଲାଉଥିବା ଭଦ୍ର ଘରର ପିଲାମାନେ ଏମିତି ଅମାନୁଷିକ କାର୍ଯ୍ୟ କରିପାରନ୍ତି। ଯେତେ ଚେଷ୍ଟା କଲେ ବି ସେ ଫୁଲକୁ ସେହି ରାକ୍ଷସମାନଙ୍କ କବଳରୁ ରକ୍ଷା କରିପାରୁନଥିଲେ। ବଡ଼ ଅସହାୟ ଅବସ୍ଥାରେ କେବଳ ଚିତ୍କାର କରିଚାଲିଥା'ନ୍ତି; କିନ୍ତୁ ଫଳ କିଛି ହେଲାନାହିଁ। ହଠାତ୍ ତାଙ୍କ ନଜର ଯାଇ ପଡ଼ିଲା ପରିବାଝୁଡ଼ି ଭିତରେ ଥିବା ଛୁରୀ ଉପରେ। ଫୁଲର ଏହି ଅସହାୟ ଅବସ୍ଥା ଦେଖି ସେ ଆଉ ସହିପାରିଲେନି। ତତ୍‌କ୍ଷଣାତ୍ ଫୁଲକୁ ବଞ୍ଚାଇବାକୁ ଯାଇ ସେ ସୁଜିତ୍‌କୁ ଖୁନ୍ କରିବସିଲେ। 'ଖୁନ୍ ଖୁନ୍' କହି ସୁଜିତ୍‌ର ସାଙ୍ଗମାନେ ସବୁ ଦୌଡ଼ାଦୌଡ଼ି ହୋଇ ପଳାଇଗଲେ। ଫୁଲ ମୁହଁକୁ ଲୁଚାଇ କ୍ଷତିବିକ୍ଷତ ଅବସ୍ଥାରେ ଭେଁ ଭେଁ ହୋଇ କାନ୍ଦୁଥାଏ। ଶରୀରର ଲୁଗା ଅଧା ଚିରିଯାଇଥାଏ। କ୍ଷତ ସ୍ଥାନରୁ ଧାର ଧାର ରକ୍ତ ବୋହୁଥାଏ। ବିଜୟାଦେବୀଙ୍କର ପାଦ ଧରି ଫୁଲ ବିକଳରେ କହୁଥାଏ, "ତୁମେ ଏ କ'ଣ କଲ ଭାଉଜ! ମୋ' ପାଇଁ ସୁଜିତ୍‌ଭାଇଙ୍କୁ ହତ୍ୟା କରିଦେଲ।" ଠିକ୍ ଏତିକିବେଳେ ରାଜୀବବାବୁ ଆସି ଆଶ୍ଚର୍ଯ୍ୟ ହୋଇ ବିଜୟାକୁ ଚାହିଁ କହିଲେ– ତୁମେ ଏ କ'ଣ କଲ? କ'ଣ କଲ ତୁମେ? ମୋ' ଭାଇକୁ ତୁମେ ମାରିଦେଲ। ସାମାନ୍ୟ ଚାକରାଣୀଟା ପାଇଁ ଆଜି ତୁମେ ନିଷ୍ଠୁର ହୋଇପାରିଲ? ଶେଷରେ ତୁମେ ମୋ' ଭାଇକୁ ମାରିପାରିଲ? ତୁମେ ମାନବୀ ନା ରାକ୍ଷସୀ ବିଜୟା। ତୁମେ ଏ କ'ଣ କଲ ବିଜୟା, କହି କହି ଭାଇକୁ ଜାବୁଡ଼ି ଧରି ଭ୍ରାତୃହୃଦୟ ତାଙ୍କର ବିଳପି ଉଠିଲା।

ବିଜୟା କିନ୍ତୁ କ୍ରୋଧରେ ଜର୍ଜରିତ ହୋଇ କହୁଥା'ନ୍ତି– ମୁଁ ଠିକ୍ କରିଛି। ମୁଁ ଠିକ୍ କରିଛି। ତୁମେ କାହାକୁ ଚାକରାଣୀ କହୁଛ। ମାନୁଛି ଫୁଲ ଏ ଘର ଚାକରାଣୀ; କିନ୍ତୁ ଚାକରାଣୀ ବୋଲି ତୁମେ ଯାହା ଇଚ୍ଛା ତାହା ଉପରେ ନିର୍ମମ ଅତ୍ୟାଚାର କରିପାରିବ। ତା'ର ଇଜ୍ଜତ ସହିତ ଖେଳିପାରିବ। ମାନୁଛି ସେ ଏକ ଗରିବ ଘରର ଝିଅ। ଗରିବ ଘରର ଝିଅ ବୋଲି ତା'ର ଇଜ୍ଜତର ମୂଲ୍ୟ କ'ଣ କିଛି ନାହିଁ? ଦେଇପାରିବ ଗୋଟିଏ ନାରୀର ଇଜ୍ଜତର ଦାମ୍। ଜାଣିଛ ରାଜୀବ, ନାରୀର ସବୁଠାରୁ ମୂଲ୍ୟବାନ୍ ଜିନିଷ କ'ଣ? ତା'ର ବିଚିତ୍ର ତା'ର ଇଜ୍ଜତ୍, ଯାହା ଥରେ ଲୁଟିଗଲେ ଆଉ ମିଳେନାହିଁ। ସମାଜ ଆଖିରେ ସେ କଳଙ୍କିନୀ, ଘୃଣ୍ୟ ନାରୀ ରୂପେ ଜୀଇଁ କରି ମଧ୍ୟ ମରି ମରି ବଞ୍ଚିବାର ଅଭିନୟ କରୁଥାଏ। ନା' ବଞ୍ଚିପାରେ ନା ମରିପାରେ।

ପୋଲିସ୍ କେଶ୍ ହେଲାପରେ ବିଜୟା ସେହି ପୂର୍ବ ଉକ୍ତିକୁ ଦୋହରାଇଥିଲେ। ସମସ୍ତ କୋର୍ଟ କର୍ମଚାରୀ, ପୋଲିସ୍, ନିଜେ ଜଜ୍ ସାହେବ ଆଶ୍ଚର୍ଯ୍ୟ, ସ୍ତମ୍ଭୀଭୂତ ଓ ଚକିତ ହୋଇ ବିଜୟାଦେବୀଙ୍କୁ ଚାହିଁ ରହିଥା'ନ୍ତି। ବିଜୟାଦେବୀଙ୍କ ମନରେ କିନ୍ତୁ ତିଳେମାତ୍ର ଦୁଃଖ ନ ଥିଲା, ଭୟ ନ ଥିଲା କି ପଶ୍ଚାତ୍ତାପ ମଧ୍ୟ ନ ଥିଲା। ଗର୍ବରେ ମଥାଟେକି ସେ ନିଜର କର୍ତ୍ତବ୍ୟକୁ ଉଚିତ୍ ମଣୁଥିଲେ। କୋର୍ଟରେ ଶ୍ୱଶୁର ଇନ୍ଦ୍ରଜିତ ସାମନ୍ତରାୟ ବିଜୟାକୁ ବୋହୂ ରୂପେ ପାଇଥିବାରୁ ନିଜକୁ ଧନ୍ୟ ମଣୁଥିଲେ ଏବଂ ମନେ ମନେ ଗର୍ବ ଅନୁଭବ କରୁଥିଲେ।


ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪


## ଈଶ୍ୱର କ'ଣ ଦୁଃଖ ଦିଅନ୍ତି ?

### ଶ୍ୱେତା ରାଉତ୍

ସମ୍ପର୍କର ରଙ୍ଗ



ଅନେକ ଧର୍ମର ଲୋକ ପୃଥିବୀରେ ବାସ କରନ୍ତି। କୌଣସି ଧର୍ମରେ ଏତେ ଦ୍ୱନ୍ଦ ଦେଖିବାକୁ ମିଳିନଥାଏ, ଯେତିକି ଆମ ହିନ୍ଦୁ ଧର୍ମରେ ଦେଖିବାକୁ ମିଳେ। ଈଶ୍ୱର ବା ପରମାତ୍ମାଙ୍କ ପରମ ତତ୍ତ୍ୱ ଆମକୁ ଜଣା ଥାଉ କି ନଥାଉ ଧର୍ମକୁ ନେଇ ରୀତିମତ କଳି ଝଗଡ଼ା ଲାଗି ରହିଥାଏ।ବାସ୍ତବରେ ଏ ଭକ୍ତି କଣ, ଈଶ୍ୱର କଣ ଆମ ବୁଝିବାର ପରିସର ବାହାରେ। ଆମେ ଈଶ୍ୱରଙ୍କୁ ପୂଜା ତ କରନ୍ତି, କିନ୍ତୁ ନିଜକୁ ସମର୍ପିତ କରନ୍ତି ନାହିଁ, ବରଂ ମନରେ ସ୍ୱାର୍ଥ ରଖନ୍ତି, ପ୍ରଭୁ ମତେ ଅମୁକ ମିଳୁ, ସମୁକ ଦିଅନ୍ତୁ, ମୋ କାମ କରିଦିଅନ୍ତୁ, ମୋ ଭାଗ୍ୟ ଉଜ୍ଜ୍ୱଳ କରିଦିଅନ୍ତୁ ଇତ୍ୟାଦି ଇତ୍ୟାଦି। ଯଦି ଅନେକ ଦିନ ଗୋଟେ ଠାକୁରଙ୍କୁ ପୂଜା କରି ଆମେ କିଛି ପାଇନଥାନ୍ତି, ସେ ଠାକୁରଙ୍କୁ ଛାଡି ଆଉ ଗୋଟେ ଠାକୁରଙ୍କୁ ପୂଜା କରନ୍ତି। ବିଷ୍ଣୁ ଯଦି ନଶୁଣିଲେ ଶିବଙ୍କୁ ଡାକିବା, ଶିବ ନଶୁଣିଲେ ଗଣେଶଙ୍କୁ ଡାକିବା, ସେ ନଶୁଣିଲେ ଦୂର୍ଗାଙ୍କୁ ଡାକିବା, ଦୂର୍ଗା ନଶୁଣିଲେ ଗ୍ରାମଦେବତୀଙ୍କୁ ଡାକିବା। ଯଦି ଏତେ ଠାକୁରଙ୍କୁ ଡାକି ଆମ ଭାଗ୍ୟ ନବଦଳେ, ଶେଷରେ ଆମେ ଈଶ୍ୱର ବଦଳାଇ ଦିଅନ୍ତି।ଗୁଣି-ଗାରେଡ଼ି, ତନ୍ତ୍ର-ମନ୍ତ୍ରକୁ ବିଶ୍ୱାସ କରି ପୂଜା କରନ୍ତି ଏବଂ ଆମ ଦୁର୍ଭାଗ୍ୟର ଦୋଷ ଈଶ୍ୱରଙ୍କୁ ଦିଅନ୍ତି, ବିଧାତା ମୋ ଭାଗ୍ୟରେ ଏଇଆ ଲେଖିଛି, ଭଗବାନ ମୋ ସହିତ ଏତେ ଅଧର୍ମ କଲେ, ସେ ଠାକୁର ନୁହେଁ ପଥର ଇତ୍ୟାଦି। ଭଗବାନ କଣ ଭାଇ ବନ୍ଧୁ କୁଟୁମ୍ବ ଯେ କେଉଁଦିନ କେଉଁ କଥାରେ ରାଗ ରଖି ଆମକୁ ଦୁଃଖ ଦେଲେ, ହଇରାଣ କଲେ, ଯନ୍ତ୍ରଣା ଦେଲେ, ଆମ ଡାକ ଶୁଣିଲେନି? ଆମକୁ ଦୁଃଖ ଦେଇ ଈଶ୍ୱରଙ୍କୁ ମିଳିବ କ'ଣ?

ଆମେ ସବୁବେଳେ ମନେ ରଖିବା ଉଚିତ୍, ତ୍ୟାଗ କଲେ ଭୋଗ ମିଳେ।ଆମକୁ ଆମର ଆତ୍ମଗର୍ବ, ଅହଙ୍କାର, ଈର୍ଷା, ସ୍ୱାର୍ଥ, ତ୍ୟାଗକରି, ଈଶ୍ୱରଙ୍କ ନିକଟରେ ନିଜ ଆତ୍ମାକୁ ସମର୍ପଣ କରିବାର ଅଛି ଏବଂ ବିଶ୍ୱାସ ରଖିବାର ଅଛି ଯେ ଈଶ୍ୱର ଯାହା ବି କରନ୍ତି ସବୁଥିରେ ଆମର ମଙ୍ଗଳ ଥାଏ। ସବୁ କଥାରେ କିଛି ଗୁଢ଼ ତତ୍ତ୍ୱ ଲୁଚିଥାଏ ଯାହା ଆମେ ଅଧମ ବୁଝି ପାରନ୍ତି ନାହିଁ। ଅର୍ଜୁନ ଜାଣିଥିଲେ ତାଙ୍କ ସହ ପ୍ରଭୁ ଶ୍ରୀକୃଷ୍ଣ ଅଛନ୍ତି, ସେ ଯୁଦ୍ଧ ପାଇଁ କହୁଛନ୍ତି ମାନେ ନିଶ୍ଚୟ କିଛି ମହତ ଉଦ୍ଦେଶ୍ୟ ନେଇ କହୁଛନ୍ତି, ଧର୍ମ ସ୍ଥାପନ ପାଇଁ କହୁଛନ୍ତି, ତଥାପି ସେ କୃଷ୍ଣଙ୍କୁ ଗୋଟେ ପରେ ପ୍ରଶ୍ନ ପଚାରି ଚାଲିଥିଲେ, ଅନ୍ଧ ଭାବରେ ମାନି ନନେଇ ନିଜର ଜିଜ୍ଞାସା ଦୂର କରୁଥିଲେ। ଯଦିଓ ସେ ଜାଣିଥିଲେ ପ୍ରଭୁ ତାଙ୍କ ସହିତ ଅଛନ୍ତି ମାନେ ସେ ଯୁଦ୍ଧରେ ଜିତିବେ ନିଶ୍ଚୟ। ଠିକ୍ ସେମିତି ଈଶ୍ୱରଙ୍କୁ ବିଶ୍ୱାସ କରିବା ଆଳରେ କେବଳ କ୍ଷୀର, କଦଳୀ, ନଡ଼ିଆ, ଧୂପ, ଝୁଣା ଗଦେଇ ଦେଲେ ପୂଜା ହୁଏ ନାହିଁ କି ଭକ୍ତି କୁହାଯାଏନା। ଈଶ୍ୱର କଣ! ସେ ଜିଜ୍ଞାସା ପ୍ରଥମେ ଦୂର କରିବା ଆବଶ୍ୟକ।

ଆମ ସହିତ ଯାହା ଘଟଣା ଘଟେ ତାହା ସୃଷ୍ଟିର ନୀୟମ ଓ ଈଶ୍ୱର କୃତ ଏବଂ ଏହା ଯେ ଆମ କର୍ମର ପ୍ରତିଫଳନ ଏକଥା ଆମେ ବୁଝିବା ଉଚିତ୍। ଆକାଶକୁ ମୁହଁ କରି ଫୁଲ ଫିଙ୍ଗିଲେ ଆମ ଉପରେ ଫୁଲ ପଡିବ, ଆମେ ଯଦି ଆକାଶକୁ ଛେପ ପକାଇବା ତେବେ ଆମରି ଛେପ ହିଁ ଆମ ମୁହଁରେ ପଡିବ, ତାକୁ ଈଶ୍ୱର ପକାନ୍ତି ନାହିଁ।

ଆମ କର୍ମ ହିଁ ଆମର ଭାଗ୍ୟ ନିର୍ଦ୍ଧାରଣ କରେ। କିଛି ପାଇବାର ଲାଳସାରେ ଗୋଟେ ପରେ ଗୋଟେ ଈଶ୍ୱର ବଦଳାଇବା ଠିକ୍ ନୁହେଁ। ସବୁ ସ୍ୱରୂପରେ ସେ ହିଁ ଜଣେ ପରମାତ୍ମା ଥାଆନ୍ତି, ବରଂ ନିଜର ବିଚାର ବଦଳାଇ ଈଶ୍ୱରଙ୍କ ପ୍ରତିନିଧି ଭାବେ ଏ ସଂସାରର ଗୁଢ ତତ୍ତ୍ୱକୁ ବୁଝି କର୍ମ କରିଚାଲିବା ଆମର ଧର୍ମ। ଯିଏ ପରିଶ୍ରମୀ, ସେ ଯେକୌଣସି ଉପାୟରେ ପରିଶ୍ରମ କରି ସଫଳତା ହାସଲ କରିନିଅନ୍ତି। ଯିଏ ଅଳସୁଆ ସେ ପରିଶ୍ରମ କରିବା ସ୍ଥାନରେ ଈଶ୍ୱରଙ୍କ ଉପରେ ଛାଡ଼ି ହାତଯାକି ବସି ରୁହନ୍ତି ଏବଂ ଯେତେବେଳେ ବିଫଳ ହୁଅନ୍ତି, କାହାକୁ ଆଉ ଦୋଷ ଦେବେ, ଈଶ୍ୱର ତ ପାଟି ଖୋଲି କିଛି ପ୍ରତ୍ୟୁତ୍ତର କରିପାରିବେନି, ତାଙ୍କୁ ଦୋଷ ଦେଇଦିଅନ୍ତି 'ଏ ନିଷ୍ଠୁର ଠାକୁର ମୋତେ କି ଦଣ୍ଡ ଦେଲା, ମୋ ଭାଗ୍ୟରେ ଏଇଆ ଲେଖିଥିଲା, ଏତେ ହିନକପାଳ କଲା' ଇତ୍ୟାଦି। ବ୍ୟକ୍ତିର ପରିଶ୍ରମ, ନିଷ୍ଠା, ଏକାଗ୍ରତା, ସତ୍ କର୍ମ ହିଁ ତାକୁ ସଫଳତା ଦିଏ, ସୌଭାଗ୍ୟ ତିଆରି କରେ। ବ୍ୟକ୍ତି ନିଜେ ତାର ଭାଗ୍ୟବିଧାତା, ଅନ୍ୟଥା ଈଶ୍ୱରଙ୍କୁ ଦୋଷ ଦେବା ଅଳସୁଆ ଓ ଅସଂସ୍କାରୀର ଅପନିନ୍ଦା ହୋଇଥାଏ। ଈଶ୍ୱର କାହାକୁ ଦୁଃଖ ଦିଅନ୍ତି ନାହିଁ।


+ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଲକ୍ଷ୍ମୀସାଗର,
ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


## ଆଜିର କବିତା

### ସମ୍ପର୍କ

**ସ୍ମିତା ପଣ୍ଡା**

ସୁଖୁଥାଏ ଗୋଟେ ସାର୍ଟ
ପାଖରେ ଗୋଟେ ଶାଢ଼ୀ ବି
ଝରି ପଡୁଥାଏ ଥପ୍ର ଥପ୍ ପାଣି
ପାଣି ସବୁ ଚଟାଣ ଉପରେ
ଏକାଠି ମିଶି ଯାଉଥାଏ
ଠିକ୍ ମେଘମାନେ
ଆକାଶରେ ମିଶିଗଲା ପରି ।

କିଛି ଅଭିମାନ ନଥାଏ
କିଛି ପ୍ରତ୍ୟାଶା ନଥାଏ
କିଛି ସଙ୍କୋଚ ନଥାଏ
ହଜେଇ ଦେବାର ଭୟ ବି ନଥାଏ
ଅଲିଖିତ ଭାବେ
ଦୁହେଁ ଦୁହିଁଙ୍କୁ
କେବଳ ଭଲ ପାଇ ଚାଲି ଥାଆନ୍ତି
ଏକାଠି ଭିଜୁ ଥାଆନ୍ତି
ଏକାଠି ଶୁଖିଯାଉ ଥାଆନ୍ତି
କେବେ ମାଟି ଉପରେ ତ
କେବେ ପୁଣି ଅନ୍ତରୀକ୍ଷରେ ।


+ନରସିଂହପୁର, ଜି କଟକ
ମୋ: ୭୦୦୮୨୪୩୬୭୨


### କେବେ ଭାବିଛ କି ?

**ସ୍ନିଗ୍ଧା. ଜି. ମହାପାତ୍ର**



ସମୟ ବଦଳେ ମଣିଷ ବଦଳେ
ବଦଳେନା ଏଇଧରା..
ମଉସୁମୀ ସାଥେ ପାଗବି ବଦଳେ
ବଦଳେନା ନଭ ପରା....।

ନଈ ବଦଳାଏ ଗତିପଥ ତାର
ସ୍ଥିର ରହେ ରତ୍ନାକର...
ଖରା ବି ବଦଳେ ଦିନରାତି ସାଥେ
ବଦଳେନା ପ୍ରଭାକର.....।

ବାଟ ଚାଲୁ ଚାଲୁ ପଥିକ ବଦଳେ
ବଦଳେନା କେବେ ପଥ....
ଜୀବନ ଯାତ୍ରାରେ ବନ୍ଧୁ ବି ବଦଳେ
ବଦଳେନା ଏ ଜଗତ...।

ବିଲ ପ୍ରାନ୍ତରର ରୂପବି ବଦଳେ
ବଦଳି ଯାଏନା ବିଲ....
ଖରା ବରଷାରେ ଶୋଭାବି ବଦଳେ
ବଦଳେନା ଗିରି ଖାଲ...

ସମୟ ସାଥିରେ ତାଳ ଦେଇ ଆଜି
ବଦଳନ୍ତି ପୁଅ ଝିଅ...
ମାର ମମତା ବାପାଙ୍କ ଆଶିଷ
ବଦଳେନା କାଇଁ କୁହ ??

ସ୍ଥିତପ୍ରଜ୍ଞ କେବେ ବଦଳି ଯାଏନା
ବଦଳେ ଅସ୍ଥିର ମତି...
ଦୁଃଖ ଅବା ସୁଖ ସବୁ ସମୟରେ
ବଦଳାଅନା ପ୍ରକୃତି....


+ବାରିପଦା
ମୋ: ୯୪୩୭୬୧୫୫୨୨୧


### ଷଷ୍ଠ ଚେତନା

**ମନୀଷା ପଣ୍ଡା**



ସାରା ରାତି ସ୍ୱପ୍ନ ଆଉ ସ୍ୱପ୍ନ
ରାତି ହୋଇଯାଏ ଉଷୁମ୍
ଦୂର୍ ଦୂର୍ ହୁଏ ବାହାରର ବର୍ଷା ରାତି
ବଦଳରେ ନିଆଁ ଜଳେ ହୁତୁ ହୁତୁ
ଗମ୍ ଗମ୍ ଝାଳରେ ବତୁରେ ଦେହ ।

ପୁଣି ବଦଳେ ସବୁକିଛି
ଆସିଯାଏ ନିଃଶ୍ୱାସରେ ବତାସ
ଛାତିଭିତରେ କୁଆ ପଥର ମାଡ

ଏମିତି କେମିତି ଯେ
ବଦଳିଗଲା ହଠାତ୍ କରି ସବୁକିଛି

ଚାଉଁ କିନା ଭାଙ୍ଗିଯାଏ ନିଦ
ଅବଶ ହାତ ପାଦ
ଆକ୍ତାମାକ୍ତା ହୁଏ ମନ
ବାହାରିଯାଇଥିବ ଆତ୍ମା
ଦିହରେ ପଶେ ଶଙ୍କି ଶଙ୍କି
ସବୁ ଭାବନା ବାଟହୁଡ଼ା ହୁଏ
ମୁହୂର୍ତ୍ତ କେଇଟାରେ,

ଏଇ ବୋଧେ ଷଷ୍ଠ ଚେତନା
ନିଦ ଭାଙ୍ଗିଲେ ଖାଁ ଖାଁ

ଆଉ ଫାଇଁ ଫାଇଁ ନିଃଶ୍ୱାସ
କେତେ ଜାଗ୍ରତ କେତେ ତୀବ୍ର
ଚେତନା ଭର୍ତ୍ତି ଦୁଶ୍ଚିନ୍ତା ।


+ଅଙ୍କରାନ୍ତିପୁର, ସିମିନଇ,
ଗଦାଶିଳା, ଢେଙ୍କାନାଳ।
ମୋ : ୮୨୪୯୬୮୬୦୯୩

# ଅର୍ଚ୍ଚନା ମାମମଲାର ଏସଆଇଟି ତଦନ୍ତ ଦାବିକଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ଅର୍ଚ୍ଚନା ନାଗ ମାମଲାରେ ସରକାରୀ ଦଳର ନେତା ଓ ବଡ଼ ବଡ଼ ପ୍ରଶାସନିକ ଅଧିକାରୀ ସଂପୃକ୍ତି ରହିଛନ୍ତି ତେଣୁ କ୍ରାଇମବ୍ରାଂଚ ଓ ପୋଲିସ ଏହାର ତଦନ୍ତ ସଠିକ ଭାବେ କରିବେ ନାହିଁ। ତଥ୍ୟ ଲୁଚାଇବା, ପ୍ରମାଣ ନଷ୍ଟ କରିବାର ସମ୍ଭାବନା ରହିଛି। ଏଣୁ ହାଇକୋର୍ଟଙ୍କ ତତ୍ୱାବଧାନରେ ପରିଚାଳିତ ଏସଆଇଟି ତଦନ୍ତ ପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରିଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ ପୋଲିସ ପ୍ରଶାସନ ଜାଣିସୁଣି ଚୁପ କାରଣ ଏଥିରେ ବଡ଼ ବଡ଼ ପୋଲିସ ଅଫିସର ଗ୍ରାହକ ଭାବରେ ରହିଛନ୍ତି। ପୋଲିସ ପାଖରେ ଏ ସଂପର୍କରେ ଖବର ଥିଲା ମାତ୍ର କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାହସ ନଥିଲା। ଅର୍ଚ୍ଚନାର ହାତ ତୃତୀୟ ମହଲା, ସଚିବାଳୟ ପର୍ଯ୍ୟନ୍ତ ଲମ୍ବିଥିଲା। ସଚିବାଳୟକୁ ସାମ୍ବାଦିକମାନେ ଯିବା ମନାଥିବା ବେଳେ ଅର୍ଚ୍ଚନା ନାଗକୁ କୌଣସି ପ୍ରତିବନ୍ଧକ ନଥିଲା। ନବୀନ ସରକାର ଏହି ଘୃଣ୍ୟ ଘଟଣାକୁ ଚପାଇଦେବାପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଅର୍ଚ୍ଚନା ନାଗର ଗୁପ୍ତ ପେଡ଼ିରେ ବହୁ ପ୍ରତିଷ୍ଠିତ ଲୋକଙ୍କ ସଂପର୍କରେ ତଥ୍ୟ ଲୁଚି ରହିଛି। ଯେହେତୁ ନେତା, ଉଚ୍ଚପଦସ୍ଥ ଅଫିସର ଏହି ଘଟଣା ସହ ଜଡ଼ିତ ତେଣୁ ଏହାର ତଦନ୍ତ ବାଟମାରଣା ହେବ ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି। ଏପରିକି ପୂର୍ବତନ ବାଚସ୍ପତି ସୂର୍ଯ୍ୟ ପାତ୍ରଙ୍କ ପ୍ରଭାବରେ ସେ ବିନା ଦ୍ୱିଧାରେ ବିଧାନସଭା ଭିତରେ ଘୁରି ବୁଲୁଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ କହିଥିଲେ ଯେ ରାଜ୍ୟ ସରକାରଙ୍କ ନୈତିକ ଅବକ୍ଷୟ ଘଟିଛି। ବିଜେଡ଼ି ଦଳର ମନ୍ତ୍ରୀ, ବିଧାୟକମାନେ ଏଥିରେ ସଂପୃକ୍ତ। ମାତ୍ର ନବୀନ ପଟ୍ଟନାୟକ ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବେ ନାହିଁ। ତୃତୀୟ ମହଲା ନୀରବ। ଇଡି ଏପର୍ଯ୍ୟନ୍ତ କୌଣସି ତଦନ୍ତ କରିନାହିଁ। ଯେଉଁମାନେ ଅର୍ଚ୍ଚନାକୁ ଅର୍ଥ ଦେଇଥିଲେ ଏବଂ ଅର୍ଚ୍ଚନା ଉପରେ ତୁରନ୍ତ ଇଡିର କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଯେହେତୁ ବିଜେପି ନେତୃବୃନ୍ଦ ଅର୍ଚ୍ଚନାର ମାୟାଜାଲ ଉପରେ ରହିଥିବାର ଅଭିଯୋଗ ହେଉଛି, ହୁଏତ ଇଡି ପ୍ରଭାବିତ ହୋଇପାରେ। ଜନସାଧାରଣଙ୍କ ସମ୍ମୁଖରେ ନବୀନର ସରକାରର ଚିତ୍ର କଳଙ୍କିତ ହୋଇଯାଇଛି। ପୋଲିସ ଉପରେ ଲୋକ ବିଶ୍ୱାସନୀୟତା ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସାଧୁତା ଓ ସ୍ୱଚ୍ଛତାର ଆହ୍ୱାନ ଦେଉଥିଲେ। ଆଜି ତାହା ପ୍ରହସନରେ ପରିଣତ ହୋଇଛି। ବିଜେପିର ବରିଷ୍ଠ ନେତାମାନେ ମଧ୍ୟ ଏହି ଯୌନ କେଳେଙ୍କାରୀରୁ ବାଦ ପଡ଼ିନାହାନ୍ତି। କମିଶନରେଟ ପୋଲିସର ବିଶ୍ୱାସନୀୟତା ଉପରେ ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି।

# ଅର୍ଚ୍ଚନା ନାଗ ମାମଲାକୁ ଚାପିବାକୁ ପ୍ରୟାସ କରାଯାଉଛି : ବିଜେପି ମହିଳା ମୋର୍ଚ୍ଚା

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ରାଜ୍ୟ ଶାସକ ଦଳ ନେତା ଓ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଏବଂ ପୃଷ୍ଟପୋଷକତାରେ ବିଭିନ୍ନ ଯୌନ କେଳେଙ୍କାରୀ ଘଟଣା ଘଟୁଥିବାରୁ ରାଜ୍ୟରେ ମହିଳାଙ୍କ ଇଜ୍ଜତ ଓ ସ୍ୱାଭିମାନ ଲୁଣ୍ଠିତ ହେଉଛି। ଅତୀତରେ ସ୍ମିତାରାଣୀ, ମମିତା ମେହେର ଘଟଣାରେ ଶାସକ ବିଜେଡିର ବହୁ ନେତା ଓ ମନ୍ତ୍ରୀଙ୍କ ସଂପୃକ୍ତି ଲୋକଙ୍କ ମନ ଭିତରୁ ଯାଇନଥିବାବେଳେ ବର୍ତମାନ ପୁଣି ଥରେ ଅର୍ଚ୍ଚନା ନାଗ ଏବଂ ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ମର୍ମାହତ କରିଛି ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ରାଜଧାନୀର ଅର୍ଚ୍ଚନା ନାଗଙ୍କ ନାଗଫାଶ ପଛରେ ବଡ ସମ୍ପୃକ୍ତି ରହିଛି। ପୋଲିସ ହାର୍ଡ ଡିସ୍କ, ଲାପ୍‌ଟପ୍, ଲକରରୁ ପ୍ରମାଣ ସମ୍ବନ୍ଧିତ ତଥ୍ୟ ଉଦ୍ଧାର କରିଥିବା କହୁଥିବା ବେଳେ ଏଥିରେ କ'ଣ ଅଛି ଓ କିଏ କିଏ ସମ୍ପୃକ୍ତ ଅଛନ୍ତି ତାର ତଥ୍ୟ ସାର୍ବଜନୀନ କରୁନାହିଁ। ଅର୍ଚ୍ଚନା ନାଗ ହନିଟ୍ରାପ ଓ ବ୍ଲାକମେଲିଂ ଘଟଣା ଶାସକ ବିଜେଡିର ପୃଷ୍ଟପୋଷକତାରେ ଚାଲିଆସୁଥିଲା। ଉଭୟ ଅର୍ଚ୍ଚନା ନାଗ ଏବଂ ଜଗବନ୍ଧୁ ଚାନ୍ଦ ବିଜୁ ଜନତା ଦଳର କାର୍ଯ୍ୟକର୍ତା ବୋଲି ସ୍ପଷ୍ଟ ହୋଇସାରିଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବା କୌଣସି ସହଯୋଗୀଙ୍କୁ ଜାଣିଶୁଣି ପୋଲିସ ଗିରଫ ନକରି ପ୍ରମାଣ ନଷ୍ଟ କରିବା ପାଇଁ ସୁଯୋଗ ସୃଷ୍ଟି କରିବାକୁ ଷଡଯନ୍ତ୍ର ରଚାଯାଉଥିବାର ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣାର ତଦନ୍ତକୁ ପୋଲିସ କାହା ଚାପରେ ଚାପି ଦେବାର ପ୍ରୟାସ କରୁଛି ବୋଲି ଶ୍ରୀମତୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଠିକ୍ ସେମିତି ଜଣେ ବରିଷ୍ଠ ମନ୍ତ୍ରୀ ସମୀର ଦାସଙ୍କ ଯୌନ କେଳେଙ୍କାରୀର କଳା କାରନାମା କାରଣରୁ ଖୋଦ୍ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା କରିଛନ୍ତି। ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଉଦ୍ଧାର ହୋଇଥିବା ୨ ମୋବାଇଲରେ କ'ଣ ଭିଡିଓ ଅଛି ଏବଂ ଏଥିରୁ ପ୍ରମାଣ ମିଳିବାର ସ୍ଥିତି କ'ଣ ଅଛି ପୋଲିସ ଜାଣିଶୁଣି ଅହେତୁକ ନୀରବତା ଅବଲମ୍ବନ କରିଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ଓଡିଶା ପୋଲିସ ବିଭିନ୍ନ ସମୟରେ ମୋବାଇଲ ତଥ୍ୟକୁ ଲୁଚାଇ ପ୍ରମାଣ ନଷ୍ଟ କରୁଥିବାର ସଙ୍ଗୀନ ଅଭିଯୋଗ ଆସିଛି। ଅର୍ଚ୍ଚନା ନାଗ ଯୌନ କେଳେଙ୍କାରୀ ତଥା ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ପଛରେ ମନ୍ତ୍ରୀ ସମୀର ଦାସଙ୍କ ଯୌନ କେଳେଙ୍କାରୀର ଯଥେଷ୍ଟ ସୁରାକ ଓ ପ୍ରମାଣ ରହିଛି। ପୋଲିସ ଜବତ୍ କରିଥିବା ସମସ୍ତ ତଥ୍ୟପ୍ରମାଣ ସହିତ ସଂପୃକ୍ତ ଥିବା ବିଜେଡିର ନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ପୋଲିସ, ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସୂଚୀକୁ ସାର୍ବଜନୀନ କରି ସାଧାରଣରେ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିବାକୁ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି। ଉପରୋକ୍ତ ୨ଟି ସମ୍ବେଦନଶୀଳ ମାମଲାରେ ଶାସକ ଦଳର ବଡ ବଡ ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତିର ଅଭିଯୋଗ ଥିବାରୁ ନାରୀ ସମ୍ମାନ ଓ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କର ସାମାନ୍ୟତମ ସମ୍ବେଦନଶୀଳତା ଥିଲେ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଦନ୍ତ ଦାୟୀତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ ଶ୍ରୀମତୀ ପଟ୍ଟନାୟକ ଦାବୀ କରିଛନ୍ତି।

## ରାମଚନ୍ଦ୍ର ଖୁଂଟିଆ ଆନ୍ତର୍ଜାତିକ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ସର୍ବୋଚ୍ଚ କମିଟିକୁ ନିର୍ବାଚିତ

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ କମିଟିର ଉପସଭାପତି, ରାଜ୍ୟ ସଭାପତି, ଭାରତୀୟ ଜାତୀୟ ନିର୍ମାଣ କର୍ମଚାରୀ ମହାସଂଘର ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ ନିର୍ମାଣ କର୍ମଚାରୀ ଆନ୍ତର୍ଜାତିକ ମହାସଂଘର ଷଷ୍ଠତମ ବିଶ୍ୱ ସମ୍ମିଳନୀରେ ସର୍ବୋଚ୍ଚ କମିଟି ( World Board)କୁ ନିର୍ବାଚିତ ହୋଇଛନ୍ତି। ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ଆନ୍ତର୍ଜାତିକ ମହାସଂଗର ଏହି ସମ୍ମିଳନୀରେ ଯୋଗଦେଇ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ଜାତି ସଂଗରେ ଅନୁମୋଦିତ ପ୍ରବାସୀ ଶ୍ରମିକ କମ୍ପାନୀର ୨୩ ଲକ୍ଷ ଓ ୧୧ ଟି କାର୍ଯ୍ୟାନୁଷ୍ଠାନ କରିବା, ଆନ୍ତର୍ଜାତିକ ଶ୍ରମିକ ସଂଗଠନର ଏ ବର୍ଷରେ ହୋଇଥିବା ନିଷ୍ପତି ସ୍ୱାସ୍ଥ୍ୟ ଓ ନିରାପତାକୁ ଶ୍ରମିକ ମାନଙ୍କର ଅଧିକାର ଭାବରେ ଗ୍ରହଣ କରିବା ଆଇ.ଏଲ.ଓର ୪ଟି କନଭେନସନକୁ ଆଇ.ଏଲ୍.ଓ କୋର୍ କନ୍‌ଭେନସନ ଭାବରେ ଗ୍ରହଣ କରିବା ନିଷ୍ପତିକୁ କାର୍ଯ୍ୟ କରିବା ପାଇଁ ଦୃଢ଼ ଦାବୀ କରିଥିଲେ, ଏହି ସମ୍ମିଳନୀରେ ଓଡ଼ିଶାରୁ କିଶୋର ଜେନା, ମଦନ ମୋହନ ଧଳ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଣତି ମିଶ୍ର ଯୋଗଦେଇଥିଲେ।

# 'ମୋ ସ୍କୁଲ୍ ଅଭିଯାନ'ର ୭୬୯.୭୦ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ୨୦୧୭ ନଭେମ୍ବର ୧୪ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୋ ସ୍କୁଲ୍ ଅଭିଯାନ' ଚଳିତ ବର୍ଷ ଏହାର ୫ବର୍ଷ ପୂର୍ତି ଉତ୍ସବ ପାଳନ କରିବ। ଏହି ଅବସରରେ ରାଜ୍ୟ ଏବଂ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବାକୁ 'ମୋ ସ୍କୁଲ୍‌ଅଭିଯାନ'ର ୩୬ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତି ନିଆଯାଇଛି। ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଚଳିତବର୍ଷ ଠାରୁ ସର୍ଭିସ୍ ଭଲ୍ୟୁଂଟିୟରିଂକୁ ସର୍ବାଧିକ ପ୍ରୋତ୍ସାହନ ଦେବାକୁ ନିଷ୍ପତି ନିଆଯାଇଛି। 'ମୋ ସ୍କୁଲ୍' ତତ୍ୱାବଧାନରେ ପ୍ରତି ଜିଲ୍ଲାର ଜିଲ୍ଲାପାଳ ଏବଂ 'ମୋ ସ୍କୁଲ୍' ଜିଲ୍ଲାସ୍ତରୀୟ କମିଟି ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ସେହିଭଳି ୫ବର୍ଷ ପୂର୍ତି ଅବସରରେ ଚଳିତବର୍ଷ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ 'ମୋ ସ୍କୁଲ୍' ଅଂଶଗ୍ରହଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବ। 'ମିଟ୍ ଦ ପର୍ସନାଲିଟି' କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନଙ୍କ ସହ ଭାବର ଆଦାନପ୍ରଦାନ କରିବାକୁ ସୁଯୋଗ ଦିଆଯିବ। 'ମୋ ସ୍କୁଲ୍'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯିବ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଓଡ଼ିଶାର ୨୯ଟି ଜିଲ୍ଲାର ମୋଟ ୭୬୯ କୋଟି ୭୦ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ୨ ମାସ ମଧ୍ୟରେ ୨୦,୩୭୦ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ିହୋଇଛନ୍ତି। ସେମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ୧୧ କୋଟି ୪୮ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୫ କୋଟି ୪୮ ଲକ୍ଷ, କଟକରେ ୬୭ ଲକ୍ଷ, ଭଦ୍ରକରେ ୩୯ ଲକ୍ଷ ୭୯ ହଜାର, ମୟୂରଭଞ୍ଜରେ ୩୩ ଲକ୍ଷ ୩୦ ହଜାର ଏବଂ କେନ୍ଦ୍ରାପଡ଼ାରେ ୨୪ ଲକ୍ଷ ଟଙ୍କା ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଛନ୍ତି। ବର୍ତମାନ ସୁଦ୍ଧା ମୋଟ ୭ ଲକ୍ଷ ୫ ହଜାର ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ସ୍କୁଲ୍‌ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ବିଦ୍ୟାଳୟଗୁଡ଼ିକରେ ଉପଲବ୍ଧ ଭିତିଭୂମିର ଉପଯୁକ୍ତ ବ୍ୟବହାର ନିମନ୍ତେ ୯୦ ଦିନିଆ 'ଇନ୍‌ଫ୍ରାଷ୍ଟ୍ରକମର ଷ୍ଟାବିଲାଇଜେଶନ ପ୍ରୋଗ୍ରାମ' ଆରମ୍ଭ ହୋଇଛି। ବିଦ୍ୟାଳୟଗୁଡ଼ିକରେ ସୃଷ୍ଟି କରାଯାଇଥିବା ଅତ୍ୟାଧୁନିକ ସୁବିଧାସୁଯୋଗ ଯେପରି ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶରେ ସହାୟକ ହୋଇପାରିବ ସେ ନେଇ ନଭେମ୍ବର ୧୦ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ସ୍କୁଲ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ୩ୟ ପର୍ଯ୍ୟାୟ ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ସ୍କୁଲ୍‌ଗୁଡ଼ିକରେ ବେସ୍‌ଲାଇନ୍ ସର୍ଭେ କରାଯିବା ସହ ପ୍ରଧାନଶିକ୍ଷକମାନଙ୍କ ସହ ଭର୍ଚୁଆଲ୍ ବୈଠକର ଆୟୋଜନ କରାଯିବ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ 'ମୋ ସ୍କୁଲ୍' ସଦସ୍ୟ ସଚିବ, ବିଭାଗୀୟ ଅତିରିକ୍ତ ଶାସନ ସଚିବ, ବିଭାଗୀୟ ଆର୍ଥିକ ଉପଦେଷ୍ଟା, ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଟିଇ ଆଣ୍ଡ ଏସ୍‌ସିଇଆରଟି ଏବଂ ମୋ ସ୍କୁଲ୍ ଅଭିଯାନ ମୁଖ୍ୟ ପରିଚାଳନା ଅଧିକାରୀ, ମୋ ସ୍କୁଲ୍ ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଦରଦାମ୍ ବୃଦ୍ଧି ଓ ବେକାରୀ ବିରୁଦ୍ଧରେ ଆଉ ଏକ କ୍ରାନ୍ତି ଆବଶ୍ୟକ : ସମାଜବାଦୀ ପାର୍ଟି

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଯୁବ, ଛାତ୍ର ଆନ୍ଦୋଳନର କର୍ଣ୍ଣଧାର ଜରୁରୀ ପରିସ୍ଥିତି ବିରୋଧି ଆନ୍ଦୋଳନର ପୁରୋଧା କ୍ରାନ୍ତିକାରି ଜୟପ୍ରକାଶ ନାରାୟଣଙ୍କ ୧୨୦ତମ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ମାଷ୍ଟରକ୍ୟାଂଟିନ୍‌ସ୍ଥିତ ତାଙ୍କ ପ୍ରତିମୂର୍ତିରେ ସମାଜବାଦୀ ପାର୍ଟି ପକ୍ଷରୁ ଆଜି ସକାଳେ ମାଲ୍ୟାର୍ପଣ କରାଯାଇଛି। ପାର୍ଟିର ରାଜ୍ୟସଭାପତି ରବି ବେହେରାଙ୍କ ନେତୃତ୍ୱରେ ଦଳୀୟକର୍ମୀମାନେ - "ନୟେ ଯୁଗକି ଜିହ୍ନେ ତଲାସ, ଉନକା ସାଥୀ ଅରୁଣା, ଲୋହିଆ ଜୟ ପ୍ରକାଶ" ସ୍ଲୋଗାନ ଦେଇ ଲୋକନାୟକ ଜୟପ୍ରକାଶଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରେ ଉଦ୍‌ବୋଧନ ଦେଇ ଶ୍ରୀ ବେହେରା କହିଥିଲେ ଯେ, ଆଜି ଦେଶରେ ଅଘୋଷିତ ଜରୁରୀ ପରିସ୍ଥିତି ଦେଖାଦେଇଛି। ଦରଦାମ୍ ବୃଦ୍ଧି, ବେକାରୀ ଓ ଭ୍ରଷ୍ଟାଚାରରେ ଦେଶବାସୀ ଅତିଷ୍ଠ। ଏହା ବିରୁଦ୍ଧରେ ଆଉ ଏକ ସାମାଜିକ କ୍ରାନ୍ତିର ଆବଶ୍ୟକତା ଅଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ନାରୀ ନେତ୍ରୀ ଭାରତୀ ପଟ୍ଟନାୟକ ଓ ଯୁବନେତା ଦୀପଦାସ ଯାଦବ ପ୍ରମୁଖ ଲୋକନାୟକଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ପାଇଁ ବର୍ଦ୍ଧିତ ମୂଲ୍ୟ ହେଉଛି ସମୁଦ୍ରକୁ ଶଙ୍ଖେ-ପିଷ୍ଟା

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପୁଷ୍ଟିକର ଖାଦ୍ୟ ଖାଇବେ ଓ ମାନସିକ, ଶାରୀରିକ ଭାବେ ସୁସ୍ଥ ରହି ଭଲ ପାଠ ପଢିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୧ମରୁ ୮ମ ଶ୍ରେଣୀ ବିଶିଷ୍ଟ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା ବା ପି.ଏମ୍ ପୋଷଣ ଯୋଜନା ଚାଲିଛି। କିନ୍ତୁ ଏହି ଯୋଜନା ଏବେ ବାଟବଣା ହେବାରେ ଲାଗିଛି। ୧ମରୁ ୫ମ ଶ୍ରେଣୀ ପିଲାଙ୍କ ପାଇଁ ୫ ଟଙ୍କା ୪୨ ପଇସା ଓ ୬ଷ୍ଠରୁ ୮ମ ଶ୍ରେଣୀ ପିଲାଙ୍କ ପାଇଁ ୮ ଟଙ୍କା ୧୦ ପଇସା ଧାର୍ଯ୍ୟ କରିଥିଲେ। ବର୍ତମାନ ମହଙ୍ଗା ଯୁଗରେ ଏତିକି ଟଙ୍କାରେ ଖାଦ୍ୟ ସାମଗ୍ରୀ କିଣି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ଶିକ୍ଷକମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବାରମ୍ବାର ଦାବି ଫଳରେ ସରକାର ଛାତ୍ରଛାତ୍ରୀମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ନୂଆ ବର୍ଦ୍ଧିତ ଦର ଧାର୍ଯ୍ୟ କରିଛନ୍ତି ଯାହାକୁ ସମୁଦ୍ରକୁ ଶଙ୍ଖେ ବୋଲି ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଅଭିଯୋଗ କରିଛନ୍ତି। ୧ମରୁ ୫ମ ଶ୍ରେଣୀ ପିଲାଙ୍କ ପାଇଁ ୫ ଟଙ୍କା ୪୨ ପଇସାରୁ ୫ ଟଙ୍କା ୪୫ ପଇସା ଓ ୬ଷ୍ଠରୁ ୮ମ ଶ୍ରେଣୀ ପିଲାଙ୍କ ପାଇଁ ୮ ଟଙ୍କା ୧୦ ପଇସାରୁ ୮ ଟଙ୍କା ୧୭ ପଇସା ଧାର୍ଯ୍ୟ କରିଛନ୍ତି। ମାତ୍ର ୩ ପଇସା ଓ ୭ ପଇସା ବୃଦ୍ଧି କରିବା ହେଉଛି ଧର୍ମକୁ ଆଖିଠାର ବୋଲି ସଂଘ ଦର୍ଶାଇଛି। ଅନ୍ୟ ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କ ଜଳଖିଆ ପାଇଁ ୧୦ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରୁଥିବା ବେଳେ ଆମ ରାଜ୍ୟ ସରକାର ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ କମ ଖର୍ଚ୍ଚ କରୁଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି କି ସରକାର ଜାଣିଶୁଣି ପିଲାମାନଙ୍କୁ ଶାରୀରିକ, ମାନସିକ ଓ ବୌଦ୍ଧିକ ଅନଗ୍ରସର କରିବାକୁ ଚାହୁଁଛନ୍ତି। ଆଜିକା ସମୟରେ ରନ୍ଧନ ସାମଗ୍ରୀର ଦର ହୁ ହୁ ହୋଇ ବଢୁଥିବା ବେଳେ ଆମ ରାଜ୍ୟ ସରକାର କେଉଁ ମୂଲ୍ୟସୂଚୀ ଆଧାରରେ ମଧ୍ୟାହ୍ନ ଭୋଜନର ନୂଆ ଦର ଧାର୍ଯ୍ୟ କରିଛନ୍ତି ତାହାକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ସଂଘ ଦାବୀ କରିଛି। ପିଲାମାନଙ୍କ ହିତ ଦୃଷ୍ଟିରୁ ସରକାର ତାଙ୍କ ନିଷ୍ପତିକୁ ପୁନଃ ବିଚାର କରି ନୂତନ ଦର ଧାର୍ଯ୍ୟ କରିବାକୁ ପିଷ୍ଟାର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଶହୀଦ ବାଜିରାଉତ ଓ ଲୋକନାୟକ ଜୟପ୍ରକାଶଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ସ୍ୱାଧୀନତା ସଂଗ୍ରାମରେ ଶହୀଦ ବାଜିରାଉତଙ୍କ ତ୍ୟାଗ ଓ ସାହସର ପଟାନ୍ତର ନାହିଁ। ପ୍ରଜାମଣ୍ଡଳ ଆନ୍ଦୋଳନ ସମୟରେ ବ୍ରିଟିଶ ଫୌଜଙ୍କ ଗୁଳିରେ ପ୍ରାଣବଳୀ ଦେଇଥିବା ବାଜିରାଉତ ଦେଶର କନିଷ୍ଠତମ ଶହୀଦ ଭାବରେ ସ୍ମରଣୀୟ। ଅନୁରୂପ ଭାବରେ ଲୋକନାୟକ ଜୟପ୍ରକାଶ ନାରାୟଣ ସ୍ୱାଧୀନତା ସଂଗ୍ରାମ, ଭୂଦାନ ଆନ୍ଦୋଳନ ଏବଂ 'ସଂପୂର୍ଣ୍ଣ କ୍ରାନ୍ତି'ର ଅନ୍ୟତମ ନାୟକ ଭାବରେ ଅତୁଳନୀୟ ଅବଦାନ ରଖିଯାଇଛନ୍ତି। ସମାଜବାଦୀ ଆଦର୍ଶ ଓ ସାମାଜିକ ନ୍ୟାୟର ପ୍ରତିଷ୍ଠା ନିମନ୍ତେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଶହୀଦ ବାଜିରାଉତଙ୍କ ଶ୍ରାଦ୍ଧ ଓ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇସ୍ପାତ ଓ ଖଣି ଏବଂ ପୂର୍ତ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ତତ୍‌କାଳୀନ ଓଡ଼ିଶାରେ ରାଜତନ୍ତ୍ର ଓ ବ୍ରିଟିଶ ଶାସନ ବିରୁଦ୍ଧରେ ଗଡ଼ଜାତ ଆନ୍ଦୋଳନ ଓ ପ୍ରଜାମଣ୍ଡଳର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟାୟ ବିରୁଦ୍ଧରେ ଆନ୍ଦୋଳନ ଓ ଦେଶଭକ୍ତିର ପ୍ରତୀକ ଥିଲେ ବାଜି ରାଉତ ବୋଲି ସେ କହିଥିଲେ। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ ଜୟପ୍ରକାଶ ନାରାୟଣ ଧନୀ ଓ ଗରିବଙ୍କ ମଧ୍ୟରେ ତଫାତ୍‌କୁ ହ୍ରାସ କରିବା, କ୍ଷମତା ଲିପ୍‌ସୁ ନହୋଇ ଦେଶର ସେବାରେ ନିଜକୁ ବ୍ରତୀ କରିବାକୁ ଚାହୁଁଥିଲେ। ଦେଶ ସ୍ୱାଧୀନ ହେଲେ ସମସ୍ତେ ସମାନ ସୁବିଧା ଓ ସମାନ ଅଧିକାର ପାଇବେ ବୋଲି ଜୟପ୍ରକାଶ ଯେଉଁ ସ୍ୱପ୍ନ ଦେଖିଥିଲେ, ସେହି ସାମ୍ୟବାଦର ଆବଶ୍ୟକତା ଏବେ ବି ରହିଛି। ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଜୟପ୍ରକାଶ ନାରାୟଣ ଓ ବାଜି ରାଉତଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସଂପାଦକ ଡ. ଲେନିନ୍? ମହାନ୍ତି ତାଙ୍କ ବକ୍ତବ୍ୟରେ ଶହୀଦ ବାଜିରାଉତଙ୍କ ଅନନ୍ୟ ବଳିଦାନ ଉତ୍ତରପିଢ଼ିଙ୍କ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିଥିବାବେଳେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଗଣତନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ନିମନ୍ତେ ସଂପୂର୍ଣ୍ଣ କ୍ରାନ୍ତିର ଆହ୍ୱାନ ଦେଇଥିଲେ ବୋଲି ମତ ପ୍ରକାଶ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ତତ୍‌କାଳୀନ ଇଂରେଜ ଶାସକଙ୍କର ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ବାଜିରାଉତଙ୍କର ସଂଗ୍ରାମୀ ଚିନ୍ତାଧାରା ଏବଂ ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ଦେଶର ସ୍ୱାର୍ଥ ପାଇଁ କ୍ରାନ୍ତିକାରୀ ବିପ୍ଳବ ଦିଗରେ ଜୟପ୍ରକାଶ ନାରାୟଣଙ୍କର ଭୂମିକା ସଂପର୍କରେ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ। ଦେଶ ପାଇଁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ଜୀବନବ୍ୟାପୀ ସଂଗ୍ରାମ ଓ ଆଦର୍ଶ ସଂପର୍କରେ ଅଲୋକପାତ କରିବା ସହ ୧୨ ବର୍ଷର ବାଳକ ବାଜିରାଉତଙ୍କର ଦେଶ ପାଇଁ ଅବଦାନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି ସେ ପ୍ରକାଶ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଇଂରେଜମାନଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ବାଜିରାଉତଙ୍କ ତ୍ୟାଗ ଅପୂର୍ବ ଦେଶଭକ୍ତିର ପ୍ରମାଣ ବୋଲି କହିଥିଲେ। ସେହିପରି ଲୋକନାୟକ ଜୟପ୍ରକାଶ ନାରାୟଣ ଦୁର୍ନୀତି ଓ ଗଣତାନ୍ତ୍ରିକ ଶାସନରେ ସ୍ୱେଚ୍ଛାଚାରିତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ବୋଲି ସେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଶହୀଦ ବାଜିରାଉତ ଏବଂ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ।

## ଆଜି ରାଜ୍ୟରେ ଶହେ ଉପରେ ଦୈନିକ କରୋନା ସଂକ୍ରମଣ

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଶହେ ଉପରେ ରହିଛି। ଗତକାଲି ୯୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪୨ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୦ଟି ଜିଲ୍ଲାରୁ ୧୦୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୧, ବରଗଡ଼ରୁ ୬, ଭଦ୍ରକରୁ ୧, ବଲାଙ୍ଗୀରରୁ ୧, କଟକରୁ ୧୦ ଜଣ, ଦେବଗଡ଼ରୁ ୧, ଗଞ୍ଜାମରୁ ୧, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୧ ଜଣ, କଳାହାଣ୍ଡିରୁ ୨, କନ୍ଧମାଳରୁ ୨, କେଉଁଝରରୁ ୨, ଖୋର୍ଦ୍ଧା ଜିଲ୍ଲାରୁ ୨୦, କୋରାପୁଟରୁ ୧, ମୟୁରଭଞ୍ଜରୁ ୩ ଜଣ, ନବରଙ୍ଗପୁରରୁ ୩, ନୂଆପଡ଼ାରୁ ୬, ପୁରୀରୁ ୬ ଜଣ, ରାୟଗଡ଼ାରୁ ୧, ସମ୍ବଲପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୧୭ ଜଣ ଓ ଷ୍ଟେଟପୁଲରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ପଂଚମବେଦର ନାଟକ 'ଏକଇର ବଳା' ଅକ୍ଟୋବର ୧୪ରେ

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ପଂଚମବେଦ ଆଗାମୀ ୧୪ତାରିଖ, ୨୦୨୨ରେ ରବୀନ୍ଦ୍ର ମଣ୍ଡପଠାରେ ତା'ର ୨୧ତମ ବାର୍ଷିକ ଉତ୍ସବ ଓ ସଂସ୍କୃତିମିତ୍ର ସମ୍ମାନ-୨୦୨୨ ପାଳନ କରିବାକୁ ଯାଉଛି। ଏହି ଅବସରରେ ଓଡ଼ିଆ ନାଟକକୁ ଭଲ ପାଉଥିବା / ପ୍ରୋତ୍ସାହନ ଦେଉଥିବା / ପୃଷ୍ଟପୋଷକତା କରୁଥିବା ସାଂପ୍ରତିକ ଆମ ସମାଜର ୯ଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ବିଜୟ ମଣ୍ଡଳ, ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର, ବିକ୍ରମ ସାହୁ, ନାଟ୍ୟ ନିର୍ଦ୍ଦେଶକ, ପୁରୀ, ପ୍ରଦୀପ ପଣ୍ଡା, ଅଭିନେତା ଓ ନିର୍ଦ୍ଦେଶକ, ସମ୍ବଲପୁର, ଶ୍ରୀକାନ୍ତ ଚୌଧୁରୀ, ବରିଷ୍ଠ ମଂଚ ଆଲୋକ ପରିଚାଳକ, କଟକ, ବିପ୍ଳବ କେଶରୀ ଶତପଥୀ, ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ, ଜଟଣୀ, ଚି ରଂଜନ ଦାଶ, ଅଭିନେତା ଓ ନିର୍ଦ୍ଦେଶକ, ବଲାଙ୍ଗୀର, ପ୍ରଦୀପ ପଣ୍ଡା, ନାଟ୍ୟକାର ଓ ନିର୍ଦ୍ଦେଶକ, ରାଉରକେଲା, ଦିଲ୍ଲୀପ କୁମାର ରାଉତରାୟ, ବରିଷ୍ଠ ପ୍ରଶାସକ, ଓଡ଼ିଶା ସରକାର ଓ ଐଶ୍ୱର୍ଯ୍ୟା ପରିଜା, ସାମ୍ବାଦିକ, ଭୁବନେଶ୍ୱରଙ୍କୁ ସଂସ୍କୃତିମିତ୍ର ସମ୍ମାନ ପ୍ରଦାନ କରାଯିବ। ବରେଣ୍ୟ ଅତିଥିମାନଙ୍କ ଗହଣରେ ୯ଜଣ କଳା ସଂସ୍କୃତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ସଂସ୍କୃତି ମିତ୍ର ସମ୍ମାନ ପ୍ରଦାନ କରାଯିବା ପରେ ପରେ, 'ପଂଚମବେଦ' ନାଟ୍ୟ ସଂସ୍ଥା ତରଫରୁ ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ଓ ହରେନ୍ ସାହୁଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'ଏକଇର ବଳା' ମଂଚସ୍ଥ କରାଯିବ। ସାଂପ୍ରତିକ ସମାଜରେ ଗୋଟିଏ ବୋଲି ପୁଅ ପରିବାରରେ ଥିଲେ, ବାପା ମାଆ ତା' ପ୍ରତି ସବୁକିଛି ଶ୍ରଦ୍ଧା, ସ୍ନେହ ଅଜାଡ଼ି ଦେଲାପରେ ମଧ୍ୟ ପିଲାଟି ଅବାଟରେ ଯାଇ ସମାଜରେ କିପରି କଳଙ୍କିତ ହୁଏ ତାହା ଏହି ନାଟକ ମାଧ୍ୟମରେ ପ୍ରତିପାଦନ କରାଯାଇ, ତା'ର ସମାଧାନର ପନ୍ଥା ମଧ୍ୟ ପ୍ରଦର୍ଶନ କରାଯାଇଛି।

ନାଟ୍ୟପ୍ରେମୀ ଓ ସଂସ୍କୃତି ପ୍ରେମୀ ଦର୍ଶକମାନେ ବହୁ ସଂଖ୍ୟାରେ ଯୋଗଦେଇ 'ପଂଚମବେଦ'ର ବାର୍ଷିକ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ପଂଚମବେଦର ସଭାପତି ହରେନ୍ ସାହୁ ଓ ସମ୍ପାଦକ ପ୍ରକାଶ ମହାରଣା ଅନୁରୋଧ କରିଛନ୍ତି।

## ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ମହାନ୍ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆଦର୍ଶର ପ୍ରବକ୍ତା, 'ସଂପୂର୍ଣ୍ଣ କ୍ରାନ୍ତି' ଭାବଧାରାର ପ୍ରବର୍ତକ ତଥା ସାମାଜିକ ନ୍ୟାୟ ପାଇଁ ଅଙ୍ଗୀକାର ବଦ୍ଧ ଜନନେତା ସ୍ୱର୍ଗତ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ଜୟନ୍ତୀ ଅବସରରେ ମଙ୍ଗଳବାର ସ୍ଥାନୀୟ ମାଷ୍ଟର କ୍ୟାଂଟିନ୍ ଛକ ସ୍ଥିତ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ବିଜ୍ଞାନ ଓ କାରିଗରୀ,ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦକ ଡଃ. ଲେନିନ୍ ମହାନ୍ତି ଯୋଗଦେଇଲୋକନାୟକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରତିମୂର୍ତିସ୍ଥଳ ସାଜସଜ୍ଜା କରାଯାଇଥିଲା ବେଳେବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସ୍ୱତନ୍ତ୍ର ଅଧିକାରୀ ମାନସ ରଞ୍ଜନ ଖୁଂଟିଆ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ,ବିଭାଗର ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ଲୋକନାୟକଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଆଶାୟୀ ଯୁବସମାଜ...

(ପୃଷ୍ଠା ୪ର ଅବଶିଷ୍ଟ) ଆଧୁନିକ କଳ କାରଖାନାରେ ଅତ୍ୟଧିକ ଉତ୍ପାଦନକ୍ଷମ ବୈଜ୍ଞାନିକ ଯନ୍ତ୍ରପାତି, ରୋବଟ, କମ୍ପୁଟର, ସ୍ୱୟଂ ଚଳିତ ମେସିନ ଗୁଡିକର ବ୍ୟବହାର ହେବାଦ୍ୱାରା ମାନବ ସମ୍ବଳର ଆବଶ୍ୟକତା କମି କମି ଯାଉଛି, ଯେଉଁ କାରଖାନାରେ ୫୦୦ ଲୋକ କାର୍ଯ୍ୟକରି ଜୀବିକା ନିର୍ବାହ କରୁଥିଲେ ସେଠାରେ ନୂତନ ଯନ୍ତ୍ରପାତି ଲାଗିବା ଦ୍ୱାରା ୫୦ ଜଣଙ୍କ ଦ୍ୱାରା ସେହି କାର୍ଯ୍ୟଠାରୁ ଅଧିକ କାର୍ଯ୍ୟ ସମ୍ପାଦନ ହୋଇ ପାରୁଛି । ଉତ୍ପାଦନ ସିନା ହୁ ହୁ ହୋଇ ବଢୁଛି ତାହା ସହିତ ତାଳଦେଇ ବେକାରୀ ମଧ ବଢି ଚାଲିଛି । ଏହି ପରିସ୍ଥିତିରେ କାହାକୁ ଗ୍ରହଣ କରିବେ ? ଆଉ କାହାକୁ ଏଡାଇ ଦେବେ ? ତାହା ସରକାରଙ୍କ ନିର୍ଣ୍ଣୟରେ ସମ୍ପାଦନ ହେବା ଉଚିତ। ଏଠାରେ ଶିଳ୍ପ ବଢୁଛି ଏବଂ ବେକାରୀ ବଢୁଛି , ମହାତ୍ମାଗାନ୍ଧୀ କହୁଥିଲେ 'ବିଦେଶୀ ହଟାଓ ସ୍ୱଦେଶୀକୁ ଅପଣାଅ', କୁଟୀରଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ଆମେ ବିଦେଶୀ ଶିଳ୍ପପତି ମାନଙ୍କୁ ଖୋସାମଦ କରି ଡାକିଡାକି ଦେଶରେ ପୁରାଉଛୁ ଆସ ଭାଇ, ଆମ ଦେଶରେ ଶିଳ୍ପ ପ୍ରତିଷ୍ଠା କର ଏବଂ ଆଉ ଯାହା ଅଛି ଲୁଟି ନିଅ । ବିଦେଶୀ ଶିଳ୍ପପତି ଆସି କ'ଣ ତୁମକୁ ବଡ଼ଲୋକ କରିଦେବେ ? ଚାକିରୀ ଦେବେ ? ନା' ନିଜ ଦେଶକୁ ଧନ ବୋହିନେବେ ? ଭାଇ ! ଆମ ପିଲା ଅନେକ ଜ୍ଞାନୀ, ଗୁଣି ଆଉ ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକ ତେଣୁ ସେହିମାନଙ୍କୁ ନିୟୋଜିତ କରି ଶିଳ୍ପ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବା ବଦଳରେ ବିଦେଶୀଙ୍କୁ ଡାକି ତା'ଙ୍କ ପାଦତଳେ ଆମ ପିଲାଙ୍କୁ ଶ୍ରମିକ କରି ରଖିବାରେ ଦେଶର ସମ୍ମାନ ହାନି ହେବ କି ନାହିଁ ? ଆମେ ସ୍ୱାବଲମ୍ବୀ ହେବାକୁ ଚାହୁଁ, ସରକାରୀ ତଥା ବେସରକାରୀ କର୍ମଚାରୀଙ୍କ ଅବସର ନେବାର ବୟସ ସୀମା ପୂର୍ବବତ ୫୫/୫୮ ବର୍ଷ ରଖାଯାଉ ଫଳରେ ଅନେକ ନୂତନ ଆଶାୟୀ ଚାକିରୀ ପାଇ ପାରିବେ ତଥା ସରକାରଙ୍କର ମଧ ଦରମା ଦେବାରେ ନିଶ୍ଚିତ ଖର୍ଚ୍ଚ କମ ହେବ। ଏଠାରେ ସମସ୍ତଙ୍କୁ ସୁବିଧା ସୁଯୋଗ ଦେବା କଥା କିନ୍ତୁ ବର୍ତ୍ତମାନ ସରକାର ଅବସର କାଳୀନ ବୟସ ବଢ଼ାଇ ବଢ଼ାଇ ଚାଲିଛନ୍ତି ଓ ଏବେବି ସମୟ ଅଛି ଯୁବ ପିଢିଙ୍କ ପାଇଁ ଅନ୍ତରରୁ ଟିକେ ଭାବନ୍ତୁ ତଥା ଦେଶର ସ୍ୱାର୍ଥ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରନ୍ତୁ ଓ ଜୟହିନ୍ଦ !

+ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ-୭୫୩୦୦୯
ମୋ: ୯୯୩୭୧୭୪୦୯୭

## ଜାତୀୟ ଶିକ୍ଷା ନୀତି ବାତିଲ ଦାବିରେ ଏଆଇଡିଏସଓ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର, ୧୨/୧୦(ନି.ପ୍ର): ଏଆଇଡିଏସଓ ଉଦ୍ୟୋଗରେ ଶିକ୍ଷା ବିନାସକାରୀ ଜାତୀୟ ଶିକ୍ଷା ନୀତି ୨୦୨୦ ବାତିଲ ଦାବିରେ ଦେଶବ୍ୟାପୀ ୧ କୋଟି ଦସ୍ତଖତ ସଂଗ୍ରହ ଅଭିଯାନ ଚାଲିଥିଲା । ଓଡିଶାର ଛାତ୍ର ତଥା ଜନସାଧାରଣଙ୍କ ପାଖରୁ ସଂଗୃହିତ ୫ ଲକ୍ଷରୁ ଉର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ଆଜି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି । ଲୋୟର ପିଏମଜି ରେ ଏଆଇଡିଏସଓ ପକ୍ଷରୁ ଅନୁଷ୍ଠିତ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, କେନ୍ଦ୍ରୀୟକରଣ, ସାମ୍ପ୍ରଦାୟିକରଣ, ଧନ୍ଦାମୁଖିକରଣର ନୀଳ ନକ୍ସା ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ ଦାବିରେ ଅନୁଷ୍ଠିତ ଛାତ୍ର ବିକ୍ଷୋଭ ସ୍ଥଳରୁ ରାଜ୍ୟ ସଭାପତି ସୋମନାଥ ବେହେରାଙ୍କ ନେତୃତ୍ୟରେ ଏକ ପ୍ରତିନିଧି ମଣ୍ଡଳୀ ରାଜଭବନ ଯାଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଛାତ୍ର ବିକ୍ଷୋଭ ସ୍ଥଳରେ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜନଶିକ୍ଷାକୁ ଧ୍ୱଂସ କରିବାକୁ ଅଣାଯାଇଥିବା ଜାତୀୟ ଶିକ୍ଷା ନୀତି ୨୦୨୦ କବଳରୁ ଶିକ୍ଷା ସଭ୍ୟତାକୁ ବଂଚାଇବା ପାଇଁ ଏଆଇଡିଏସଓ ତାର ଅଭିଯାନ ଜାରୀ ରଖିଛି । ଆଗାମୀ ଦିନରେ ଏନଇପି ୨୦୨୦ ବାତିଲ ଦାବିରେ ସଂଗ୍ରାମକୁ ଶକ୍ତିଶାଳୀ କରିବା ପାଇଁ ଦେଶ ବ୍ୟାପୀ ୨୫ ଲକ୍ଷ ସ୍ୱେଚ୍ଛାସେବକ ସଂଗ୍ରହ ସହ ୧ ଲକ୍ଷ ସଂଗ୍ରାମ କମିଟି ଗଠନ ଅଭିଯାନ କରାଯିବ । ଜାତୀୟ ଶିକ୍ଷା ନୀତି ୨୦୨୦ବାତିଲ ଦାବିରେ ସାରା ଦେଶ ତଥା ରାଜ୍ୟର ଜନଗଣଙ୍କ ସକ୍ରିୟ ସମର୍ଥନ ପାଇଁ ଏଆଇଡିଏସଓ ପକ୍ଷରୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଶିକ୍ଷା , ସଭ୍ୟତା, ସଂସ୍କୃତିକୁ ରକ୍ଷା କରିବାକୁ ସର୍ବସ୍ତରର ଜନଗଣ ଏନଇପି ୨୦ ବିରୁଦ୍ଧରେ ସଂଗ୍ରାମ କରିବାକୁ ଆଗେଇ ଆସିବାକୁ ଛାତ୍ର ବିକ୍ଷୋଭ ସ୍ଥଳରୁ ଆହ୍ୱାନ ଦିଆଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୭ ଦିନରେ ଓଡିଶାକୁ ନାହିଁ ବାତ୍ୟା....

କରିବା ସମ୍ଭବପର ନୁହେଁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ମଡେଲକୁ ପର୍ଯ୍ୟବେକ୍ଷଣ କରି ତାହାକୁ ଅନୁଶୀଳିନ କରାଯାଏ। ଏଥିସହ ବୈଜ୍ଞାନିକ ଜ୍ଞାନକୌଶଳ, ମାନବ ସମ୍ବଳକୁ ବ୍ୟବହାର କରି କୌଣସି ସୂଚନା ଦିଆଯାଇଥାଏ। ତେଣୁ ଏହି ସଂସ୍ଥା ଅଧିକ ଭରସାଯୋଗ୍ୟ। ଭାରତୀୟ ପାଣିପାଗ ବିଭାଗର ଆକଳନର ସଠିକତା ଆମେରିକା, ଅଷ୍ଟ୍ରେଲିଆ, ଜାପାନ ପରି ବିକଶିତ ଦେଶର ପୂର୍ବାନୁମାନ ତୁଳନାରେ ବେଶ୍ ଭଲ, ସଠିକ ଓ ଭରସାଯୋଗ୍ୟ। ତେଣୁ କୌଣସି ବ୍ୟକ୍ତିବିଶେଷ, ଅନୁଷ୍ଠାନ କିମ୍ବା ମଡେଲର ପୂର୍ବାନୁମାନକୁ ଭରସା କରନ୍ତୁ ନାହିଁ। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ବିଶ୍ୱାସ କରନ୍ତୁ ବୋଲି କହିଛନ୍ତି ଆଇଏମଡି ଡିଜି। ଉତର ଆଣ୍ଡାମାନ ସାଗରରେ ଗତକାଲି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ତାହା ପଶ୍ଚିମ-ଉତର ପଶ୍ଚିମ ଦିଗକୁ ଯାଇ ଧୀରେ ଧୀରେ ଦୁର୍ବଳ ହୋଇଯିବ। ଏହାପରେ ଆଉ ଏକ ଘୂର୍ଣ୍ଣିବଳୟ ଆସନ୍ତା ୧୭ କିମ୍ବା ୧୮ ତାରିଖରେ ଉତର ଆଣ୍ଡାମାନ ସାଗର ନିକଟସ୍ଥ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ତାହା ମଧ ପଶ୍ଚିମ-ଉତର ପଶ୍ଚିମ ଦିଗକୁ ଗତି କରିବ। ଅର୍ଥାତ ତାମିଲନାଡୁ, ଆନ୍ଧ୍ରପ୍ରଦେଶର ଦକ୍ଷିଣ ଭାଗକୁ ଗତି କରିବାର ସମ୍ଭାବନା ରହିଛି। ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନା ଲାଗୁ ନ ଥିବା ବେଳେ ଓଡ଼ିଶା ଉପରେ ମଧ୍ୟ ଏହାର କୌଣସି ପ୍ରଭାବ ପରିଲକ୍ଷିତ ହେବ ନାହିଁ।

### ଧାମନଗର ଉପନିର୍ବାଚନ....

ଉଭୟ ବିଜେପି ଓ କଂଗ୍ରେସ ପୁରୁଷ ପ୍ରାର୍ଥୀ ଦେଇଥିବା ବେଳେ ବିଜେଡି ଏଠାରେ ମହିଳା ପ୍ରାର୍ଥୀ ଛିଡ଼ା କରାଇଛି। ପୂର୍ବରୁ ଏଠାରେ ବିଜେପିର ପ୍ରାର୍ଥୀ ଥିବା ବିଷ୍ଣୁ ସେଠୀ ନିର୍ବାଚନ ଜିତିଥିଲା ବେଳେ ଏଥର ଜଣେ ମହିଳା ପ୍ରାର୍ଥୀଙ୍କୁ ଚୟନ କରିଛି ବିଜେଡି। ଉଚ୍ଚଶିକ୍ଷିତ ସୂରଜ ଇଂଜିନିୟରିଂ ଛାଡି ଗତ ନିର୍ବାଚନରେ ବାପାଙ୍କୁ ରାଜନୀତିରେ ସହଯୋଗ କରୁଥିଲେ। ଜଣେ ଯୁବ ସଂଗଠକ ଭାବେ ଧାମନଗରରେ ତାଙ୍କର ସୁନାମ ରହିଛି। ସେହିପରି ଅବନ୍ତୀ ଦାସ ଗତ ପଂଚାୟତ ନିର୍ବାଚନରେ ସେ କାଁପଡ଼ା ପଂଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇ ବ୍ଲକ ଅଧକ୍ଷା ଥିଲେ। ସେ ମିଶନ ଶକ୍ତି ସ୍ୱଂୟ ସହାୟକ ଗୋଷ୍ଠୀରେ ମଧ୍ୟ ସକ୍ରିୟ ଅଛନ୍ତି। ତାଙ୍କୁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଧାମନଗର ଉପନିର୍ବାଚନ ପାଇଁ ଟିକେଟ୍ ଦେଇଛନ୍ତି। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣ ସେଠୀ ହେଉଛନ୍ତି ଜଣେ ଯୁବ ଆଇନଜୀବୀ। ସେ ଏବେ ଧାମନଗର କୋର୍ଟରେ କାର୍ଯ୍ୟରତ ଅଛନ୍ତି। କଂଗ୍ରେସର ଜଣେ ତୃଣମୂଳସ୍ତରର ସଂଗଠକ ହେଉଛନ୍ତି ଶ୍ରୀ ସେଠୀ। ସେ ଧାମନଗର ବ୍ଲକର ରାଜୀବ ଗାନ୍ଧି ସେବା ସଂଗଠନର ସଭାପତି, ଦଳିତ ସଂଗଠନର ନେତା ଭାବେ ବିଭିନ୍ନ ସାଂଗଠନିକ କାର୍ଯ୍ୟ ସୂଚାରୁ ରୂପେ କାର୍ଯ୍ୟ କରିଆସୁଛନ୍ତି। ଜିଲ୍ଲାର ଜଣେ ଦଳିତ ନେତା ଭାବରେ ସେ ଜଣାଶୁଣା। ଉଲ୍ଲେଖଯୋଗ୍ୟ ଯେ, ବିଧାୟକ ବିଷ୍ଣୁ ସେଠୀଙ୍କ ପରଲୋକ ପରେ ଧାମନଗରରେ ଉପନିର୍ବାଚନ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ୩ ତାରିଖରେ ଧାମନଗର ଉପନିର୍ବାଚନ ପାଇଁ ମତଦାନ ହେବ।

## ଭଦ୍ରକ କାଳୀପୂଜା ପୂର୍ବରୁ ଚରମ୍ପାରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

ଭଦ୍ରକ,୧୨/୧୦(ନି.ପ୍ର): ଓଡ଼ିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜାର ଅବ୍ୟବହିତ ପୂର୍ବରୁ ଆଜି ଚରମ୍ପା ବଜାରରେ ଜିଲ୍ଲା ଖାଦ୍ୟ ନିରାପତ୍ତା ସ୍କାଡ୍ ତରଫରୁ ଧରପଗଡ଼ କରାଯାଇଛି। ଜିଲ୍ଲା ଖାଦ୍ୟ ନିରାପତ୍ତା ଦାୟିତ୍ୱ ପ୍ରାପ୍ତ ଅଧିକାରୀ ଡା. ଭାରତୀ ରାଉତଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ଜବତ୍ କରାଯାଇଥିବା ବାସି ଖାଦ୍ୟ, କୃତ୍ରିମ ରଙ୍ଗ ମିଶା ଖାଦ୍ୟ, ଖାଦ୍ୟ ରଙ୍ଗ ପ୍ୟାକେଟ୍ ସବୁକୁ ନଷ୍ଟ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଆଇନ୍ ୨୦୦୬ ଧାରା ୬୯ ଅବମାନନା ମୂଳେ ୧୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା। ଏହି ଧରପଗଡ଼ ବେଳେ ଖାଦ୍ୟ ନିରାପତ୍ତା ନେଇ ସଚେତନତା ଉଦ୍ଦେଶ୍ୟରେ ସଂପୃକ୍ତ ଖାଦ୍ୟ ଦ୍ରବ୍ୟ ବ୍ୟବସାୟୀ ମାନଙ୍କୁ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ଏମ୍.ଟି.ଏସ୍ ସୁଶାନ୍ତ ନନ୍ଦ ଓ ଅନ୍ୟ କର୍ମଚାରୀମାନେ ଏହି ଧରପଗଡ଼ କାର୍ଯ୍ୟରେ ସାମିଲ ଥିଲେ।

## ରାଜ୍ୟ କଂଗ୍ରେସ ସେବାଦଳ ଶିବିର ସ୍ଥଗିତ

ଭୁବନେଶ୍ୱର, ୧୨/୧୦(ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ଅଧକ୍ଷ ତଥା କଂଗ୍ରେସ ମୁଖପାତ୍ର ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ ଆଗାମୀ ୧୫ ଓ ୧୬ ତାରିଖରେ କଂଗ୍ରେସ ଭବନ ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ସ୍ଥଗିତ ରଖାଯାଇଛି। ୧୭ ତାରିଖରେ କଂଗ୍ରେସ ସଭାପତି ନିର୍ବାଚନ ପରିପ୍ରେକ୍ଷୀରେ ଏହି ଶିବିରକୁ ସ୍ଥଗିତ ରଖାଯାଇଛି। ପରବର୍ତୀ ତାରିଖ ପରେ ଘୋଷଣା କରାଯିବ ବୋଲି ଡଃ ଜ୍ଞାନେନ୍ଦ୍ର କହିଛନ୍ତି।

## ଏ.ଆଇ.ଡ଼ି.ଏସ୍.ଓ. ପକ୍ଷରୁ ଉଦଳାରେ ବିକ୍ଷୋଭ ପ୍ରଦର୍ଶନ




ଉଦଳା, ୧୨/୧୦(ନି.ପ୍ର): ଜାତୀୟ ଶିକ୍ଷା ନୀତି ୨୦୨୦ ବାତିଲ କର ଦାବିରେ ଏ.ଆଇ.ଡ଼ି.ଏସ୍.ଓ. ପକ୍ଷରୁ ଆଜି ଅକ୍ଟୋବର ୧୨ ତାରିଖ ବୁଧବାର ଦିନ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜାତୀୟ ଶିକ୍ଷା ନୀତି ଲାଗୁ ହେବା ଫଳରେ ଆମ ରାଜ୍ୟରେ ତଥା ଜିଲ୍ଲାରେ ବହୁ ସରକାରୀ ବିଦ୍ୟାଳୟ ବନ୍ଦ ହେଉଛି ବୋଲି ଅଭିଯୋଗ କରାଯାଇଛି । ଏହି ନୀତି ଫଳରେ ସରକାରୀ ଶିକ୍ଷା କ୍ଷେତ୍ରରେ ଦେଶୀ ବିଦେଶୀ ପୁଞ୍ଜି ନିବେଶ ଉନ୍ମୁକ୍ତ ହେବ । ଫଳରେ ଗରିବ ପିଲା ଶିକ୍ଷାରୁ ବଞ୍ଚିତ ହେବେ ବୋଲି କୁହାଯାଇଛି । ତେବେ ଆଜିର ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏ.ଆଇ.ଡ଼ି.ଏସ୍.ଓ.ର ଜିଲ୍ଲା ଉପସଭାପତି ଧନେଶ୍ୱର ସିଂ, କପ୍ତିପଦା ବ୍ଲକ ସଂପାଦକ ଗୋବିନ୍ଦ ସିଂ ହାଇବୁରୁ ନେତୃତ୍ୱ ନେଇଥିବା ବେଳେ କୃଷ୍ଣ ମହାକୁଡ଼, ଲାଦୁରା ମହାକୁଡ଼, ମଙ୍ଗଳ ସିଂ, ବୁଧୁନି ସିଂ, ଜଙ୍ଗା ସିଂ, ନାରାୟଣ ଗାଇପାଇ, ଲାନ୍ଦୁ ସିଂ, ଲୁପେ ସିଂ ପ୍ରମୁଖ ସହଯୋଗ କରିଥିଲେ ।

## ଧାନହଣ୍ଡା ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ମଠରୁ ଚୋରୀ

ବସ୍ତା,୧୨/୧୦(ନି.ପ୍ର): ବସ୍ତାଥାନା ମଥାନୀ ପଞ୍ଚାୟତ ଧନହଣ୍ଡା ଗ୍ରାମରେଥିବା ଠାକୁରଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ମଠରୁ ଗତକାଲି ବିଳମ୍ବିତରାତିରେ ଦୁବୃତ ମାନେ ୮୦ହଜାରରୁ ଉର୍ଦ୍ଧ ସାମଗ୍ରୀ ଓ ନଗଦ ହୁଣ୍ଡି ବାକ୍ସରୁ ୧୧ହଜାରଟଙ୍କା ଲୋଟିନେଇଛନ୍ତି । ସୂଚନାରୁ ପ୍ରକାଶ ମଙ୍ଗଳବାର ଠାକୁରଙ୍କ ନିକଟରେ ସନ୍ଧ୍ୟା ଆରତୀ ସାରି ଭକ୍ତମାନେ ରାତ୍ରି ୮ଟାରେ ମଠର ଗ୍ରିଲ ଓ ସାମନାପଟ ତାଟିରେ ଚାବି ପକାଇ ଘରକୁ ଯାଇଥିଲେ । ହେଲେ ଭୋର ଗ୍ରାମଲୋକ ଦେଖିଲେ ରାସ୍ତାରେ ଭଙ୍ଗା ତାଲା ପଡିଥିବା ବେଳେ କିଛି ଦୂରରେ ହୁଣ୍ଡିବାକ୍ସ ମଧ୍ୟ ଭଙ୍ଗା ହୋଇପଡିଛି । ଖବରପାଇ ମଠର ପରିଚାଳକ ଅଖିଳ ବେହେରା ସମାଜସେବୀ କିଶୋରପାଳ ପୂର୍ବତନ ୱାର୍ଡ ସଭ୍ୟ ଗୌରାଙ୍ଗ ବେହେରା ସମେତ ଗ୍ରାମବାସୀ ଘଟଣାସ୍ଥଳରେ ଉପସ୍ଥିତ ହୋଇଥିଲେ ।ତେବେ ମଠରେ ଥିବା ଇନଭେଟର ମେସିନ ଓ ବ୍ୟାଟେରୀ, ଇଲେକ୍ଟ୍ରୀ ପାଣି ପମ୍ପ, ୧୨୦ ୱାଡର ମାଇକ ମେସିନ, ୨ଟି ମାଇକାରଫୁନ, ୱିଇଆର ୨କଏଲ, ହୁଣ୍ଡି ବାକ୍ସରେ ଥିବା ୧୧ହଜାରଟଙ୍କା, ମୋଟ ୮୦ହଜାରରୁ ଉର୍ଦ୍ଧହେବବୋଲି ଅନୁମାନ କରାଯାଉଛି । ଏନେଇ ଶ୍ରୀଯୁକ୍ତ ବେହେରା ବୁଧବାର ବସ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଦେଖିବାକୁ ମିଳିଛି । ବସ୍ତାରୁ ରବିନାରାୟଣ ସାହୁଙ୍କ ରିପୋଟ ନ୍ୟୁଜଥାଟିନ ଓଡିଶା

## ରାଜ୍ୟରେ ନୂଆ ୧୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୫୧୫୩ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୧୦୩ ଆକ୍ରାନ୍ତଙ୍କ ମଧ୍ୟରୁ ୬୧ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୪୨ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୧୧୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୫୩୧୮ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୮୩ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୧୦୩ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧୧, ବରଗଡ଼ ଜିଲ୍ଲାରେ ୬, ଭଦ୍ରକ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୦, ଦେବଗଡ଼ ଜିଲ୍ଲାରେ ୧, ଗଞ୍ଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୨, ଯାଜପୁର ଜିଲ୍ଲାରେ ୧, କଳାହାଣ୍ଡି ଜିଲ୍ଲାରେ ୨, କନ୍ଧମାଳ ଜିଲ୍ଲାରେ ୨, କେନ୍ଦୁଝର ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ୧୭ବର୍ଷରୁ କମ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ

ବାଲେଶ୍ୱର, ୧୨/୧୦(ନି.ପ୍ର): ବାଲେଶ୍ୱରରେ ଗତକାଲିଠାରୁ ଆରମ୍ଭ ହୋଇଥିବା ୧୭ବର୍ଷରୁ କମ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଗୁରୁବାର ବାଳକ ବିଭାଗର ଦୁଇଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜଳେଶ୍ୱର ବ୍ଲକ ଓ ସିମୁଳିଆ ମଧ୍ୟରେ ହୋଇଥିବା ପ୍ରଥମ ମ୍ୟାଚରେ ୬/୦ ଗୋଲରେ ଜଳେଶ୍ୱର ବିଜୟୀ ହୋଇଛି। ସେହିଭଳି ଜଳେଶ୍ୱର ବ୍ଲକ ଓ ନୀଳଗିରି ବ୍ଲକ ମଧ୍ୟରେ ହୋଇଥିବା ଦ୍ୱିତୀୟ ମ୍ୟାଚରେ ଧାର୍ଯ୍ୟ ସମୟସୀମାରେ ଖେଳ ଅମୀମାଂସିତ ରହିବାରୁ ଟ୍ରାଇବ୍ରେକରର ଆଶ୍ରୟ ନିଆଯାଇଥିଲା। ଏଥିରେ ୩/୧ ସ୍କୋରରେ ଜଳେଶ୍ୱର ବିଜୟୀ ଘୋଷିତ ହୋଇଛି। ଅନୁରୂପ ଭାବେ ବାଳିକା ବିଭାଗରେ ରେମୁଣା ବ୍ଲକ ଓ ଜଳେଶ୍ୱର ବ୍ଲକ ମଧ୍ୟରେ ହୋଇଥିବା ପ୍ରଥମ ମ୍ୟାଚରେ ୨/୧ ସ୍କୋରରେ ରେମୁଣା ବ୍ଲକ ବିଜୟୀ ହୋଇଥିଲା। ସେହିଭଳି ରେମୁଣା ଓ ସିମୁଳିଆ ବ୍ଲକ ମଧ୍ୟରେ ହୋଇଥିବା ଦ୍ୱିତୀୟ ମ୍ୟାଚରେ ୩/୦ ସ୍କୋରରେ ରେମୁଣା ବିଜୟୀ ଘୋଷିତ ହୋଇଛି। ମ୍ୟାଚ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଶିଷ୍ଟ ଫୁଟବଲ ଖେଳାଳି ସୁରଜିତ ମହାପାତ୍ର, ନିମାଇ ଚରଣ ରାଉତ, ବୀରେନ୍ଦ୍ର କୁମାର ସ୍ୱାଇଁ, ସଲୀଲ ସିଂ, କ୍ଷୀରୋଦ କୁମାର ପରିଡ଼ା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଭୋଗରାଇ, ବସ୍ତା ଓ ସିମୁଳିଆର ୫-ଟି ରୂପାନ୍ତରୀଣ ୩୫ଟି ବିଦ୍ୟାଳୟକୁ ଫୁଟବଲ ପ୍ରଦାନ କରାଯାଇଥିଲା ।

## ବିକଳ୍ପ ସମାଧାନ କେନ୍ଦ୍ରରେ ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ

ଭୁବନେଶ୍ୱର, ୧୨/୧୦(ନି.ପ୍ର): ସ୍ଥାନୀୟ ମଣ୍ଡଳ ନ୍ୟାୟାଧିକାରୀଙ୍କ ସୁପାରିଶ କ୍ରମେ ଏକ ଘରୋଇ ହିଂସା (ଡି.ଭି.)- ସି.ଏମ୍.ସି-୪୩୪ -୨୦୨୨ ମାମଲାର ବିକଳ୍ପ ସମାଧାନ କେନ୍ଦ୍ରକୁ ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର,ଭୁବନେଶ୍ୱରରେ ଆଗତ କରାଯାଇଥିଲା । ମଧ୍ୟସ୍ଥତା କେନ୍ଦ୍ରର ତାଲିମ ପ୍ରାପ୍ତ ଦକ୍ଷ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ଆବେଦନକାରୀ ରେବତୀ ପ୍ରଧାନ ଓରଫ ରାଉତ ଏବଂ ଅପରପକ୍ଷ ସୁଶାନ୍ତ ପ୍ରଧାନ ଏବଂ ଅନ୍ୟମାନଙ୍କୁ ବାରମ୍ବାର କାଉନସେଲିଂ କରି ଉଭୟ ପକ୍ଷକୁ ବୁଝାଇବାରେ ସମର୍ଥ ହୋଇଥିଲେ । ଉଭୟ ସ୍ୱାମୀ ଓ ସ୍ତ୍ରୀ ପୂର୍ବ ରାଗ , ରୋଷ ଭୁଲି ଏକତ୍ର ସହାବସ୍ଥାନ କରିବାକୁ ଏବଂ ପିଲାମାନଙ୍କର ଯତ୍ନ, ସେମାନଙ୍କର ଉନ୍ନତି ,ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ବହନ ଦେବ। ସହ ଏକ ରାଜିନାମାରେ ସ୍ୱାକ୍ଷର କରିଥିଲେ ଏବଂ ଯଦି ଏଥିରେ ଖିଲାପ ହୁଏ, ତାହେଲେ, ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ବୋଲି ସେମାନଙ୍କୁ ଜଣାଇଦିଆଯାଇଛି । ଶେଷରେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣଙ୍କ ସଚିବ ଶ୍ରୀମତୀ ସୌଦାମିନୀ ସିଂଙ୍କ ପାଖରେ ଉଭୟ ପକ୍ଷକୁ ପେଶ୍ କରାଯାଇ ସେମାନଙ୍କର ମଧ୍ୟସ୍ଥତା ଜରିଆରେ ମାମଲାର ସମାଧାନ ସଂକ୍ରାନ୍ତୀୟ ରାଜିନାମା ପଢି ଶୁଣାଇ ଦିଆଯିବା ସହ ସେମାନଙ୍କର ସ୍ୱାକ୍ଷରକୁ ଯାଂଚ କରାଯାଇ ଉକ୍ତ ରାଜିନାମାର ସର୍ତ୍ତାବଳୀର ବିଶେଷ ବିବରଣୀ ଅବଗତ କରାଯାଇଥିଲା ଏବଂ ସଚିବ ଶ୍ରୀମତି ସିଂ ଙ୍କର ସହି ମୋହର ସହ ମଧ୍ୟସ୍ଥତା ରିପୋର୍ଟ ସହ କେସ୍ ରେକର୍ଡ ପୁନଶ୍ଚ ଚୁଡାନ୍ତ ଫଇସଲା ନିମନ୍ତେ ଏସଡିଜେମ୍ କୋର୍ଟ ,ଭୁବନେଶ୍ୱରଙ୍କୁ ପ୍ରେରଣ କରାଯାଇଥିଲା ।

## ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ କନ୍ୟା ଦିବସ ପାଳନ

ଭଦ୍ରକ,୧୨/୧୦(ନି.ପ୍ର): ଅକ୍ଟୋବର ୧୧ ରେ ବିଶ୍ୱତମାମ୍ ପାଳନ କରାଯାଉଥିବା ଆନ୍ତର୍ଜାତିୟ ଶିଶୁ କନ୍ୟା ଦିବସକୁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଓ ସମଗ୍ର ଶିକ୍ଷା ଅଭିଯାନର ମିଳିତ ସହଯୋଗରେ ବି.ଏମ୍. ବାଗୁରାଇ ହାଇସ୍କୁଲରେ ଗତକାଲି ମଙ୍ଗଳବାର ପାଳନ କରାଯାଇଅଛି। ଏହି ଦିବସ ପାଳନ କାର୍ଯ୍ୟକ୍ରମକୁ ଦିବା ୧୦ ଘଟିକାରେ ଉଦ୍‌ଘାଟନ କରାଯାଇ ଏଥିରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ମାନଙ୍କ ମଧ୍ୟରେ ରଙ୍ଗୋଲି, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରାୟ ୧୦୦ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅପରାହ୍ନ ଅଧିବେଶନରେ ଏହି ଦିବସ ପାଳନର ଆଭିମୁଖ୍ୟ ନେଇ ସଚେତନତା ଓ କୃତୀ କନ୍ୟା ପ୍ରତିଭା ମାନଙ୍କୁ ପୁରସ୍କାର ପ୍ରଦାନ ଉଦ୍ଦେଶ୍ୟରେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସମଗ୍ର ଶିକ୍ଷାର ଡି.ପି.ସି. ତଥା ବାଳିକା ଶିକ୍ଷା ସଂଯୋଜିକା ଇପ୍‌ସିତା ଜେନା, ଅତିରିକ୍ତ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ସୁଷମା ମହାନ୍ତି , ବି.ଏମ୍. ବାଗୁରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ସୁସାହିତ୍ୟିକା ଗୀତାରାଣୀ ଆଇଚ ଏଥିରେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଝିଅ ଓ ପୁଅ ସନ୍ତାନ ଭିତରେ ଲିଙ୍ଗଗତ ଭେଦାଭେଦ ବିଚାର ନେଇ କନ୍ୟା ସନ୍ତାନ ପ୍ରତି ଅବହେଳା, ଉପେକ୍ଷା, ନିର୍ଯ୍ୟାତନା ଆଗାମୀ ଦିନରେ ସମାଜ ପ୍ରତି କିପରି କୁଠାରଘାତ ହେବ ସେ ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ରଖିବା ସହ ବେଟି ବଚାଓ ବେଟି ପଢ଼ାଓ ଯୋଜନାରେ କନ୍ୟା ସୁରକ୍ଷା ଓ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ଥିବା ପ୍ରୋତ୍ସାହନ ବ୍ୟବସ୍ଥା ସମ୍ବନ୍ଧରେ ମଧ ଆଲୋକପାତ କରିଥିଲେ। ସେଠାରେ ଅନୁଷ୍ଠିତ ୩ଟି ପ୍ରତିଯୋଗିତାର ୯ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସ୍ତରୀୟ ବିଜ୍ଞାନମେଳାରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା କନ୍ୟା ପ୍ରତିଭା ଅର୍ପିତା ଖୁଣ୍ଟିଆଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧିନରେ କାର୍ଯ୍ୟରତ ୯ଟି ଯାକ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ପିଲାମାନଙ୍କ ମଧ୍ୟରେ ଉକ୍ତ ୩ଟି ପ୍ରତିଯୋଗିତା କରାଯାଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଲୋକନାୟକ ଜୟପ୍ରକାଶ ନାରାୟଣ, ସର୍ବୋଦୟ ନେତା ମନମୋହନ ଚୌଧୁରୀ ଓ ଶହୀଦ୍ ବାଜି ରାଉତଙ୍କ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୧୨/୧୦(ନି.ପ୍ର): ମହାନ ସ୍ୱାଧିନତା ସଂଗ୍ରାମୀ, କାନ୍ତିକାରୀ, ସମାଜବାଦୀ ଜନମାନସର ନେତା ଲୋକନାୟକ ଜୟପ୍ରକାଶ ନାରାୟଣ, ସମାଜ ସଂସ୍କାରକ, ସର୍ବୋଦୟ ଗାନ୍ଧୀବାଦି ନେତା ତଥା ଅହିଂସାର ପୂଜାରୀ ସ୍ୱର୍ଗତ ମନମୋହନ ଚୌଧୁରୀଙ୍କ ଜୟନ୍ତୀ ଓ ଓଡ଼ିଆ ଅସ୍ମିତାର ପ୍ରତୀକ କନିଷ୍ଠ ସଂଗ୍ରାମୀ ଶହୀଦ୍ ବାଜି ରାଉତଙ୍କ ପୂଣ୍ୟତିଥି ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ସଭାପତି ସମାଜସେବୀ ଅମର କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଜନତା ସେବା କେନ୍ଦ୍ର ଚରମ୍ପାରେ ସନ୍ଧ୍ୟା ୫ଟାରେ ପାଳିତ ହୋଇ ଯାଇଛି। ଏହି ସଭାରେ ଜନତା ସେବା କେନ୍ଦ୍ରର ସମ୍ପାଦକ ବିଶ୍ୱନାଥ ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ବରିଷ୍ଠ ନାଗରିକ



ସଂଘର ସମ୍ପାଦକ କୈଳାସ ମହାପାତ୍ର, ବରିଷ୍ଠ ଅଧିବକ୍ତା, ସମାଜସେବୀ ଓ ସୁଖଦୁଃଖର ସାଥି ନିରାକାର ଜେନା, ପ୍ରାକ୍ତନ ଶିକ୍ଷକ, ସାହିତ୍ୟିକ ବାବୁଲାଲ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୁକ୍ତିକାନ୍ତ ମହାପାତ୍ର ଓ ଯୁଧିଷ୍ଠିର ବାରିକ, ଯୁବ ସମାଜସେବୀ ଦେବୀକିଙ୍କର ପାଣିଗ୍ରାହୀ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ, ସର୍ବଶ୍ରୀ ଚାନ୍ଦବାବୁ, ରଘୁନାଥ ମହାରଣା, ଲକ୍ଷ୍ମଣ ବେହେରା, ଆନନ୍ଦ ବେହେରା, ପ୍ରଶାନ୍ତ ଚୌଧୁରୀ ଓ ହରିହର ରାଉତ ଉପରୋକ୍ତ ମହାପୁରୁଷଙ୍କର ଗୁଣାବଣୀ ଓ ସ୍ମୃତିଚାରଣ କରିବା ସଂଗେସଂଗେ ଦିଗଭ୍ରଷ୍ଟ ଜନସାଧାରଣ ଓ ନୀତି ନୈତିକତା ହୀନ ନେତାଙ୍କୁ ଉତ୍ତମ ପଥପ୍ରଦର୍ଶନ କରିବାକୁ ହେଲେ ଉପରୋକ୍ତ ମହାପୁରୁଷଙ୍କ କାର୍ଯ୍ୟ ପ୍ରଣାଳୀ, ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସଂଗେସଂଗେ ଦେଶ ଗଠନରେ ବ୍ରତୀ ହେଲେ ତାହା ତାଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ପ୍ରକାଶ କରିଥିଲେ। ସରକାରଙ୍କ ମଦ ପ୍ରସାର ଓ ପ୍ରଚାର ନୀତିକୁ ସଭାପତି ଶ୍ରୀ ପାଣିଗ୍ରାହୀ ବିରୋଧ କରିବା ସଂଗେସଂଗେ କୋମଳମତି ବାଳକ ବାଳିକାମାନଙ୍କୁ ଓ ଜନସାଧାରଣଙ୍କୁ ସୁନାଗରିକ କରିବାକୁ ହେଲେ ନିଶା ଓ ମଦକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ହେବ ଓ ହିଂସା, ଦୁର୍ଘଟଣାକୁ ରୋକାଯାଇ ପାରିବ। ମୁଖ୍ୟବକ୍ତା ଓ ଅନ୍ୟାନ୍ୟ ଅତିଥିମାନେ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଉଦ୍‌ବେଗ କରିବା ସଂଗେସଂଗେ ଶହୀଦ୍ ବାଜି ରାଉତଙ୍କ ଦେଶପ୍ରେମ ଓ ବଳିଦାନ ଓ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଭାରତ ଛାଡ ଆନ୍ଦୋଳନ, ଭୂଦାନ ଆନ୍ଦୋଳନ, ଦସ୍ୟୁମାନଙ୍କର ଆତ୍ମସମର୍ପଣ, ଜରୁରୀ ପରିସ୍ଥିତି ସମୟରେ ଦେଶବାସୀଙ୍କୁ ନୂତନ ସଂଜୀବନୀ ପ୍ରଦାନ କରିବା ସଂଗେସଂଗେ ଏକଛତ୍ରବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ସମ୍ପୂର୍ଣ୍ଣ କ୍ରାନ୍ତିର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ନିଷ୍ଠାପର, ନିରବଚ୍ଛିନ୍ନ ସଂଗ୍ରାମ ଓ ଉଦ୍ୟମ ଓଡ଼ିଶାବାସୀଙ୍କୁ ସଦାସର୍ବଦା ପ୍ରେରଣା ପ୍ରଦାନ କରିବ ବୋଲି ମନ୍ତବ୍ୟ ଦେଇଥିଲେ। ସର୍ବଶେଷରେ ପ୍ରଫେସର କୈଳାସ ମହାପାତ୍ର ମୂଲ୍ୟବାନ ମନ୍ତବ୍ୟ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ୬ଦଫା ଦାବିରେ ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆମରଣ ଅନଶନ

ଜଳେଶ୍ୱର, ୧୨/୧୦(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କେତେକ ସମସ୍ୟା ନିମନ୍ତେ ଆଜି ବିଜେପି ପକ୍ଷରୁ ଆମରଣ ଅନଶନ ଆରମ୍ଭ ହୋଇଛି । ୬ଦଫା ଦାବି ନେଇ ସେମାନେ ବାଲେଶ୍ୱରର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ୧୦ଦିନ ତଳେ ସୂଚନା ଦେଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ଆଜି ଆମରଣ ଅନଶନ ହୋଇଥିବାର ସେମାନେ ସୂଚନା ଦେଇଛନ୍ତି । ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଖାଲିନା, ନାମ୍ପୋ, ସମ୍ପତ୍ତିଆ ଓ ସୁଗୋ ପଂଚାୟତର ଲୋକେ ସ୍ୱାସ୍ଥ୍ୟ ସମସ୍ୟା ନେଇ ନିର୍ଭର କରିଥାନ୍ତି । ଡାକ୍ତରଙ୍କ ରହିବାଲାଗି କ୍ୱାଟର୍ସ ନିର୍ମାଣ, ଏଏନ୍‌ଏମଙ୍କ ଡେପୁଟେସନ ବାତିଲ କରିବା, ଷ୍ଟାର୍ଫ ନର୍ସଙ୍କ ସ୍ଥାୟୀ ନିଯୁକ୍ତି, ରକ୍ତ, ମଳ, ମୂତ୍ର, କଫ ପରୀକ୍ଷାର ସ୍ଥାୟୀ ବ୍ୟବସ୍ଥା, ବାକିଥିବା ପାଚେରୀ ଓ ଫାଟକ ନିର୍ମାଣ ଓ ଉପଲବ୍ଧ ସରକାରୀ ଔଷଧର ନାମଫଳକ ବୋର୍ଡ ଟାଙ୍ଗିବା ଦାବିରେ ସେମାନେ ଅନଶନ କରିଥିବାର କହିଛନ୍ତି । ପୂର୍ବରୁ ବିଭିନ୍ନ ଦାବି ନେଇ ଅନଶନ ହୋଇଥିବା ବେଳେ ଜାନୁଆରୀ ୬ ତାରିଖରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିଯୁକ୍ତି କରିବାପରେ ଅନଶନ ଭଂଗ ହୋଇଥିଲା । ଏବେ ଅନ୍ୟାନ୍ୟ ଦାବି ସଂପର୍କରେ ଅକ୍ଟୋବର ୧ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତଭାବେ ଜଣାଇଥିଲେ । କିନ୍ତୁ ଉପରୋକ୍ତ ୬ଟି ଦାବି ସଂପର୍କରେ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଆଜି ଜଗଦୀଶ ପ୍ରଧାନ, ସୁଧିର କୁମାର ଭୂୟାଁ, ବିଜୟ କୁମାର ପାତ୍ର, ଯୋଗେନ୍ଦ୍ର ନାଥ ଦେ, ଜ୍ୟୋତିବ୍ରହ୍ମ ଦେ ଓ ଝର ମୁର୍ମୁ ଆମରଣ ଅନଶନରେ ବସିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରମୋହନ ରାଉତ, ଗୋପାଳ ଦତ୍ତ, ଅରୁଣ ବେଜ, ଅଜୟ ଦେ, ହରିଶ୍ଚନ୍ଦ୍ର ହୁଇ, ଯୋଗେଶ ମହାପାତ୍ର, ଭୂପେନ୍ଦ୍ର ଦେତ ପ୍ରମୁଖ ସେମାନଙ୍କ ସମର୍ଥନ କରି ନିକଟରେ ଉପସ୍ଥିତ ଥିଲେ ।

# ନବଗଠିତ ବାଲେଶ୍ୱର ଡମ୍ଫର ମାଲିକ ମହାସଂଘର ପ୍ରଥମ ବୈଠକ

ବାଲେଶ୍ୱର,୧୨/୧୦(ନି.ପ୍ର): ନବଗଠିତ ବାଲେଶ୍ୱର ଜିଲା ଡମ୍ଫର ମାଲିକ ମହାସଂଘର ପ୍ରଥମ ବୈଠକ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡମ୍ଫର ମହାସଂଘର ସଭାପତି କାର୍ତ୍ତିକ ଚନ୍ଦ୍ର ପ୍ରଧାନ ଏଥିରେ ପୌରୋହିତ୍ୟ କରିବା ସହ ଯାଞ୍ଚ ଆଳରେ ଡମ୍ଫର ମାଲିକଙ୍କ ପ୍ରତି ବୃଦ୍ଧି ପାଉଥିବା ପ୍ରଶାସନର ଜୁଲମ ସମ୍ପର୍କରେ ସୂଚନା ଦେଇଥିଲେ। ମହାସଂଘର ଉପଦେଷ୍ଟା ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଡମ୍ଫର ମାଲିକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନର ଦିଗ ଉପରେ ଆଲୋଚନା କରିଥିଲେ। ବିଶେଷ କରି ଲଘୁ ଖଣିଜ ଦ୍ରବ୍ୟ ପରିବହନରେ ଆବଶ୍ୟକ କେ'ଫର୍ମର ସ୍ୱଚ୍ଛତାକୁ ନେଇ ଉଠିଥିବା ବିବାଦ ଓ ଏହାର ଯାଞ୍ଚ ଆଳରେ ଗାଡ଼ିକୁ ଦୀର୍ଘ ସମୟ ଅଟକି ରଖିବା ପ୍ରସଙ୍ଗରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଯୁବନେତା ସନ୍ତୋଷ ଖଟୁଆଙ୍କ ସମେତ ସଂଗଠନର ଉପ-ସଭାପତି ଶିଶିର କୁମାର ରାଉତ, ସମ୍ପାଦକ ପ୍ରଣବ କୁମାର ଗୋସ୍ୱାମୀ ଓ କୋଷାଧକ୍ଷ ସୁଧାସିନ୍ଧୁ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ଡମ୍ଫର ମାଲିକଙ୍କ ପ୍ରତି କରାଯାଉଥିବା ଅବିଚାରକୁ ନେଇ ଉଦବେଗ ପ୍ରକାଶ କରିଥିଲେ। କେ' ଫର୍ମ ଯାଞ୍ଚ ଆଳରେ ଗାଡ଼ିକୁ ଦୀର୍ଘ ଘଣ୍ଟା ଅଟକ ରଖିବା, ଗାଡ଼ି ଓ ପରିବହନ ହେଉଥିବା ଲଘୁ ଖଣିଜ ସାମଗ୍ରୀର କାଗଜପତ୍ର ଠିଖ ଥାଇ ମିଥ୍ୟା ମାମଲା ରୁଜୁ କରାଯିବା ଏବଂ ମନଇଚ୍ଛା ଜରିମାନା ଆଦାୟ କରାଯିବା ଆଦି ପ୍ରଶାସନର ବେଆଇନ କାର୍ଯ୍ୟ ଯୋଗୁଁ ଡମ୍ଫର ମାଲିକମାନେ ନିୟମିତ କ୍ଷତି ସହି ଚାଲିଛନ୍ତି ବୋଲି ସେମାନେ କହିଥିଲେ। ତେବେ ଉଲ୍ଲେଖନୀୟ ବିଷୟ ହେଲା ଯାଜପୁର ଜିଲାର ବୈତରଣୀ ନଦୀ ସଇରାତରୁ ବାଲି ନେଇ କେ' ଫର୍ମ ସହ ଡମ୍ଫର ବାଲେଶ୍ୱର ଜିଲାକୁ ନିୟମିତ ଆସୁଛି। ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ରାଜସ୍ୱ ବିଭାଗ ପକ୍ଷରୁ ନିୟମିତ ଦିନରାତି ଡମ୍ଫର ଅଟକାଇ ଯାଞ୍ଚ କରାଯାଉଛି।

# ଦୁର୍ଘଟଣା ଶୂନ୍ୟ ଭସାଣି ପାଇଁ ସମସ୍ତେ ଯତ୍ନବାନ୍ ହୁଅନ୍ତୁ : ଜିଲ୍ଲାପାଳ




ଭଦ୍ରକ,୧୨/୧୦(ନି.ପ୍ର): ଓଡ଼ିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା ଓ ଦୀପାବଳୀ ଉତ୍ସବ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଦ୍ୱାରା ଆହୂତ ଶାନ୍ତି କମିଟି ବୈଠକ ଗତକାଲି ତା୧୧.୧୦.୨୨ରିଖ ମଙ୍ଗଳବାର ଅପରାହ୍ନରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏସ୍.ପି. ଚରଣ ସିଂ ମୀନା, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ଜୁଡ଼ିସିଆଲ କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇଥିଲେ। ଦୀପାବଳୀ ଅମାବାସ୍ୟା, କାଳିପୂଜା ପଡୁଥିବା ଅକ୍ଟୋବର ୨୪ ସୋମବାର ଦିନ ଠାରୁ ପ୍ରାୟ ଏକ ସପ୍ତାହ ଧରି ଚରମ୍ପା ବଜାର, ରେଳ ଷ୍ଟେସନ୍ ଭଦ୍ରକ ସହର, ପୁରୁଣାବଜାର ଆଦି ଅଞ୍ଚଳରେ ୧୩ଟି କାଳୀପୂଜା ମେଢ଼କୁ ନେଇ ଆୟୋଜିତ ହେବାକୁ ଥିବା ପ୍ରସିଦ୍ଧ ଭଦ୍ରକ କାଳୀପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବା ପାଇଁ ଏହି ପ୍ରସ୍ତୁତି ବୈଠକରେ ଆନୁସଙ୍ଗିକ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକର ଆରମ୍ଭରେ ଗତ ଦୁର୍ଗାପୂଜାରେ ଜାନୁଗଞ୍ଜ ମେଢ଼ ଭସାଣି ବେଳେ ସାଳନ୍ଦୀ ନଦୀରେ ଭାସିଯାଇ ଜଣେ ମୃତ ଓ ଜଣେ ଗୁରୁତର ଘଟଣା ଭଳି ଆଗକୁ ଯେକୌଣସି ପର୍ବ ପାଳନରେ ଦେବାଦେବୀଙ୍କ ମେଢ଼ ଭସାଣିରେ ସେପରି ଘଟଣା ଯେପରି ନଘଟେ ସେଥିପ୍ରତି ପୂଜାକମିଟିର କର୍ମକର୍ତ୍ତାମାନେ ସତର୍କତା ଅବଲମ୍ବନ କରିବେ ଓ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଶେଷକରି ଭସାଣି ପାଇଁ ବୈଠକରେ ଧାର୍ଯ୍ୟ କରାଯାଉଥିବା ସମୟ ମୁତାବକ ଶୋଭାଯାତ୍ରା ବାହାରିବା ଓ ଭସାଣି ଶେଷ କରିବା ଦିଗରେ ପୂଜା କମିଟି ମାନେ ଯତ୍ନବାନ ହୁଅନ୍ତୁ ବୋଲି ଏସ୍.ପି. ପ୍ରକାଶ କରିଥିଲେ। ଆସନ୍ତା କାଳୀପୂଜାରେ ଡି.ଜେ. ବ୍ୟବହାର ନିଷେଧ କରିବା ସହିତ ମଦ ଦୋକାନ ମଧ୍ୟ ବନ୍ଦ ରହିବ ବୋଲି ସେ କହିଥିଲେ। ଚଳିତ ବର୍ଷର କାଳିପୂଜାରେ ନଭେମ୍ବର ୩ ତାରିଖରେ ଭସାଣି ଉତ୍ସବ ପାଇଁ ବୈଠକରେ ଉପସ୍ଥିତ ୯ଟି ପୂଜା କମିଟିର ସଦସ୍ୟମାନେ ଦାବି କରିଥିଲେ ମଧ୍ୟ ଧାମନଗର ଉପନିର୍ବାଚନ ଯୋଗୁଁ ପ୍ରଶାସନ ଏ ପ୍ରସ୍ତାବକୁ ଅନୁମୋଦନ କରିନଥିଲେ। ସର୍ବସମ୍ମତି କ୍ରମେ ଅକ୍ଟୋବର ୩୧ ତାରିଖରେ ଭସାଣି ପାଇଁ ନିଷ୍ପତ୍ତି ନିଆଗଲା। ଏସ୍.ପି.ଙ୍କ ଦ୍ୱାରା ପ୍ରଦତ୍ତ ପ୍ରସ୍ତାବ କ୍ରମେ ଅତିବେଶୀରେ ରାତ୍ରି ୯ଘଟିକା ସୁଦ୍ଧା ଭସାଣି ସମାପ୍ତ କରିବାକୁ ପୂଜା କମିଟିର କର୍ମକର୍ତ୍ତାମାନେ ସମ୍ମତି ପ୍ରଦାନ କରିଥିଲେ। ଡାହାଣୀଗଡ଼ିଆ ଠାରୁ ଚରମ୍ପା ପର୍ଯ୍ୟନ୍ତ ରାସ୍ତାରେ ଆଲୋକ ବ୍ୟବସ୍ଥା, ମେଳା ସମୟରେ ପ୍ରତି ୧୦୦ ମିଟର ବ୍ୟବଧାନରେ ଅସ୍ଥାୟୀ ଶୌଚାଳୟ, ସଫେଇ ଓ ବ୍ଲିଚିଂ ବ୍ୟବସ୍ଥା, ମେଳା ଓ ମେଢ଼ ଅଞ୍ଚଳକୁ ସଂଯୋଗ ଥିବା ଅତ୍ୟନ୍ତ ଖରାପ ରାସ୍ତାର ମରାମତି, ମେଢ଼ ବିସର୍ଜନ ପାଇଁ ଭଲ ରାସ୍ତା ଓ ପରିଷ୍କାର ପରିଚ୍ଛନ୍ନ ଥିବା ଜାଗାରେ କୃତ୍ରିମ ପୋଖରୀ ବ୍ୟବସ୍ଥା ଆଦି ପାଇଁ କର୍ମକର୍ତ୍ତା ମାନଙ୍କ ତରଫରୁ ପ୍ରଶାସନ ନିକଟରେ ଦାବି ଜଣାଇଥିଲେ। ଏସବୁ ଦିଗରେ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ଏବଂ ଶୌଚଳୟ ପାଇଁ ଜାଗା, ମରାମତି ହେବାକୁ ଥିବା ରାସ୍ତା, ବିସର୍ଜନ ପାଇଁ କୃତ୍ରିମ ପୋଖରୀ ପାଇଁ ଜାଗା ଚିହ୍ନଟ ରେ ପୂଜାକମିଟିର କର୍ମକର୍ତ୍ତା ମାନେ ସହଯୋଗ କରିବାକୁ କହିଥିଲେ। କୋଭିଡ୍ ପାଇଁ ଦୁଇ ବର୍ଷ ଧରି ମେଳା ବନ୍ଦ ଥିବାରୁ ଚଳିତ ବର୍ଷ ରେଳଯାତ୍ରୀ ସମାଗମ ସାଙ୍ଗକୁ ଦର୍ଶକଙ୍କୁ ନେଇ ପ୍ରବଳ ଜନଗହଳି ସମ୍ଭାବନା ଥିବାରୁ ଟ୍ରାଫିକ୍ ନିୟନ୍ତ୍ରଣ, ପକେଟ୍‌ମାର୍, ଛିନ୍‌ତାଇ ଭଳି ଚୋରି ଘଟଣା ନିୟନ୍ତ୍ରଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

# ଓଡ଼ିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା ଉପଲକ୍ଷେ 'ମହାସଂସ୍କୃତିର ଜାଗରଣ ଯାତ୍ରା' ସମାରୋହ



ଭଦ୍ରକ,୧୨/୧୦(ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକର ଏକ ବୈଠକ ସ୍ଥାନୀୟ ବାଲଗୋପାଲ ମନ୍ଦିର ପରିସରରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବ ବର୍ଷ ପରି ଚଳିତ ବର୍ଷ ଭଦ୍ରକର ପ୍ରସିଦ୍ଧ କାଳୀପୂଜା ଉପଲକ୍ଷେ ସମିତି ପକ୍ଷରୁ 'ମହା ସଂସ୍କୃତିର ଜାଗରଣ ଯାତ୍ରା' ମହାସମାରୋହରେ ୫ ଦିନ ବ୍ୟାପୀ ପାଳନ କରାଯିବାକୁ ସ୍ଥିର କରାଗଲା। ଗତ ଦୁଇବର୍ଷ ଧରି କୋଭିଡ୍ ନିୟମ ଯୋଗୁଁ ଏହା ବନ୍ଦ ରହିଥିଲା। ବୈଠକରେ ଗୃହୀତ ପ୍ରସ୍ତାବରେ ସ୍ୱର୍ଗତ ବିଷ୍ଣୁ ସେଠୀ ଓ ଚିତ୍ରଶିଳ୍ପୀ ସ୍ୱର୍ଗତ ଅଶୋକ କୁମାର ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସହ ସେମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରା ଯାଇଥିଲା। ଅନ୍ୟ ଏକ ପ୍ରସ୍ତାବରେ ହିନ୍ଦୁ ଦେବାଦେବୀଙ୍କ ଫଟୋଚିତ୍ରକୁ ତୀବ୍ର ନିନ୍ଦ କରାଯାଇ ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବାକୁ ସ୍ଥିର କରାଗଲା। ମହାସଂସ୍କୃତିର ଜାଗରଣ ଯାତ୍ରା ପାଇଁ ଅତିଥି ଚୟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଥିଲା। ଏହି ବୈଠକରେ ମୁଖ୍ୟଆବାହକ ସେବକ ଶରତ କୁମାର ସାହୁ ବିବରଣୀ ପାଠ କରିଥିଲେ ଓ ସହଆବାହକ ବାବୁଲାଲ ଦାସ, ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡା, ଶନେଇ ଶିଅଳ, ପଦ୍ମଲୋଚନ ମହାପାତ୍ର, ନାରାୟଣ ଚନ୍ଦ୍ର ପ୍ରଧାନ, ସନାତନ ସାହୁ, କାହ୍ନୁ ଚରଣ ଦାଶ, ଲକ୍ଷ୍ମୀଧର ଖଟୁଆ, କମଳାକାନ୍ତ ମଲ୍ଲିକ, ସୁରେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ।

## ସତ୍ୟସାଇ ବାବାଙ୍କ ପାଦୁକା ରଥଯାତ୍ରା

ବାଲେଶ୍ୱର,୧୨/୧୦(ନି.ପ୍ର): ଆନ୍ଧ୍ର ପ୍ରଦେଶର ପୁଟ୍ଟପର୍ତ୍ତିରୁ ବାହାରି ଭୁବନେଶ୍ୱରର ସାଇ ଜନନୀରେ ପହଞ୍ଚିଥିବା ସତ୍ୟସାଇ ବାବାଙ୍କ ପାଦୁକା ରଥକୁ ଏବେ ସବୁଠି ଭବ୍ୟ ସମ୍ବର୍ଦ୍ଧନା ଦିଆଯାଉଛି। ଗତ ୬ ତାରିଖରେ ଏହି ରଥ ତେଲେଙ୍ଗାସାହି ସ୍ଥିତ ସାଇ ମନ୍ଦିରରୁ ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା।ଏବେ ଚାନ୍ଦମାରୀ ପଡ଼ିଆ ହୋଇ ନୂଆଗାଁ ଓ ରେମୁଣା ଯାତ୍ରା କରିଥିଲା। ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା ପରେ ଏହି ପାଦୁକା ରଥ ପୁଣି ସଦର ମହକୁମାକୁ ଫେରିବ ବୋଲି ସତ୍ୟସାଇ ସେବା ସମିତି ପକ୍ଷରୁ ସୂଚନା ଦିଆଯାଇଛି। ବାବାଙ୍କର ପାଦୁକା ରଥକୁ ନଗର ପରିକ୍ରମା କରିବା କାର୍ଯ୍ୟକ୍ରମରେ ସତ୍ୟସାଇ ବିଦ୍ୟାବିହାର ପରିଚାଳନା କମିଟିର ସଭାପତି ଡ. ରମାକାନ୍ତ ନାୟକ, ସଂପାଦକ ନିରୋଦ ଚନ୍ଦ୍ର ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ନାୟକ, ବାଲେଶ୍ୱର ସାଇସମିତିର ଜିଲ୍ଲା ସଭାପତି ଶ୍ୟାମ ଚରଣ ଦାସ ମହାପାତ୍ର, ବାଲେଶ୍ୱର ସାଇ ସମିତି-୧ର ଆବାହକ ନିହାର ରଞ୍ଜନ ବାରିକ, ଧର୍ମେଶ ଶତପଥୀ, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ସକ୍ରିୟ ସଭ୍ୟ, ସଭ୍ୟାମାନେ ତଥା ଭକ୍ତଗଣ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ସାଧାରଣ ଲୋକଙ୍କ ଜୀବନରେ ମୂଳଭୂତ୍ ପରିବର୍ତ୍ତନ ଆଣିବା ହିଁ ସୁଶାସନ : ଧର୍ମେନ୍ଦ୍ର ପ୍ରଧାନ



ଗାନ୍ଧିନଗର,୧୨/୧୦(ନି.ପ୍ର): ଦେଶର ସାଧାରଣ ଲୋକଙ୍କ ଜୀବନରେ ମୂଳଭୂତ୍ ପରିବର୍ତ୍ତନ ଆଣିବା ହିଁ ସୁଶାସନ। ଯେଉଁ କଥାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାମରେ କରି ଦେଖାଉଛନ୍ତି ବୋଲି ବୁଧବାର ଗୁଜୁରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ 'ସୁଶାସନ' ଉପରେ ସାକ୍ଷାତ୍ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୋଦି ସରକାରରେ ଦେଶରେ 'ମିନିମମ୍ ଗଭର୍ଣ୍ଣମେଣ୍ଟ, ମ୍ୟାକ୍ସିମମ୍ ଗଭର୍ଣ୍ଣାନ୍ସ'କୁ ଗୁରୁତ୍ୱ ଦିଆଯାଉଛି। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ସ୍ୱାଧୀନତା ଦିବସରେ ଦେଶର ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀ ଏବଂ ମହିଳା ମାନଙ୍କ ପାଇଁ ଘରେ ଘରେ ଶୌଚାଳୟ ନିର୍ମାଣ କରିବା ଘୋଷଣା କଲେ। ମହିଳାଙ୍କ ସମେତ ସବୁ ଲୋକଙ୍କ ପାଇଁ ବ୍ୟାଙ୍କ ଖାତା ଖୋଲାଯିବା ନେଇ ଘୋଷଣା କଲେ। ପରେ ମହିଳା ମାନଙ୍କୁ କାଠଚୂଲା ଧୂଆଁରୁ ମୁକ୍ତି ଦେବା ପାଇଁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଘୋଷଣା କରିଥିଲେ। ଏହି ସବୁ ଜନକଲ୍ୟାଣକାରୀ ପଦକ୍ଷେପ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷା କରିବା ସହ ସେମାନଙ୍କୁ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେଇଛି। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ ଦ୍ୱାରା ମହିଳାମାନଙ୍କୁ ସମ୍ମାନ ମିଳିଛି। ପୂର୍ବରୁ ଦେଶରେ କାଠଚୂଲାରେ ରୋଷେଇ କରିବା କାରଣରୁ ଦେଶରେ ବାର୍ଷିକ ୫ ଲକ୍ଷ ମହିଳାଙ୍କ ମୃତ୍ୟୁ ହେଉଥିଲା। ମାତ୍ର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ପ୍ରାୟ ୯ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗ୍ୟାସ ପହଞ୍ଚାଯାଇ ସେମାନଙ୍କୁ ଧୂଆଁରୁ ମୁକ୍ତି ଦିଆଯାଇଛି। ଜନଧନ ଯୋଜନାରେ ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପହଞ୍ଚିଛି। ଏହା ହିଁ ସୁଶାସନ। ମୋଦି ସରକାର ମହିଳା ସଶକ୍ତିକରଣର ନୂଆ ପରିଭାଷା ବଦଳାଇଛନ୍ତି।

# ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର କର୍ମଶାଳା ଅନୁଷ୍ଠିତ




ବାରିପଦା, ୧୨/୧୦(ନି.ପ୍ର): ମୟୁରଭଂଜ ଫଟୋଗ୍ରାଫାର ଭିଡିଓ ଗ୍ରାଫାର ସଂଘ ଏବଂ ଓଡିଶା ଫଟୋଗ୍ରାଫର ମହାସଂଘର ମିଳିତ ସହଯୋଗରେ ନିକୋନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା ବାରିପଦା ଷ୍ଟାଡିୟମ କନଫରେନ୍ସ ହଲରେ ଏକ ଫଟୋଗ୍ରାଫି ଓ ଭିଡିଓ ଗ୍ରାଫି କାର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କର୍ମଶାଳାକୁ ମୟୁରଭଂଜ ଫଟୋଗ୍ରାଫାର ଭିଡିଓ ଗ୍ରାଫାର ସଂଘର ସଭାପତି ସଂଜୀବ କୁମାର ଦ୍ୱିବେଦୀ, ସମ୍ପାଦକ ଭବାନୀ ଶଙ୍କର ରାମ, ନିକୋନ କମ୍ପାନୀ ତରଫରୁ ସୌମ୍?ଯଜିତ ମୈତ୍ର, ଡେପୁଟି ମ୍ୟାନେଜର ସେଲସ ଦେବେଶ ମାଝୀ, ଏଜିଏମ ଦେବାଂଶୁ ପଟ୍ଟନାୟକ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ମଶାଳାକୁ ଉଦଘାଟନ କରିଥିଲେ। ଏହି କାର୍ମଶାଳା ରେ ୮୦ ରୁ ଉର୍ଦ୍ଧ୍ୱ ଫଟୋଗ୍ରାଫାର ଓ ଭିଡିଓ ଗ୍ରାଫାର ଯୋଗ ଦେଇ ଦିନକୁ ଦିନ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବାକୁ ପାଇଥିଲେ ତା ଛଡା ଫଟୋଗ୍ରାଫିକୁ ବୃତି କରି କିପରି ନିଜକୁ ପ୍ରତିଷ୍ଠିତ କରିପାରିବେ ସେ ବିଶଦୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶେଷରେ ଜି. ଜାନକୀ ରାମ ଧନ୍ୟବାଦ ଅର୍ପଣ କରିଥିଲେ।

# ସୂଚନା ଅଧିକାର ଆଇନ କାର୍ଯ୍ୟକାରିତା ସମ୍ପର୍କିତ କର୍ମଶାଳା

ବାଲେଶ୍ୱର,୧୨/୧୦(ନି.ପ୍ର): ଓଡ଼ିଶା ସୂଚନା ଅଧିକାର ଅଭିଯାନ, ବାଲେଶ୍ୱର ଶାଖା ପକ୍ଷରୁ 'ସୂଚନା ଅଧିକାର ଆଇନର ୧୭ବର୍ଷ ପୂର୍ତ୍ତି ଓ ଓଡ଼ିଶାର ଦୃଶ୍ୟପଟ' ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ଉଦ୍ୟୋଗ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ରାଜ୍ୟ ଆବହକ ପ୍ରଦୀପ କୁମାର ପ୍ରଧାନ ଏଥିରେ ଯୋଗଦେଇ ଆଲୋଚନାଚକ୍ରକୁ ଉଦଘାଟନ କରିବା ସହ ଓଡ଼ିଶାରେ ସୂଚନା ଅଧିକର ଆଇନ-୨୦୦୫ କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଭାପତି ସଞ୍ଜୀବ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିତେନ୍ଦ୍ର କୁମାର ସାହୁ, ପ୍ରକାଶ କୁମାର ଜେନା, ହରେକୃଷ୍ଣ ଦାସ, ଅଶୋକ କୁମାର ଦତ୍ତ, ନିରଞ୍ଜନ ପ୍ରସାଦ ବାରିକ, ନିତ୍ୟାନନ୍ଦ ମିଶ୍ର, ବିମଳ କୁମାର ଦଳେଇ ପ୍ରମୁଖ ଏଥିରେ ବରେଣ୍ୟ ବକ୍ତା ଭାବେ ଯୋଗଦେଇ ଓଡ଼ିଶାରେ ସୂଚନା ଅଧିକାର ଆଇନର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ବର୍ଷର ବିଜେଡି ସରକାରରେ୧୭ବର୍ଷର ସୂଚନା ଅଧିକାର ଆଇନରୁ ଓଡ଼ିଶାର ଲୋକେ କେତେ ସୂଚନା ପାଇଛନ୍ତି ଓ ରାଜ୍ୟରେ ଏହି ଆଇନ କାର୍ଯ୍ୟକାରିତାରେ କେତେ ସଫଳତା ମିଳିଛି, ତାହା ସୂଚନା ଅଧିକାର କର୍ମୀମାନେ ହିଁ ବେଶୀ କହିପାରିବେ ବୋଲି ବକ୍ତାମାନେ କହିଥିଲେ। ତେବେ ଏହି ଆଇନକୁ ସଠିକ କାର୍ଯ୍ୟକାରୀ ନେଇ ବିଭିନ୍ନ ବିଭାଗର ଅଧିକାରୀଙ୍କ ସାଧୁମାନସିକତା ଏକାନ୍ତ ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ। ଅନ୍ୟପକ୍ଷରେ ଏହି ଆଇନର ଦୁରୁପଯୋଗ ସଫଳ କାର୍ଯ୍ୟକାରିତାରେ ଅନ୍ତରାୟ ହୋଇଛି। ବ୍ୟସ୍ତ କାର୍ଯ୍ୟଧାରା ମଧ୍ୟରେ ବିଭାଗୀୟ ଅଧିକାରୀଙ୍କୁ ଅସୁବିଧାରେ ପକାଇବା ଉଦ୍ଦେଶ୍ୟରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହି ଆଇନକୁ ଆୟୁଧ କରିବା ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ କହିଥିଲେ। ଏନେଇ ସୂଚନା ଅଧିକାରୀ ଓ ଆବେଦନକାରୀଙ୍କ ମାନସିକତାରେ ସ୍ୱଚ୍ଛତା ରହିବା ଏକାନ୍ତ ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ।

# ଚୋରା ବେଆଇନ କ୍ରସର ୟୁନିଟକୁ ସିଲ କଲା ନୀଳଗିରି ପ୍ରଶାସନ

ନୀଳଗିରି,୧୨/୧୦(ନି.ପ୍ର): ନୀଳଗିରି ଅଂଚଳରେ ବିଭିନ୍ନ ଚୋରା ପଥର ଖାଦାନ ଚାଲୁଥିବାବେଳେ ପଥର ମାଫିଆମାନେ ଉକ୍ତ ସବୁ ଚୋରା ପଥର ଗୁଡ଼ିକୁ ତହସିଲଦାରଙ୍କ ଭୟରେ ଅନ୍ୟାନ୍ୟ କ୍ରସର ୟୁନିଟକୁ ସପ୍ଲାଏ କରିପାରୁ ନ ଥିବା ବେଳେ ଜଙ୍ଗଲ ମଧ୍ୟରେ ଥିବା ଏକ କ୍ରସର ୟୁନିଟକୁ ଚୋରାରେ ଦେଇ ଆସୁଥିବା ବେଳେ ବେଆଇନ କ୍ରସର ୟୁନିଟର ମାଲିକ କମ ଦରରେ ପଥର କ୍ରୟ କରି ଲକ୍ଷ ଲକ୍ଷ ଟଙ୍କା ଲାଭବାନ ହୋଇଆସୁଥିଲା। ସୂଚନା ଅନୁସାରେ ନୀଳଗିରି ତହସିଲ ଅଧିନସ୍ଥ ପୋଡ଼ାଶୁଳ ବାଦାମବାଡ଼ିରେ ଥିବା ଆପେକ୍ସ କ୍ରସର ୟୁନିଟରେ ବର୍ଷ ବର୍ଷ ଧରି ବେଆଇନ ଭାବେ ଚଳାଇ ଆସୁଥିବା ବେଳେ ସଠିକ୍ କାଗଜପତ୍ର ନ ଥିବାରୁ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ୧ ବର୍ଷ ପୂର୍ବରୁ ଉକ୍ତ କ୍ରସର ୟୁନିଟକୁ ସିଲ କରିବା ସହ ନାଲିଫିତା ପୋତି ଦେଇଥିଲେ। ମାତ୍ର କ୍ରସର ୟୁନିଟର ମାଲିକ ଏ ନେଇ ନୀଳଗିରିର ତତ୍‌କାଳିନ ଉପଜିଲ୍ଲାପାଳଙ୍କ କୋର୍ଟରେ ଏକ ପିଟିସନ ଦାଏର କରିଥିଲେ। ପରେ ଉପଜିଲ୍ଲାପାଳ କ୍ରସର ୟୁନିଟ ଉପରୁ ସିଲ୍ ଖୋଲି ଦେଇଥିଲେ। ୟୁନିଟର ମାଲିକ ପୁର୍ନବାର କ୍ରସର ଚାଲୁ କରିବା ସହ କ୍ରସରକୁ ସବୁ ଚୋରା ପଥରକୁ କ୍ରୟ କରି ଚଢ଼ା ଦରରେ ଚିପସ ବିକ୍ରି କରି ଆସୁଥିଲା। ଏ ନେଇ ତହସିଲଦାର, ପଲ୍ୟୁସନ ବିଭାଗ, ନୀଳଗିରି ପୋଲିସ, ବିଦ୍ୟୁତ୍ ବିଭାଗ, ତହସିଲ କର୍ମଚାରୀ, ସଜନାଗଡ଼ ଆର.ଆଇ., ଅଯୋଧ୍ୟା ଆର.ଆଇ. ପ୍ରମୁଖ କ୍ରସର ୟୁନିଟ ନିକଟରେ ପହଂଚିଥିଲେ। ମାତ୍ର କ୍ରସରର ମୁଖ୍ୟ ଫାଟକରେ ମାଲିକ ଜାଣିଶୁଣି ତାଲା ପକାଇ ଦେଇଥିଲେ। ମାଲିକ ସହିତ ଯୋଗାଯୋଗ ହୋଇ ନ ପାରିବାରୁ ଅଧିକାରୀମାନେ ତାଲା ଭାଙ୍ଗି ବିଭିନ୍ନ ସ୍ଥାନରେ ନାଲି ଫିତା ବାନ୍ଧିଛନ୍ତି।

# ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାରିପଦା,୧୨/୧୦(ନି.ପ୍ର): ବାରିପଦା ଷ୍ଟାଡିୟମ ଠାରେ ମୟୂରଭଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ମୟୂରଭଂଜ ଏଥେଲେଟିକ ଆସୋସିଏସନର ମିଳିତ ସହଯୋଗରେ ଅକ୍ଟୋବର ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ୧୭ ବର୍ଷରୁ କମ ବର୍ଗର ବାଳକ ବାଳିକା ମାନଙ୍କର ଜିଲ୍ଲା ସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୨ ଆଜି ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ଉଦଘାଟନ କରିବାସହ କ୍ରୀଡାବିତ ମାନେ ଉତମ ଖେଳାଳୀ ରୂପେ ନିଜକୁ ଗଢି ତୋଳି ରାଜ୍ୟ ତଥା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ଭାବେ ମୟୂରଭଂଜ ଏସ.ପି. ଋଷିକେଶ ଦ୍ୟାନଦେଓ ଖିଲାରୀ, ସମ୍ମାନୀତ ଅତିଥି ରୂପେ ବାରିପଦା ଉପ-ଜିଲ୍ଲାପାଳ ଅନ୍ୟା ଦାସ, ଯୋଗଦେଇ ମୟୂରଭଂଜ ଫୁଟବଲର ଗୌରବମୟ ଇତିହାସକୁ ଫେରାଇ ଆଣିବାପାଇଁ ଆହ୍ୱାନ ଦେଇଥିଲେ। ମୟୂରଭଂଜ ଜିଲ୍ଲା ଶିକ୍ଷାଧିକାରୀ ନବ କିଶୋର ଗିରିଙ୍କ ସଭାପତିତ୍ୱରେ ମୟୂରଭଂଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ମୟୂରଭଂଜ ଜିଲ୍ଲା ଶାରିରୀକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକ ପ୍ରତିଯୋଗୀତାର ନୀୟମାବଳୀ ଉଲ୍ଲେଖ କରିଥିବା ବେଳେ, ଅତିଥି ମାନଙ୍କ ଦ୍ୱାରା ଫୁଟବଲ ଫର ଅଲ ଅବସରରେ ଆଜି ବାରିପଦା ବ୍ଲକର ୧୦ଟି ବିଦ୍ୟାଳୟକୁ ୪ଟି ଲେଖାଏଁ ଫୁଟବଲ ପ୍ରଦାନ କରାଯାଇଛି ଏବଂ ପର୍ଯ୍ୟାୟ କ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଫୁଟବଲ ବଂଟନ କରାଯିବ ବୋଲି ଜଣାଯାଇଛି। ଏମ.ପି.କେ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ଏମ.କେ.ସି. ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ହୋଇଥିବା ବେଳେ, ଶିକ୍ଷକ ସୋମନାଥ ସିଂ ମଂଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ଣ୍ଣାମେଂଟରେ ଜିଲ୍ଲାର ସମସ୍ତ ବ୍ଲକରୁ ୨୬ଟି ବାଳକ ଟିମ ଓ ୨୧ଟି ବାଳିକା ଟିମରେ ୮୪୬ କ୍ରୀଡାବିତଙ୍କ ସହ ବିଭିନ୍ନ ବିଭାଗର ଅଫିସିଆଲ ଏବଂ ଟିମେନେଜର ମାନେ ଯୋଗ ଦେଇଛନ୍ତି।

# ରୋଟାରୀର ଆନ୍ତର୍ଜାତିକ ବାଳିକା ଦିବସ ପାଳିତ

## ଆଜିର ଝିଅ ଆସନ୍ତା କାଲିର ମା : କନ୍ୟାଟିଏ ସୁସ୍ଥ ସମାଜ ଗଠନ କରିପାରେ




ଜଳେଶ୍ୱର, ୧୨/୧୦(ନି.ପ୍ର): ସମାଜରେ କନ୍ୟାଟିଏ ସୁରକ୍ଷିତ ରହିଲେ ଆସନ୍ତାକାଲିର ମା ସୁସ୍ଥ ସମାଜ ଗଠନ କରିପାରେ ବୋଲି ଆନ୍ତର୍ଜାତୀକ ବାଳିକା ଦିବସ ଅବସରରେ ଦୀପଶିକ୍ଷା ଟ୍ରଷ୍ଟ ଓ ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ଏକ ସଚେତନତା କର୍ମଶାଳାରେ ମତପ୍ରକାଶ ପାଇଛି। ମୂରଲୀ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏପରି ଏକ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଭାପତି ଡା. ଦୀପ୍ତିମୟୀ ମହାପାତ୍ର ଅଧ୍ୟକ୍ଷତା କରି ଝିଅ ସଶକ୍ତ ଓ ସୁସ୍ଥ ରହିଲେ ସାମାଜିକ ସନ୍ତୁଳନ ରକ୍ଷା ହୋଇ ପାରିବ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ ଯୋଗ ଦେଇ ନାବାଳିକା କନ୍ୟାର ସୁରକ୍ଷା ଲାଗି ପିତାମାତା ଓ ପରିବାର ଅଧିକ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। କନ୍ୟାରତ୍ନର ସୁରକ୍ଷାଲାଗି ଆଇନ୍‌ଗତ ବ୍ୟବସ୍ଥା କଡାକଡି ଥିବା ବେଳେ ଏହାର ସଦ୍‌ଉପଯୋଗଲାଗି ଆହ୍ୱାନ ଦେଇଥିଲେ। ପ୍ରତିଦିନ ସମଗ୍ର ଦେଶରେ ନିର୍ଯ୍ୟାତନାର ଶିକାର ହେଉଥିବା ନା ବାଳିକାଙ୍କ ମଧ୍ୟରୁ ୩୦ ପ୍ରତିଶତ ରକ୍ତ ସମ୍ପର୍କୀୟ, ୬୦ ପ୍ରତିଶତ ନିକଟ ସମ୍ପର୍କୀୟ ଓ ଅନ୍ୟ ୧୦ପ୍ରତିଶତ ଆଗନ୍ତୁକ ମାନଙ୍କ ଦ୍ୱାରା ହୋଇଥାଏ ବୋଲି ସେ ଏକ ସର୍ବେକ୍ଷଣରୁ ପ୍ରକାଶ କରିଥିଲେ। ଏଥିରେ ମୁଖ୍ୟ ବକ୍ତାଭାବେ ଦୀପଶିକ୍ଷା ଟ୍ରଷ୍ଟର ଅଧ୍ୟକ୍ଷ ଡା. ବେଣୁଧର ହୁଇ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଝିଅମାନଙ୍କ ସୁରକ୍ଷା ୧୯୯୫ରେ ବେଜିଂଠାରେ ଆଲୋଚନା ଚକ୍ର ହୋଇଥିବା ବେଳେ ଭାରତରେ ଜୁଭେନିୟର ବୋର୍ଡ ଓ ପୋସ୍କଭଳି କଡା ଆଇନ୍ ପ୍ରଣୟନ ହୋଇଛି। ଏଥିଲାଗି ଜନସଚେତନତା ଆବଶ୍ୟକତା ସଂପର୍କରେ କହିଥିଲେ। ଅତିଥିଭାବେ ବିଜୟ କାମିଲା ଓ ରୋଟାରୀ କ୍ଲବର ସଂପାଦକ ସତ୍ୟନାରାୟଣ ସିଂ, ରାଜେଶ ଖଟୁଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଭାତ କୁମାର ସାହୁ ମଂଚ ଆହ୍ୱାନ କରିଥିବା ବେଳେ ପ୍ରଫୁଲ୍ଲ କୁମାର ଦାସ ମଂଚ ସଞ୍ଚାଳନ କରିଥିଲେ। ଶେଷରେ ସତ୍ୟସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo